६ ▶ ଟି-୨୦ ବିଶ୍ୱକପ୍ : ଓମାନକୁ ୯୬ ରନରେ ହରାଇଲା ଆୟର୍ଲାଣ୍ଡ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
# ସମ୍ବାଦ କଳିକା
The Sambad Kalika
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
E-mail : sambadkalikanews@gmail.com
● ବର୍ଷ–୩୩ ● ସଂଖ୍ୟା–୧୮ ● ୧୫ ଫେବୃଆରୀ ୨୦୨୬, ରବିବାର ● ଭୁବନେଶ୍ୱର ● Vol -33 ● Issue-18 ● 15th February 2026, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ୧୦୦ କୋଟିର ଟେକ୍ସଟାଇଲ୍ ପାର୍କ, ୧୮୭ କୋଟିର ଡାଟା ସେଣ୍ଟର ଶିଳାନ୍ୟାସ

# ବହୁବିଧ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା କରାଯାଇ କେନ୍ଦୁଝରକୁ ଅଭିବୃଦ୍ଧିର କେନ୍ଦ୍ର କରାଯିବ

**କେନ୍ଦୁଝର, ୧୪।୨**
**ନ୍ୟୁଜ୍**

ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟରର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଆୟୋଜିତ ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, 'କେନ୍ଦୁଝର କେବଳ ଖଣି ଏବଂ ଇସ୍ପାତ ପାଇଁ ଜଣାଯିବ ନାହିଁ। ଆମେ ଏହାକୁ ବହୁବିଧ କ୍ଷେତ୍ରରେ ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ।



ଆମର ଦୃଷ୍ଟିକୋଣ ହେଉଛି ଏକ 'ସୁନାର କେନ୍ଦୁଝର' ନିର୍ମାଣ କରିବା। ସୂଚନା ଥାଉ ଯେ, ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁଥିବା ଟେକ୍ସଟାଇଲ୍ ପାର୍କରେ ୧,୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡଲକୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ। ବୟନ ଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, "ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। ବିଶେଷକରି ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରେ।" ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଗତ ବର୍ଷ ଜୁଲାଇ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଓ-ଟେକ୍ସ ଟେକ୍ସଟାଇଲ୍ କନକ୍ଲେଭ ସମୟରେ, ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା *(ପୃଷ୍ଠା ୭ରେ)*

## ଭାରତରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପ୍ରୋତ୍ସାହନ

# ୧୦,୦୦୦ କୋଟିର ପାଣ୍ଠି ଆବଣ୍ଟନକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ, ୧୪।୨**

ଭାରତର ବର୍ଦ୍ଧିତ ଷ୍ଟାର୍ଟଅପ୍ ଇକୋ-ସିଷ୍ଟମକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡ୍ସ ୨.୦ (ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଓଏଫ ୨.୦) ପ୍ରତିଷ୍ଠାକୁ ଅନୁମୋଦନ କରିଛି। ଦେଶର ଷ୍ଟାର୍ଟଅପ୍ ଇକୋସିଷ୍ଟମ ପାଇଁ ଭେଞ୍ଚର କ୍ୟାପିଟାଲ ସଂଗ୍ରହ କରିବା ପାଇଁ ଏଥିରେ ମୋଟ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି।

ଏହି ଯୋଜନାର ଲକ୍ଷ୍ୟ ହେଉଛି ଦୀର୍ଘକାଳୀନ ଘରୋଇ ପୁଞ୍ଜି ସଂଗ୍ରହ, ଭେଞ୍ଚର କ୍ୟାପିଟାଲ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ସାରା ଦେଶରେ ନବୋନ୍ମେଷ ଆଧାରିତ ଉଦ୍ୟୋଗକୁ ସମର୍ଥନ କରି ଭାରତର ଷ୍ଟାର୍ଟଅପ୍ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା।

ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଓଏଫ ୨.୦ ହେଉଛି ଭାରତକୁ ବିଶ୍ୱର ଏକ ପ୍ରମୁଖ ଷ୍ଟାର୍ଟଅପ୍ ରାଷ୍ଟ୍ରରେ ପରିଣତ କରିବା ପାଇଁ ପ୍ରାୟ ଏକ ଦଶନ୍ଧି ଧରି ଚାଲିଥିବା ପ୍ରୟାସର ପରିଣାମ। ୨୦୧୬ରେ ଷ୍ଟାର୍ଟଅପ୍ ଇଣ୍ଡିଆ ଆରମ୍ଭ ହେବା ପରଠାରୁ, ଭାରତର



ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଏହା ୫୦୦ରୁ କମ୍ ଷ୍ଟାର୍ଟଅପରୁ ବୃଦ୍ଧି ପାଇ ଆଜି ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ୨ ଲକ୍ଷରୁ ଅଧିକ ଷ୍ଟାର୍ଟଅପରେ ପହଞ୍ଚିଛି। ୨୦୨୫ରେ ସର୍ବାଧିକ ଷ୍ଟାର୍ଟଅପ୍ ପଞ୍ଜୀକରଣ ହୋଇଛି।

ଷ୍ଟାର୍ଟଅପ୍ ପାଇଁ ଫଣ୍ଡ ଅଫ୍ ଫଣ୍ଡସ୍ ୧.୦ର ସଫଳତାକୁ ଆଗକୁ ନିଆଯିବ। ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଓଏଫ ୨.୦ଷ୍ଟାର୍ଟଅପ୍ ପାଇଁ ଫଣ୍ଡ ଅଫ୍ ଫଣ୍ଡସ୍ ୧.୦ର (ଏଫଏଫଏସ ୧.୦)ର ସଫଳ ପ୍ରଦର୍ଶନକୁ ଆଗକୁ ବଢ଼ାଇବ। ଷ୍ଟାର୍ଟଅପ୍ସ ପାଇଁ ପାଣ୍ଠି ଅଭାବକୁ ପୂରଣ କରିବା ଏବଂ ଘରୋଇ ଉଦ୍ୟୋଗ ପୁଞ୍ଜି ବଜାରକୁ ତ୍ୱରାନ୍ୱିତ କରିବା ପାଇଁ ୨୦୧୬ରେ ଏଫଏଫଏସ ୧.୦ ଶୁଭାରମ୍ଭ କରାଯାଇଥିଲା।

ଏଫଏଫଏସ ୧.୦ ଅନ୍ତର୍ଗତ, ୧୦,୦୦୦ କୋଟି ଟଙ୍କାର ସମ୍ପୂର୍ଣ୍ଣ କର୍ପସ ୧୪୫ ବିକଳ୍ପ ନିବେଶ ପାଣ୍ଠି (ଏଆଇଏଫ)କୁ ଆବଣ୍ଟିତ କରାଯାଇଥିଲା। *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ୧୦୦ କୋଟିର ଟେକ୍ସଟାଇଲ୍ ପାର୍କ, ୧୮୭ କୋଟିର ଡାଟା ସେଣ୍ଟର ଶିଳାନ୍ୟାସ
- ବହୁବିଧ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା କରାଯାଇ କେନ୍ଦୁଝରକୁ ଅଭିବୃଦ୍ଧିର କେନ୍ଦ୍ର କରାଯିବ
- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିକାଶମୂଳକ ପ୍ରକଳ୍ପ ଉଦ୍ଘାଟନ।
- ଆସାମ ଭ୍ରମଣରେ ବିଶାଳ ପ୍ରକଳ୍ପ ଶୁଭାରମ୍ଭ।
- କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ପାଇଁ ଭାରତର ପ୍ରସ୍ତୁତି।
- ବିମାନରେ ବିସ୍ଫୋରକ ସନ୍ଦେହରୁ ସୁରକ୍ଷା ବ୍ୟବସ୍ଥା।
- ସମୁଦ୍ର ସେନାଙ୍କ ସଂଯୁକ୍ତ ଅଭ୍ୟାସ।
- ମହଙ୍ଗାଇ ନେଇ ଚିନ୍ତା ବୃଦ୍ଧି।
- ଆଧାର ଅଭିଯୋଗ ଶୁଣାଣି ପାଇଁ ନିବନ୍ଧନ ଫେବୃଆରୀ ୧୬ରୁ ଆରମ୍ଭ।
- କାର୍ଯ୍ୟ ସଂପର୍କିତ ଠକେଇ ମାମଲାରେ ମହିଳା ସ୍ୱୟଂସେବିକା ଗିରଫ।
- କଟକ ଜିଲ୍ଲାପାଳଙ୍କ ବିରୋଧରେ ବିଶେଷ ଅଧିକାର ସୂଚନା।

# ଜମିପଟ୍ଟା ସଂଶୋଧନ କାର୍ଯ୍ୟ ମିଶନ୍ ମୋଡ୍‌ରେ ସାରିବାକୁ ସରକାରଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୪।୨**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାର ରାଜ୍ୟର ସମସ୍ତ ଜିଲ୍ଲାରେ ଜମିପଟ୍ଟା ବା ରେକର୍ଡ ଅଫ ରାଇଟ୍ସ (ଆରଓଆର)ର ୨ ଖାତା (କଲମ୍-୨) ସଂଶୋଧନ ସମ୍ବନ୍ଧୀୟ ଅପେକ୍ଷିତ ମାମଲା ଗୁଡ଼ିକୁ ସମୟସୀମା ମଧ୍ୟରେ ଶୀଘ୍ର ସାରିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାପାଳମାନଙ୍କୁ ବ୍ୟକ୍ତିଗତ ଭାବେ ଏହାର ନିରୀକ୍ଷଣ କରିବାକୁ କୁହାଯାଇଛି।

ଜାରି ହୋଇଥିବା ନିର୍ଦ୍ଦେଶନାମାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଅପେକ୍ଷିତ ମାମଲାକୁ ମିଶନ୍ ମୋଡରେ ସମାଧାନ କରିବା ଓ କୌଣସି ପ୍ରକ୍ରିୟାଗତ ବିଳମ୍ବ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲ୍ ଭିତ୍ତିକ ସମୀକ୍ଷା ପରେ ନୂଆପଡ଼ା, କୋରାପୁଟ, ବୌଦ୍ଧ,



କଳାହାଣ୍ଡି, ମାଲକାନଗିରି ଓ ସମ୍ବଲପୁର ଆଦି ଜିଲ୍ଲାର ସକ୍ରିୟ ଅଗ୍ରଗତିକୁ ନେଇ ରାଜସ୍ୱ ସଚିବ ସନ୍ତୋଷ ପ୍ରକାଶ କରିଥିବା ବେଳେ କିଛି ଜିଲ୍ଲାରେ ଅଧିକ ବିଳମ୍ବ ଓ ଅସନ୍ତୋଷ ଜନକ ପ୍ରଗତି ନେଇ ଚିନ୍ତାବ୍ୟକ୍ତ କରିଛନ୍ତି।

ଡ. ପାଢ଼ୀ କହିଛନ୍ତି ଯେ କଲମ-୨ ବା ଖତିୟାନରେ ୨ ଖାତା ସଂଶୋଧନ କେବଳ ଏକ ସାଧାରଣ ସରକାରୀ ପ୍ରକ୍ରିୟା ନୁହେଁ; ଏହା ଜମି ମାଲିକାନାର ସୁରକ୍ଷା ଓ ସରକାରୀ ସେବା ପ୍ରଦାନ ସହ ସିଧାସଳଖ ଭାବରେ ସମ୍ପୃକ୍ତ। ସଠିକ୍ ସଂଶୋଧନ ଓ ଚାଷୀ ପଞ୍ଜୀକରଣ ମାଧ୍ୟମରେ ଚାଷୀମାନେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଓ ଅନ୍ୟାନ୍ୟ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଯୋଜନାର ସିଧାସଳଖ ସୁଫଳ ପାଇପାରିବେ। ମାତ୍ର ଏଥିରେ ବିଳମ୍ବ ହେଲେ ନାଗରିକମାନେ ସିଧାସଳଖ ପ୍ରଭାବିତ ହେବେ ଏବଂ ପ୍ରଶାସନିକ କାର୍ଯ୍ୟକୁଶଳତା ହ୍ରାସ ପାଇବ।

ଏହି ପରିପ୍ରେକ୍ଷୀରେ ଜାରି ହୋଇଥିବା ପ୍ରମୁଖ ନିର୍ଦ୍ଦେଶାବଳୀଗୁଡିକ ମଧ୍ୟରେ ସମୟସୀମା ମଧ୍ୟରେ ନିଷ୍ପତ୍ତି ନେଇ ସମସ୍ତ ଅପେକ୍ଷିତ ବା ବଳକା ମାମଲାକୁ ମିଶନ୍ ମୋଡରେ ସଠିକ୍ ସମୟରେ ସାରିବାକୁ ଗୁରୁତ୍ୱ ଦିଆଯାଇଛି। ଅଧିକ ବଳକା ମାମଲା ଥିବା ତହସିଲଦାରମାନଙ୍କୁ ଚିହ୍ନଟ କରି ଆବଶ୍ୟକ ନିର୍ଦ୍ଦେଶ ତଥା ଚେତାବନୀ ଜାରି କରିବା ସହ ଅସନ୍ତୋଷଜନକ *(ପୃଷ୍ଠା ୭ରେ)*

## ୫ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ

# ୩.୧୦ ଲକ୍ଷ କୋଟିକୁ ବଢ଼ିପାରେ ରାଜ୍ୟ ବଜେଟ୍



**ଭୁବନେଶ୍ୱର, ୧୪।୨**
**ନ୍ୟୁଜ୍‌ବ୍ୟୁରୋ**

ଶନିବାର ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୩୬ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅର୍ଥ ବିଭାଗର ଗୋଟିଏ, ଶ୍ରମ ଓ କର୍ମଚାରୀ ବିଭାଗର ଗୋଟିଏ ଏବଂ ଜଳସମ୍ପଦ ବିଭାଗର ୩ଟି ଏହିପରି ସର୍ବମୋଟ ୫ଟି ପ୍ରସ୍ତାବ ଉପରେ ସବିଶେଷ ଆଲୋଚନା କରାଯାଇ ଅନୁମୋଦନ ଦିଆଯାଇଛି। କ୍ୟାବିନେଟ ବୈଠକ ଶେଷରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଆଗାମୀ ୧୭ ତାରିଖରେ ଆରମ୍ଭ *(ପୃଷ୍ଠା ୭ରେ)*

# ପୁରୀର ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

**ଭୁବନେଶ୍ୱର, ୧୪।୨**
**ନ୍ୟୁଜ୍‌ବ୍ୟୁରୋ**

ପୁରୀ ଜିଲ୍ଲା କୁମ୍ଭାରପଡ଼ାର ସମାଇରା ନାୟକ (ପିତା- ଅଜୟ ନାୟକ)ଙ୍କର ଦୁଃଖଦ ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ଜରିଆରେ ଏହି ସୂଚନା ଦିଆଯାଇଛି।

# ଟ୍ରେଲର-କାର୍ ଧକ୍କା ମହିଳାଙ୍କ ସହିତ ୫ ମୃତ

**ଜୟପୁର, ୧୪।୨**

ଚାକସୁ ଥାନା ଅଞ୍ଚଳରେ ଶନିବାର ସକାଳେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା କୋଟା-ଜୟପୁର ଜାତୀୟ ରାଜପଥ (ଏନଏଚ୍-୫୨)ର ଟିଙ୍ଗରିଆ ମୋଡ଼ ନିକଟରେ ଘଟିଛି। କାର୍ ଚାଳକଙ୍କୁ ନିଦ ଲାଗି ଆସିଥିବା ଆଶଙ୍କାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଧକ୍କା ଏତେ ଭୟାବହ ଥିଲା ଯେ କାର୍‌ଟି ପୂରାପୂରି ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଇଥିଲା।

ଚାକସୁ ଥାନା ଅଧିକାରୀ ମନୋହର ଲାଲ ମେଘୱାଲଙ୍କ କହିବା ଅନୁସାରେ, କାରରେ ଥିବା ସମସ୍ତେ ମଧ୍ୟ ପ୍ରଦେଶର ବାସିନ୍ଦା ଥିଲେ ଏବଂ ଜୟପୁର ଦିଗକୁ ଆସୁଥିଲେ। ଏହି ଦୁର୍ଘଟଣାରେ ଜଣେ ମହିଳାଙ୍କ ସହିତ ୪ ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା, ଯେତେବେଳେ ଗୁରୁତର ଆହତ ଜଣେ *(ପୃଷ୍ଠା ୭ରେ)*

# ଅପରେସନ ସିନ୍ଦୂର ନାମରେ ଗୋଲାପର ନୂଆ କିସମ ଲଞ୍ଚ୍



**ଖଡ଼ଗପୁର, ୧୪।୨**

ପହେଲଗାମ ଘଟଣାର ବାର୍ଷିକୀ ପୂର୍ବରୁ ସେନା ଭାଲେଣ୍ଟାଇନ୍ ସପ୍ତାହ ସମୟରେ ଏକ ବିଶେଷ ଲାଲ ଗୋଲାପ ପ୍ରଜାତିକୁ 'ଅପରେସନ୍ ସିନ୍ଦୂର' ନାମ ଦେଇଛି। ଏହି ନାମଟି ବୀରତା ଏବଂ ଅଦମ୍ୟ ସାହସର ପ୍ରତୀକ ଭାବରେ ରଖାଯାଇଛି।

ଏହି ହାଇବ୍ରିଡ୍ ପ୍ରଜାତିଟି ଖଡ଼ଗପୁରର ଜକପୁର ସ୍ଥିତ ପୁଷ୍ପାଞ୍ଜଳି ରୋଜ୍ ଗାର୍ଡେନ୍‌ରେ ବିକଶିତ କରାଯାଇଛି। ଏହାର *(ପୃଷ୍ଠା ୭ରେ)*

## ଏନ୍.ସି ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି

# ଭବିଷ୍ୟତରେ ସଫଳ ହେବା ପାଇଁ ପିଲାମାନଙ୍କୁ ଲାଇଫ ସ୍କିଲ୍ ଶିଖାଇବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

**ଯାଜପୁର, ୧୪।୨**
**ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲା ବ୍ୟାସନଗର ସ୍ଥିତ ପିଏମ୍ ଶ୍ରୀ ହାଇସ୍କୁଲ ଏନ.ସି ସରକାରୀ ଉଚ୍ଚ ବିଦ୍ୟାଳୟର ୮୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ପ୍ଲାଟିନମ୍ ଜୁବୁଲି ସମାରୋହରେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯାହା ସବୁ ଆବଶ୍ୟକତା ଅଛି ସେ ସମସ୍ତ ଏକ ବ୍ୟବସ୍ଥିତ ଯୋଜନା ମାଧ୍ୟମରେ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି



ମୁଖ୍ୟମନ୍ତ୍ରୀ ଏହି ଉତ୍ସବକୁ ଐତିହାସିକ ବୋଲି କହିଥିଲେ। ସେ କହିଥିଲେ ଯେ ୧୯୪୫ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଏହି ବିଦ୍ୟାଳୟ ଦାୟିତ୍ୱବାନ ନାଗରିକଙ୍କ ପିଢ଼ି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଯାଜପୁର *(ପୃଷ୍ଠା ୭ରେ)*

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୫,୭୭୫ (+୧୯୭) |
| ୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୪୬୦ (+୧୮୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୮୩୧ (+୧୪୭) |

## ରୁପା ଦର

ରୁପା – ପ୍ରତି ଗ୍ରାମ୍ ୨୮୦ (+୦)

## ଏକାଳ ପଖାଳ



ଭକ୍ତି ଭାବମୟ ପରିବେଶ
ଜୟ ଜୟ ଭୋଳା ଶଙ୍କର
ମହାଶିବରାତ୍ରି ପାଳୁଛି ବିଶ୍ୱ
ଆଜି ଯେ ମହାଜାଗର
ପାରୁ କର ଉଦ୍ଧାର
ସାରା ସଂସାରୁ ଦୁଃଖ ହଟିଯାଉ
ଏଇ ଅଳି ଆହେ ହର।

# ତୁଟିଲା ଜାତି ବିବାଦ : ସୋମବାରଠୁ ଅଙ୍ଗନୱାଡ଼ିକୁ ଆସିବେ ପିଲା



**ରାଜନଗର, ୧୪।୨**
**ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଘଡିଆମାଳର ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ଅନୁସୂଚିତ ଜାତିର ସହାୟିକା ଶର୍ମିଷ୍ଠା ସେଠୀଙ୍କ ନିଯୁକ୍ତି ପରେ ଦୀର୍ଘ ପ୍ରାୟ ତିନିମାସ ଧରି ଲାଗିରହିଥିବା ବିବାଦର ଅବସାନ ଘଟିଛି। ରାଜ୍ୟ ମହିଳା କମିଶନ, ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଏବଂ ସହଯୋଗ ପରେ ଏହି ସମସ୍ୟା ଦୂର ହୋଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଜାତି ବିବାଦକୁ ନେଇ ଗ୍ରାମବାସୀମାନେ ଅଙ୍ଗନୱାଡି କେନ୍ଦ୍ରକୁ ସେମାନଙ୍କ ପିଲାଙ୍କୁ ପଠାଉନଥିଲେ। ଅଙ୍ଗନୱାଡ଼ି ସହାୟିକା ଅନୁସୂଚିତ ଜାତିର ହୋଇଥିବାରୁ ଗ୍ରାମବାସୀ ସେମାନଙ୍କ ପିଲାଙ୍କୁ ପଠାଉନଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା ଏହି ଘଟଣା ସଂସଦରେ ମଧ୍ୟ ଉଠିଥିଲା। ରାଜ୍ୟସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ ଏହି ପ୍ରସଙ୍ଗ ଉଠାଇ କ୍ଷୋଭ ପ୍ରକାଶ କରିଥିଲେ। ଏହା ପରେ ବିବାଦର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ମହିଳା କମିଶନ ସଦସ୍ୟା କଳ୍ପନା ମଲ୍ଲିକ୍, ଉପ ଜିଲ୍ଲାପାଳ ଅରୁଣ ନାୟକ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରରେ *(ପୃଷ୍ଠା ୭ରେ)*

# ଚାଷୀଙ୍କୁ ସହାୟତା କରିବ ଇସ୍ରୋଙ୍କ ଉପଗ୍ରହ ନିଶାର

**ବେଙ୍ଗାଲୁରୁ, ୧୪।୨**

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଶନିବାର କହିଛନ୍ତି ଯେ ନାସା-ଇସ୍ରୋ ସିନ୍ଥେଟିକ୍ ଆପରେଚର ରାଡାର (ନିସାର) ପ୍ରତି ୧୨ ଦିନରେ ୧୦୦ ମିଟର ରିଜଲ୍ୟୁସନରେ ମାଟିର ଆର୍ଦ୍ରତା ଡାଟା ଉପଲବ୍ଧ କରାଇବ। ନିଶାରର ଏସ ଓ ଏଲ ବ୍ୟାଣ୍ଡ ଲଗାତାର ଭାରତୀୟ ଭୂ-ଭାଗର ସ୍କାନ କରୁଛି। ଏଥିରୁ ପ୍ରତି ୧୨ ଦିନରେ ହାଇ ରିଜଲ୍ୟୁସନ ଡାଟା ମିଳିପାରିବ। ଏହା ଦ୍ୱାରା ଚାଷୀଙ୍କୁ ଜଳ ସେଚନ, ମରୁଡି ପ୍ରବନ୍ଧନ ଓ ଫସଲ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ସହାୟତା ମିଳିବ।

ଇସ୍ରୋ କହିଛନ୍ତି ଯେ ମାଟିର ଆର୍ଦ୍ରତା ଫସଲ ସ୍ୱାସ୍ଥ୍ୟ, ଜଳ ସେଚନ ଆବଶ୍ୟକତା ଓ ମରୁଡ଼ି ବିପଦର ପ୍ରମୁଖ ସଂକେତକ ଓ ଏହା



ଭାରତର କୃଷି ଓ ଜଳ ପ୍ରବନ୍ଧନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏସ ଓ ଏଲ ବ୍ୟାଣ୍ଡ ଡାଟା ଉପଯୋଗ କରି ଦେଶର ବିବିଧ କୃଷି ଜଳବାୟୁ କ୍ଷେତ୍ର ଯେପରି ଜଳ ସେଚିତ ଅଞ୍ଚଳ, ବର୍ଷା ଆଧାରିତ ଚାଷ, ଅର୍ଦ୍ଧ ଶୁଷ୍କ ଅଞ୍ଚଳ ଓ ଅଧିକ ବର୍ଷା *(ପୃଷ୍ଠା ୭ରେ)*



# ପିଲାଙ୍କ ଭବିଷ୍ୟତ ଗଠନରେ ବିଦ୍ୟାଳୟ ଜୀବନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

**ଗୁଣୁପୁର,ନ୍ୟୁଜ ବ୍ୟୁରୋ**



ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଡମ୍ବସରାର ବାର୍ଷିକ ଉତ୍ସବ ରାୟଗଡ଼ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କ ସଭାପତିତ୍ୱରେ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ପୌରପାଳିକା ଅଧକ୍ଷା ମମତା ଗୌଡ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଡାକ୍ତର ପ୍ରଦୀପ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ଗୁଣୁପୁର ପଞ୍ଚାୟତ ସମିତି ଉପାଧକ୍ଷ ସୁଦର୍ଶନ ଶବର, ପୁଟାସିଂର ସ୍ୱତନ୍ତ୍ର ଅଧିକାରୀ ପ୍ରଦୀପ୍ତ କୁମାର ଦଳେଇ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଗୁଣୁପୁର ଗଙ୍ଗାଧର ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ପଦ୍ମପୁର ସୁଶ୍ରୀ ଅର୍ଚ୍ଚନା ପଣ୍ଡା, ଡମ୍ବସରା ଗ୍ରାମ ପଞ୍ଚାୟତ ସରପଞ୍ଚ ସନ୍ତୋଷୀ ଶବର, ସମାଜସେବୀ ସୁଶ୍ରୀ ରାଜେଶ୍ୱରୀ ଦଳେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ ଶବର ଓ ପ୍ରଧାନ ଶିକ୍ଷକ ସୁନୀଲ କୁମାର ଗୌଡ ମଞ୍ଚାସୀନ ଥିଲେ । ଏ ଅବସରରେ ମୁଖ୍ୟ ଅତିଥି ପିଲାଙ୍କ ଭବିଷ୍ୟତ ଗଠନରେ ବିଦ୍ୟାଳୟ ଜୀବନ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ସମୟରେ ଶୃଙ୍ଖଳା ସହ ସମୟ ଉପଯୋଗୀ ଶିକ୍ଷା ଲାଭ କରିବା ଉଚିତ ବୋଲି ଉପସ୍ଥିତ ଛାତ୍ରୀମାନଙ୍କୁ କହିଥିଲେ । ମୁଖ୍ୟବକ୍ତା ସବୁ ଛାତ୍ରୀଙ୍କୁ ଅଧାରୁ ପାଠ ନ ଛାଡ଼ି ଉଚ୍ଚଶିକ୍ଷା ଲାଭ କରିବା ସହ ଶୃଙ୍ଖଳିତ ଓ ସଂସ୍କାରିତ ଜୀବନ ଶୈଳୀ ଆପଣେଇବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଆଜିର ଦିନଟି ବିଦ୍ୟାଳୟର ସମୀକ୍ଷା ଦିବସ ଅଟେ, ପିଏମ୍ ଶ୍ରୀ ବିଦ୍ୟାଳୟ ଆଖ୍ୟା ଲାଭ କରିବା ନିହାତି ଏହି ବିଦ୍ୟାଳୟ ପାଇଁ ଗୌରବମୟ ଉପଲବ୍ଧି ଅଟେ ବୋଲି କହିଥିଲେ । ଏଥି ସହ ପିଲାମାନଙ୍କ ଦ୍ୱାରା ଷ୍ଟଲ୍ ମାନଙ୍କରେ ଜୀବନ୍ତ ଅଭିନୟ ମାଧ୍ୟମରେ ସମାଜର ସାମାଜିକ ଚଳଣି, ଦେଶପ୍ରେମ ସହ ନୈତିକ ଶିକ୍ଷାର ଗୁରୁତ୍ୱ ବାର୍ତ୍ତା ପରିବେଷଣ ଏକ ନିଆରା ଅନୁଭୂତି ପ୍ରଦାନ କରୁଛି ବୋଲି ପ୍ରକାଶ କରିଥିଲେ । ପରେ ଧନ୍ଦାମୂଳକ ଶିକ୍ଷାର ଅଂଶ ସ୍ୱରୂପ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଷ୍ଟଲ୍, ବନ୍ଦେ ମାତରମ୍ ଗାନର ୧୫୦ ବର୍ଷ ପୂର୍ତ୍ତି, ଅପରେଶନ ସିନ୍ଦୂର, ଟ୍ରାଫିକ ନିୟମ ପାଳନ, ଯୌଥ ପରିବାରର ଚଳଣି, ମୋବାଇଲ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ଦ୍ୱାରା ଆଧୁନିକ ଜୀବନ କିପରି ପ୍ରଭାବିତ ହେଉଛି ଏହି ବିଷୟରେ ସମସ୍ତଙ୍କୁ ସଚେତନ କରିବା ନିମନ୍ତେ ବିଭିନ୍ନ ଷ୍ଟଲ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଯେଉଁ ଉଦ୍ୟମ କରିଥିଲେ ତାହା ବହୁତ ଚିତାକର୍ଷକ ଓ ପ୍ରସଂଶନୀୟ ଥିଲା ଏବଂ ଉପସ୍ଥିତ ଅତିଥିମାନଙ୍କୁ ଗଭୀର ପ୍ରଭାବିତ କରିଥିଲା । ବିଦ୍ୟାଳୟର ପୂର୍ବତନ ଶିକ୍ଷକ ସନାତନ ଗମାଙ୍ଗ ଓ ସୁନିତା ନାୟକବେହେରା ଏବଂ ବିଭାଗର ସମସ୍ତ ସେକ୍ସନ୍ ଅଫିସରମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ପରିଶେଷରେ ଖେଳଶିକ୍ଷକ ମନୋଜ ତୁଳଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ଆକର୍ଷଣୀୟ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତ ଦର୍ଶକଙ୍କ ମନମୁଗ୍ଧ କରିଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ

# ଗୁରୁ ଭଗବାନ ସାହୁଙ୍କ ସ୍ମୃତି ରକ୍ଷା ପାଇଁ ପ୍ରତିଶୃତି

**ବରଗଡ଼, ନ୍ୟୁଜ ବ୍ୟୁରୋ**

ବରଗଡ଼ ଗୁରୁ ଭଗବାନ ସାହୁ ସ୍ମୃତି କମିଟି ତରଫରୁ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କୁ ସ୍ମୃତି କମିଟିର କାର୍ଯ୍ୟାଳୟ ଏବଂ ସ୍ମୃତି ରକ୍ଷାର ବିଭିନ୍ନ ପଦକ୍ଷେପ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହା ସହିତ ଗୁରୁଙ୍କ ସ୍ମୃତିରେ ଏକ ପ୍ରେକ୍ଷାଳୟ, ଶିକ୍ଷା ଅନୁଷ୍ଠାନ ମାନଙ୍କରେ ଫଟୋଚିତ୍ର ପାଇଁ ବିଧାୟକ ଶ୍ରୀ ଷଡ଼ଙ୍ଗୀ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବାକୁ ପ୍ରତିଶ୍ରୁତି ଦେଇଥିଲେ, ସ୍ମୃତି କମିଟିର ସଭାପତି ଦଧିବାବନ ଶତପଥୀ, ଉପସଭାପତି ସର୍ଦ୍ଦାର ପ୍ରିତମ ସିଂ, ସମ୍ପାଦକ ତୁଳସୀ ଚରଣ ଦାଶ,ସହ ସମ୍ପାଦକ ଡ଼ ଯଶବୀର ସିଂ ସୈନୀ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ପଣ୍ଡା, ଲୁଲୁ ରବିନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟ ସରକାରଙ୍କ ମନମୁଖୀ କାର୍ଯ୍ୟ ପ୍ରତିବାଦରେ ବିଜେଡିର ବିକ୍ଷୋଭ

**କଟକ, ନ୍ୟୁଜ ବ୍ୟୁରୋ**



ରାଜ୍ୟ ବ୍ୟାପି ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦରଦାମ ବୃଦ୍ଧି, ବିଭିନ୍ନ ପ୍ରକାର ନୂତନ ଭତ୍ତା କାର୍ଡ ସଂଖ୍ୟା ବୃଦ୍ଧି ନକରିବା ଏବଂ ବିଭିନ୍ନ ପ୍ରସଙ୍ଗ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ମନମୁଖୀ କାର୍ଯ୍ୟ କରିବା ପ୍ରତିବାଦରେ ରାଜ୍ୟ ବିଜୁ ଜନତା ଦଳ ଆହ୍ୱାନ କ୍ରମେ ବାରବାଟୀ – କଟକ ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ୧୩ ତାରିଖରେ ଜିଲ୍ଲାପାଳ ଅଫିସ ଘେରାଓ ପାଇଁ ୱାର୍ଡନଂ ୧୬ ଠାରେ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଅଛି । ଏହି ସଭାରେ ବାରବାଟୀ- କଟକ ବିଜୁ ଜନତା ଦଳର କୋଷାଧକ୍ଷ ସୁବାସ ସିଂହ, ବିଜେଡି କଟକ ଜିଲ୍ଲା ସଭାପତି ପ୍ରଫୁଲ ସିଂହ, ରାଜ୍ୟ କାର୍ଯ୍ୟକରାଣୀ ସଦସ୍ୟ ପ୍ରକାଶ ସିଂହ, ପୂର୍ବତନ ମେୟର ଅନିତା ବେହେରା, ପ୍ରବାସୀ ଓଡ଼ିଆ ସଂଘ ଆବାହକ ନନ୍ଦଲାଲ ସିଂହ, ମହମଦ ସକିଲ, ଏକରାମ ହୁସେନ, ଜନ ସନ ମହାପାତ୍ର, ବିଜୟ ଓଝା, ରାଜ୍ୟ ବିଜୁ ଜନତା ଦଳ ଉପସଭାପତି ଜଗନ୍ନାଥ ସ୍ୱାଇଁ, ରମଜାନ ଖାନ, କର୍ପୋରେଟର ଏ ଶ୍ରୀଦେବୀ, ପୁଷ୍ପିତା ମହାନ୍ତି, ମୋନାଲିଶା ଦାସ, ଇତିଶ୍ରୀ ଦାସ, ବନଲତା ପ୍ରଧାନ, ଇଫତୀକାର ଆଲାମ, ଅରୁନ୍ଧତୀ କର, ଦୀପଞ୍ଜଳି ସିଂହ, ଆରତୀ ସାହୁ, ସତ୍ୟ ରଞ୍ଜନ ତ୍ରିପାଠୀ, ଗଦାଧର ସାହୁ, ସ୍ୱଦେଶ ଦାସ, ଦେବେନ୍ଦ୍ର ପାଣିଗ୍ରାହୀ ବିଜୟ ଓଝା, ବିଶ୍ୱ ପ୍ରକାଶ ଦାସ, ଦିଲୀପ ପ୍ରଧାନ, ପ୍ରତାପ କୁମାର ନାୟକ ଅର୍ଦ୍ଧେନ୍ଦୁ ଶେଖର ମାଝୀ, ପ୍ରେମନସୁ ଶେଖର ବେହେରା, ପରେଶନାଥ ଦାସ, ପ୍ରଭାତ ଦାସ,ଦେବେନ୍ଦ୍ର ନାଥ ମିଶ୍ର, ତନ୍ମୟ ରାୟ ସୌମିତ୍ର ମିତ୍ର, ଧୀରେନ୍ଦ୍ର ପ୍ରତାପ, ସୌମ୍ୟଦେର୍ଶନ ବେହେରା, ସୁଦାମ ପରିଡା, ବୀରେନ୍ଦ୍ର ବେହେରା, ସୌମେନ୍ଦ୍ର ସାହୁ, ରିଆଜ ଉଲହା, ଜନ ଆଶିଷ ବରାଳ, କାଳିଚରଣ ପାଣିଗ୍ରାହୀ, ପ୍ରଦୀପ ବାରିକ, ବିଶ୍ୱନାଥ ସେନାପତି, ବିଜ୍ଞାନ ମହାପାତ୍ର, ସତ୍ୟବ୍ରତ ରଣା, ବାରବାଟୀ- କଟକ ବିଜୁ ଜନତା ଦଳର ଆଗଧାଡିର ନେତୃବୃନ୍ଦ, କର୍ମୀ ଯୁବକ, ମହିଳା, ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ କୋରାପୁଟିଆ ଚଳଚିତ୍ର ରେ ଅଭିନୟ କରି ଚର୍ଚ୍ଚାରେ ମାନସ ରଞ୍ଜନ ପଣ୍ଡା

**ରାଇଘର, ନ୍ୟୁଜ ବ୍ୟୁରୋ**




ପେସାରେ ଜଣେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପି. ଇ. ଓ) ନିସା ତାଙ୍କର ଅଭିନୟ କରିବା ବିଭିନ୍ନ ଚଳଚିତ୍ର ରେ ଅଭିନୟ କରି ଚର୍ଚ୍ଚା ସାଉଠି ଛନ୍ତି ନବରଙ୍ଗପୁର ଜିଲ୍ଲା ମୈଦାଲପୁର ବ୍ଲକ ରେ ରହୁଥ ?ିବା ମାନସ ରଞ୍ଜନ ପଣ୍ଡା କ୍ଷୁଦ୍ର ଚଳଚ୍ଚିତ୍ର କବାଡି, ରାଇ, କାଳାବତୀ, ମୁକ୍ତି, ଘରଣୀ, ଫେସବୁକ ଲାଇଭ, ରାକ୍ଷୀ, ସମ୍ପର୍କ, ମିଛ ସପନ, ବ୍ଲଗର କାବେରୀ ରେ ମୁଖ୍ୟ ଭୂମିକାରେ ଅଭିନୟ କରି ଚର୍ଚ୍ଚାକୁ ଆସିଛନ୍ତି । ସେ ପେସାରେ ରାଇଘର ବ୍ଲକ ପରଚି ପାରା ପଞ୍ଚାୟତ ର ପିଇଓ ଭାବେ କାର୍ଯ୍ୟରତ ଥ ?ିବା ବେଳେ ତାଙ୍କର ଅଭିନୟରେ ରୁଚି ରହିଛି । ପୂର୍ବରୁ ଛୋଟ ବଡ଼ ବହୁ ଛୋଟ ଚଳଚ୍ଚିତ୍ର କରି ଚର୍ଚ୍ଚାରେ ରହିଆସିଛନ୍ତି । ତେବେ ତାଙ୍କର ପ୍ରଥମ କୋରାପୁଟିଆ ଚଳଚିତ୍ର 'ନୋନୀ ଆଇ ଲଭ ୟୁ' ଚଳଚ୍ଚିତ୍ରରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ମନ ମୋହିଛନ୍ତି ସେଇଠୁ ତାଙ୍କର ଆରମ୍ଭ ହେଲା ଚଳଚିତ୍ର ରେ ଅଭିନୟ କରିବା, ଅନେକ ଆଲବମ ସହ କ୍ଷୁଦ୍ର ଚଳଚ୍ଚିତ୍ରରେ ରେ ଅଭିନୟ କରିଛନ୍ତି । ଓଡ଼ିଶାର ସିନେମା ହଲରେ ତାଙ୍କର ଆଉ ଏକ ଚଳଚ୍ଚିତ୍ର 'କବାଡି ଫିଲ୍ମ' ରିଲିଜ ହେଇଛି ଯାହାକି ତାଙ୍କ ଅଭିନୟ ଦର୍ଶକ ଙ୍କୁ ମନମୁଗ୍ଧ କରିଛି ତାଙ୍କ ନିଜ ଘର ନବରଙ୍ଗପୁର ଜିଲ୍ଲା ମୈଦଲପୁର ଠାରେ ହୋଇଥ ?ିବା ବେଳେ ସେ ବର୍ତ୍ତମାନ ଉମରକୋଟରେ ରହି ରାଇଘର ଠାରେ ପିଇଓ ଭାବେ କାର୍ଯ୍ୟରତ ଅଛନ୍ତି । ସେହିପରି କ୍ଷୁଦ୍ର ଚଳଚିତ୍ର 'ରାଇ'ରେ ମାନସଙ୍କ ଚରିତ୍ର ମୂଳରୁ ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧିରଖିଥିଲା ଔ ଏପରିକି ମାନସଙ୍କ ଅଭିନୟ ଚରିତ୍ରରେ ଦର୍ଶକଙ୍କ ଆଖରୁ ଲୁହ ଝରି ଆସିଥ ?ିବା ଦେଖିବାକୁ ମିଳିଛି, କୋରାପୁଟିଆ ଫିଲ୍ମ ଜଗତରେ ଅଭିନୟ କରୁଥିବା ମାନସ ପଣ୍ଡା ଆଜି କୋରାପୁଟ ତଥା ଓଡିଶା ରେ ଆଜି ଅଭିନୟ କରି ନିଜ ପରିଚୟ ତିଆରି କରିଛନ୍ତି ।

# ଆସନ୍ନ ଅଙ୍ଗଚ୍ଛେଦକୁ ପ୍ରତିହତ କରି ଜଟିଳ ଅସ୍ତ୍ରୋପଚାରରେ ସଫଳ ହେଲେ ସମ୍ ଡାକ୍ତର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରୋଗୀର ଆସନ୍ନ ଅଙ୍ଗଚ୍ଛେଦକୁ ପ୍ରତିହିତ କରି ଓଡ଼ିଶାରେ ପ୍ରଥମ ଥର ପାଇଁ ଆଣ୍ଠୁର ନିମ୍ନ ଭାଗକୁ ଅତ୍ୟାଧୁନିକ ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ସଦ୍ୟତମ ଜେଟ୍ସ୍ଟ୍ରିମ ଟେକ୍ନୋଲଜି ବ୍ୟବହାର କରି ସୁରକ୍ଷା କରିବାରେ ସଫଳ ହୋଇଛନ୍ତି ସମ୍ ଅଲ୍ଟିମେଟ ମେଡିକେୟାର (ସମ୍ମମ୍)ର ଡାକ୍ତର । ଏହି ଉଲ୍ଲେଖନୀୟ ପ୍ରକ୍ରିୟାକୁ ସମ୍ମମର ଇନ୍‌ଟରଭେନ୍‌ସନାଲ୍ ରେଡିଓଲୋଜିର କନ୍‌ସଲ୍‌ଟାଂଟ ଡାକ୍ତର ସମ୍ବିତ କୁମାର ପଟ୍ଟନାୟକ ମିନିମାଲି ଇନ୍‌ଭେସିଭ୍ ଭାସ୍କୁଲାର କେୟାର ମାଧ୍ୟମରେ ସମ୍ପନ୍ନ କରିଛନ୍ତି । ରୋଗୀଙ୍କ ଗୋଡ଼ର ଧମନୀରେ ଜଟିଳ ବ୍ଲକେଜ୍ ସମସ୍ୟା ରହିଥିବା ବେଳେ ଏହା ତାଙ୍କ ଜୀବନ ପ୍ରତି ବିପଦ ଖୁବ୍ ସୃଷ୍ଟି କରିଥିଲା । ଏହା ଭବିଷ୍ୟତରେ ଚିକିତ୍ସା ସମ୍ଭବ ନଥିବା ଅଲ୍‌ସର ଓ ଗାଙ୍ଗ୍‌ରିନ୍ ଭଳି ସମସ୍ୟା ଉପୁଜାଇଥାନ୍ତା ଏବଂ ଗୋଡ଼ କାଟିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାନ୍ତା ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି । ଏହି ଚିକିତ୍ସା ସମ୍ବନ୍ଧରେ ସୂଚନା ଦେଇ ଡାକ୍ତର ପଟ୍ଟନାୟକ କହିଛନ୍ତି ଯେ ଏଭଳି ଜଟିଳ ସମସ୍ୟା ଥିବା ରୋଗୀମାନଙ୍କର ଚିକିତ୍ସା ନେଇ ଖୁବ୍ କମ୍ ସୁଯୋଗ ରହିଥାଏ । ବିଶେଷ କରି ଆଣ୍ଠୁର ନିମ୍ନ ପାର୍ଶ୍ୱରେ ଛୋଟ ଛୋଟ ଧମନୀରେ ଯେତେବେଳେ ବ୍ଲକେଜ ସୃଷ୍ଟି ହୁଏ ତାହା ରୋଗୀକୁ ଆହୁରି ଅସୁସ୍ଥ କରିଦେଇଥାଏ । ତେବେ ବର୍ତ୍ତମାନ ଅତ୍ୟାଧୁନିକ ଆଥେରେକ୍ଟୋମି ଟେକ୍ନୋଲଜି ଦ୍ୱାରା ଅସ୍ତ୍ରୋପଚାର ନ କରି ପ୍ଲାକ୍ ଏବଂ କ୍ଲଟ୍‌ଗୁଡ଼ିକୁ ବାହାର କରାଯାଇପାରୁଛି ଏବଂ ଏହା ଦ୍ୱାରା ଅଂଗଚ୍ଛେଦର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁଛି ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି । ଏହି ମିନିମାଲି ଇନ୍‌ଭେସିଭ ପ୍ରକ୍ରିୟା ଦ୍ୱାରା ଯନ୍ତ୍ରଣା କମିବା ସହ ହସ୍ପିଟାଲର ରହଣୀ ସମୟ ମଧ୍ୟ କମିପାରୁଛି । ରୋଗୀଟି ଶୀଘ୍ର ସୁସ୍ଥ ହେବା ସହ ଗୋଡ଼ଟିକୁ ମଧ୍ୟ କଟା ହେବାରୁ ରକ୍ଷା କରାଯାଇପାରୁଛି ବୋଲି ସେ କହିଥିଲେ । ଏହି ଅତ୍ୟାଧୁନିକ ଚିକିତ୍ସା ଦ୍ୱାରା ସମ୍ମମ ଓଡ଼ିଶାରେ ରୋଗୀମାନଙ୍କ ମଧ୍ୟରେ ନୂତନ ଆଶାର କିରଣ ସୃଷ୍ଟି କରିଛି ବୋଲି ହସ୍ପିଟାଲ୍‌ର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର ସୂଚନା ଦେଇଛନ୍ତି । ୫୭୫ ଶଯ୍ୟାବିଶିଷ୍ଟ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ୍ ସମ୍ ଅଲ୍ଟିମେଟ ମେଡିକେୟାର ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଇଥିବା ବେଳେ ଇନ୍‌ଟରଭେନ୍‌ସନାଲ ଆଣ୍ଡ ରେଡିଓଲୋଜି ଏବଂ ଅତ୍ୟାଧୁନିକ ଭାସ୍କୁଲାର ସେବା ଯୋଗାଇ ଏକ ଉତ୍କର୍ଷ କେନ୍ଦ୍ର ଭାବେ ନିଜକୁ ପ୍ରତିପାଦିତ କରିବାରେ ଲାଗିଛି । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଏବଂ ସମ୍ ଅଲ୍ଟିମେଟ ମେଡିକେୟାରର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ ସମାଜରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ସମ୍ମମର ଲକ୍ଷ୍ୟ । ଏହି ସଫଳ ଅସ୍ତ୍ରୋପଚାର ଆମର ଲକ୍ଷ୍ୟକୁ ପ୍ରତିପାଦିତ କରୁଛି ବୋଲି ସେ କହିଛନ୍ତି । ଏହି ପରିପ୍ରେକ୍ଷୀରେ ସମ୍ମମ୍‌ର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ କହିଛନ୍ତି ଯେ ଏହି ସଫଳତା ହସ୍ପିଟାଲକୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ମାଇଲ ଖୁଂଟ ଭାବେ ଉଭା ହେବାକୁ ସାହାଯ୍ୟ କରିଛି ।

# ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା ଉଦଯାପିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳା ଶୁକ୍ରବାର ଉଦଯାପିତ ହୋଇଯାଇଛି । ଶିରିପୁରସ୍ଥିତି ଇମେଜ୍ ଠାରେ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୨୪୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଉଦଯାପନୀ ଅଧିବେଶନରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ବିନିତା ସେନାପତି, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ୍. ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଶ୍ରୀ ମହାପାତ୍ର କହିଥିଲେ ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ଶିକ୍ଷକମାନଙ୍କୁ ମଧ୍ୟ ନୂତନ ଜ୍ଞାନକୌଶଳର ଶିଖିବାର ଆବଶ୍ୟକତା ରହିଛି । ଏହି ଦିଗଦର୍ଶନରୁ ଯାହା ଶିକ୍ଷାଗ୍ରହଣ କରିବେ, ତାହା ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ କରିବାରେ ବ୍ୟବହାର କରିବେ ବୋଲି ମତ ରଖିଛନ୍ତି । ସୂଚନାଯୋଗ୍ୟ, ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ ଦିଗଦର୍ଶନ କର୍ମଶାଳା ଦୁଇଟି ପର୍ଯ୍ୟାୟରେ ଆୟୋଜନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୩ ରୁ ଫେବୃଆରୀ ୭ ତାରିଖ ଯାଏଁ ଅନୁଷ୍ଠିତ ହୋଇଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ଫେବୃଆରୀ ୯ ତାରିଖରୁ ଫେବୃଆରୀ ୧୩ ତାରିଖ ଯାଏଁ ଅନୁଷ୍ଠିତ ହୋଇଥିଲା । କର୍ମଶାଳାରେ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସ୍ଥାନୀୟ ପରିଦର୍ଶନ ନିମନ୍ତେ କଳାଭୂମୀ ନିଆଯାଇଥିବା ବେଳେ ବିଭିନ୍ନ ପ୍ରକାର ଆକ୍ଟିଭିଟି କରାଯାଇଥିଲା ଏବଂ ଶେଷରେ ଶ୍ରେଷ୍ଠ ଆକ୍ଟିଭିଟି ପ୍ରଦର୍ଶନ ଟିମ୍ କୁ ପୁରସ୍କୃତ କରାଯାଇଥିଲା ।

# ଶ୍ରୀ ରାଧାରମଣ ଦେବଙ୍କ ୯୦ ତମ ଅଷ୍ଟ ପ୍ରହରୀ ନାମଯଜ୍ଞ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



କଳିଯୁଗ ନାମ ରୂପେ କୃଷ୍ଣଅବତାର, ନାମ ସଂକୀର୍ତନ ଯଜ୍ଞ ଜୀବନର ଉଦ୍ଧାର । ଏଇ ପରିପକ୍ଷିରେ କୋରେଇ ନିର୍ବାଚନ ମଣ୍ଡଳୀର କୋରବନ୍ଧୀ ଜଗନ୍ନାଥପୁର ଗ୍ରାମରେ ଶ୍ରୀ ଶ୍ରୀ ରାଧାରମଣ ଦେବଙ୍କ ୯୦ତମ ଅଷ୍ଟ ପ୍ରହରୀ ନାମଯଜ୍ଞ ସଂକୀର୍ତ୍ତନ ଉତ୍ସବ ମହା ସମାରୋହରେ ପାଳନ ହୋଇଯାଇଛି । ଏହି ନାମଯଜ୍ଞ ସଂକୀର୍ତ୍ତନ ଉତ୍ସବ ଦୀର୍ଘ ୩ ଦିନ ଧରି ଚାଲିଥିବା ବେଳେ ପ୍ରଥମ ଦିନରେ ଅଧିବାସ ଦ୍ୱିତୀୟ ଦିନରେ ନାମଯଜ୍ଞ ଓ ତୃତୀୟ ଦିନରେ ନଗର ପରିକ୍ରମା ହୋଇଥିଲା । ତେବେ ଏହି ଉତ୍ସବ ଦ୍ୱାରା ଗ୍ରାମର ଭାଇଚାରା, ଏକତା ଓ ଭଲପାଇବାକୁ ବଜାୟ ରଖିପାରିଛି । ପ୍ରତ୍ୟୋକ ବର୍ଷ ଭଳି ଚଳିତ ବର୍ଷ କୋରବନ୍ଧୀ ଜଗନ୍ନାଥପୁର ଗ୍ରାମର ଘରେ ଘରେ ଆନନ୍ଦ ଉତ୍ସବ ଓ ଶାନ୍ତିପୂର୍ଣ୍ଣ ବାତାବରଣରେ ସମସ୍ତେ ଏକମନ ଏକପ୍ରାଣ ହୋଇ ଏହି ଉତ୍ସବକୁ ଶ୍ରଦ୍ଧାରେ ପାଳନ କରିଥାନ୍ତି । ତେବେ ଏହି ଉତ୍ସବରେ କୋରେଇ ନିର୍ବାଚନ ମଣ୍ଡଳୀର ବହୁ ଅଂଚଳୁ ମାନ୍ୟଗନ୍ୟ ବ୍ୟକ୍ତିବିଶେଷ ମାନେ ଯୋଗଦେଇଥିଲେ କ୍ଷମୁଖ୍ୟ କର୍ତ୍ତା ଭାବେ-କିଶୋର କୁମାର ରାଉତ, କଳଶିଆ -ସୁଶାନ୍ତ ଜେନା, ଦୀପକ ମଲ୍ଲିକ, ଦୀନେଶ କୁମାର ବରାଳ, ମନୋଜ କୁମାର ରାଉତ, ସୌମ୍ୟରଂଜନ ସ୍ୱାଇଁ, ସଂଜୀବ ରାଉତ, ସରୋଜ ସ୍ୱାଇଁ, ରାଜୁ ମାଝୀ ହେମନ୍ତ ଜେନା, ମୁଖ୍ୟ ପୂଜକ -ଜଗତ ଦାଶ ମୁଖ୍ୟ ସହଯୋଗୀ -ଅଜୟ କୁମାର ବରାଳ, ଯତିଶ କୁମାର ମଲ୍ଲିକ, ସୁକାନ୍ତ ଜେନା, ସଞ୍ଜୟ ମଲ୍ଲିକ, ପ୍ରଫୁଲ୍ଲ ରାଉତ, ମାଗୁଣି ମାଝୀ ଅଭିମନ୍ୟୁ ଜେନା, ସନ୍ତୋଷ ମଲ୍ଲିକ, ଦିନାର୍ଦ୍ଧନ ରାଉତ, ନୃଶିଘଂ ରାଉତ, ଭମର ମାଝୀ, ପ୍ରମୁଖ ସହଯୋଗ କରିଥିଲେ । କିଆପଦା, ମଲାରିଆ, ଉପୁଳେଇ, ଅନ୍ଧାରୀ, କାଚରାସାହି, ନହଣକୂଳ, ପୁଲୁରିଗଡ଼ିଆ, କୋରେଇଗଡ଼ିଆ, ବନ୍ଧଡିହି, ଗୋଦାରପାଳ, ନଠୁଆ, କଣ୍ଟାଝରୀ, ଚୋରଦା ଓ କୋରେଇର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ ଦଳରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିବାବେଳେ ସାରା ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

# କୁଲିଆରୀ ଗ୍ରାମରେ ଭିବି-ଜୀ ରାମ ଜୀ ର ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ନ୍ୟୁଜ ବ୍ୟୁରୋ**



ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ କୁଲିଆରୀ ଗ୍ରାମରେ ଭିବି-ଜି ରାମ ଜୀ ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏପିଓ କେତନ ପଧାନଙ୍କ ନେତୃତ୍ୱରେ ଏବିଡ଼ିଓ ଭିଷ୍ଣୁଦେବ ମାଝୀ,ଜିପିଓ ବିନୟ କୁମାର ବେହେରା, ପିଇଓ କାର୍ତିକେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ସରକାରଙ୍କ ବିଭି ଜୀ ରାମ ଜୀ ଯୋଜନା ବିଷୟରେ ଲୋକମାନଙ୍କୁ ସଚେତନ କରିଥିଲେ ସେ କହିଥିଲେ ଏହି ଯୋଜନାରେ ପୂର୍ବରୁ ଶ୍ରମିକ ମାନଙ୍କୁ ୧୦୦ ଦିନ କାର୍ଯ୍ୟ ମିଳୁଥିଲା ବର୍ତ୍ତମାନ ଶ୍ରମିକଙ୍କୁ ୧୨୫ ଦିନରେ ରୋଜଗାର ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଭିବିଜିରାମ ଜୀ ବିଲ ସଂସଦରେ ପାସ ହୋଇ ଆଇନର ପ୍ରଣୟନ ହୋଇଛି । ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ଲକ୍ଷ୍ୟକୁ ବାସ୍ତବରେ କିପରି ହାସଲ କରାଯାଇ ପାରିବ ତାହା ହେଉଛି ବିକଶିତ ଭାରତର ଉଦ୍ଦେଶ୍ୟ । ଏଥିରେ ବିଶେଷ କରି ଗ୍ରାମାଞ୍ଚଳର ଭିତ୍ତିଭୂମି ତଥା ସାମଗ୍ରିକ ବିକାଶ ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷରେ ଏହି ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ଗ୍ରାମାଞ୍ଚଳ ବିକାଶ ପାଇଁ ଚାରୋଟି କ୍ଷେତ୍ର ଉପରେ ଧ୍ୟାନ ଦିଆଯାଇଛି ଯେପରିକି ଜଳ ସୁରକ୍ଷା, ଗ୍ରାମୀଣ ମୌଳିକ ଭିତ୍ତିଭୂମିର ବିକାଶ, ଜୀବିକା ରେ ଉନ୍ନତ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ, ଏହି ଯୋଜନା ଦ୍ୱାରା ସ୍ଥାୟୀ ବିକାଶ ସୁନିଶ୍ଚିତ ହେବ ବୋଲି ଏବିଡ଼ିଓ ଶ୍ରୀଯୁକ୍ତ ମାଝୀ ପ୍ରକାଶ କରିଥିବା ବେଳେ ଆଗାମୀ ଦିନରେ ଏହି ଯୋଜନା ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପହଞ୍ଚି ଜନଜାଗରଣ ସୃଷ୍ଟି କରିବ ସେ ବିଷୟରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲ ।

# ମନ୍ଦିରରେ ପୂଜା କରିବା ପାଇଁ ଏସପିଙ୍କୁ ଭେଟିଲେ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ କୋଇଲିପୁର ଗ୍ରାମରେ ନିଜସ୍ୱ ପାଣ୍ଠିରେ ଦଳିତ ପରିବାର ନିର୍ମାଣ କରିଥିବା ଶିବ ମନ୍ଦିରରେ ପୂଜା କରିବାକୁ ସ୍ଥାନୀୟ କିଛି ସବର୍ଣ୍ଣ ବ୍ୟକ୍ତି ବିରୋଧ କରିବାରୁ ଦଳିତ ପରିବାର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଥିବା ଜଣାପଡିଛି । ଏହି ଦଳିତ ପରିବାର ଦୀର୍ଘ ୩୦ ବର୍ଷ ହେଲା ଉକ୍ତ ମନ୍ଦିରରେ ପୂଜାପାଠ କରି ଆସୁଥିବାବେଳେ ମନ୍ଦିରକୁ ପ୍ରବେଶ ନ କରିବା ପାଇଁ ଏମାନଙ୍କୁ ଧମକ ଚମକ ଦେଉଛନ୍ତି । ଏ ନେଇ ଏହି ପରିବାର ଅଭିଯୁକ୍ତ ମାନଙ୍କୁ ଧରିବା ସହିତ ମନ୍ଦିରରେ ପୂଜାପାଠ କରିବା ପାଇଁ ଏସ୍‌ପିଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡିଛି ।

## ମାହାଙ୍ଗାରେ ଉନ୍ନୟନ କମିଟି ବୈଠକ —

# ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ବିକାଶ ଉପରେ ସମୀକ୍ଷା

**କଟକ, ନ୍ୟୁଜ ବ୍ୟୁରୋ**




ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଆଜି ପୂର୍ବାହ୍ନରେ ମାନ୍ୟବର ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ବୈଠକରେ କୃଷି, ପଶୁପାଳନ, ଶିକ୍ଷା, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯିବା ସହ ପୂର୍ବ ଅନୁମୋଦିତ କାର୍ଯ୍ୟ ସମ୍ପର୍କରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରାଯାଇଥିଲା । ବୈଠକରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ପୂରଣ , ବିଦ୍ୟାଳୟ ଉନ୍ନତିକରଣ, ଡେପୁଟେସନ୍‌ରେ ଥିବା ଶିକ୍ଷକ ମାନଙ୍କ ନିଜସ୍ୱ ସ୍ଥାନକୁ ବଦଳି ନିମନ୍ତେ ଆଲୋଚନା କରାଯାଇଥିଲା । ରାସନ୍ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା ଜନିତ ସମସ୍ୟା ଗୁଡିକର ସମାଧାନ କରିବା ସହିତ ଉପଯୁକ୍ତ ତଥ୍ୟ ଓ ପ୍ରମାଣପତ୍ର ଥିବା ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବା, ନୂତନ ରାସ୍ତା ନିର୍ମାଣ ଓ ମରାମତି, ଡ୍ରେନେଜ ନବୀକରଣ ଓ ଡ୍ରେନେଜ ଯୋଗୁ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟା ର କିଭଳି ତୁରନ୍ତ ସମାଧାନ ହୋଇପାରିବ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ଓ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକ ଗୁଡିକର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟି ପକେଇବା ଓ ଅନାବଶ୍ୟକ ସ୍ଥଳେ ଖୁଣ୍ଟଗୁଡିକୁ ହଟାଇବା ନେଇ ଟିପିସିଓଡ଼ିଏଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । କଟକ ଏକ କୃଷି ନିର୍ଭରଶୀଳ ଜିଲ୍ଲା, ଉପଯୁକ୍ତ ଜଳସେଚନ ସହ କୃଷିକାର୍ଯ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମାଞ୍ଚଳରେ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ସେବାର ସମୟ ପରିବର୍ତ୍ତନ ଓ ଲୋକମାନଙ୍କ ସୁବିଧା ଏବଂ ଆବଶ୍ୟକ ସ୍ଥଳେ ବସ୍ ଚଳାଚଳର ନୂତନ ରହଣିସ୍ଥଳ ନେଇ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏଥି ନିମନ୍ତେ ଦୃଷ୍ଟି ଦେବାକୁ କହିଥିଲେ । ଉକ୍ତ ନିର୍ବାଚନ ମଣ୍ଡଳୀର ସମସ୍ତ ଉନ୍ନୟନ କାର୍ଯ୍ୟ ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା,ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ମିଶନ ଶକ୍ତି ଏବଂ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନକଲ୍ୟାଣ ମୂଳକ ଆଦି ଯୋଜନାର ସମୀକ୍ଷା କରାଯାଇଥିଲା । ନିର୍ବାଚନ ମଣ୍ଡଳୀର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ଯନ୍ତ୍ରୀ ମାନଙ୍କ ସହ ଆଲୋଚନା କରି ଏହାର ତ୍ୱରିତ ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ରାଜନୈତିକତାରୁ ଉର୍ଦ୍ଧ୍ୱରେ ରହି ନିରପେକ୍ଷ ଭାବେ ଚାଷ କାର୍ଯ୍ୟରେ ବିହନ ବଣ୍ଟନ କରିବା ନିମନ୍ତେ ବିଭାଗୀୟ କର୍ମଚାରୀ ମାନଙ୍କୁ ବୈଠକରେ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର, ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସଂଗୀତା ସାହୁ ଏବଂ ଉପନିର୍ଦ୍ଦେଶକ, ବିଶ୍ୱରଞ୍ଜନ ଦାଶଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଗୁପ୍ତେଶ୍ୱର ପୀଠ ହେବ ପଲିଥିନ ମୁକ୍ତ, ବିଡ଼ିଓଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଜୟପୁର, ନ୍ୟୁଜ ବ୍ୟୁରୋ**

କୋରାପୁଟ ଜିଲ୍ଲା ବୈପାରୀଗୁଡା ପଂଚାୟତ ସମିତି କାର୍ଯ୍ୟାଳୟରେ ଜାଗର ଯାତ୍ରା ଅବସରରେ ' ପ୍ଲାଷ୍ଟିକ ମୁକ୍ତ ' ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈପାରୀଗୁଡା ବିଡ଼ିଓ ସୁବ୍ରତ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ବୈଠକରେ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲାପରିଷଦ ସଭ୍ୟ ରାଜେଶ ମହୁରୀଆ, ଏବିଡ଼ିଓ ନିବେଦିତା ଦଣ୍ଡସେନା, ସମସ୍ତ ସରପଂଚ ଓ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ଆଗକୁ ଗୁପ୍ତେଶ୍ୱର ପୀଠରେ ବହୁ ଆଡମ୍ବର ଭାବେ ଶିବରାତ୍ରି ତଥା ଜାଗରେ ଯାତ୍ରା ଅନୁଷ୍ଠିତ ହେବ । ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ । ହେଲେ ପୀଠରେ ପଲିଥିନି ମୁକ୍ତ ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଛି । ଫ୍ରଣ୍ଡସ ୟୁନିଟ ବ୍ଲକ ସଦସ୍ୟ ଏମ ତେଜସ୍ୱର ରାଓ ପଲିଥିନ ଦ୍ୱାରା କଣ ପରିବେଶ କିପରି ନଷ୍ଟ ହେଉଛି ତାହା ପ୍ରଜେକ୍ଟର ମାଧ୍ୟମରେ ଉପସ୍ଥିତ ସମସ୍ତଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଆଜିର ନିଷ୍ପତି ଅନୁଯାଇ ପ୍ରଥମେ ପୀଠରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ ରାଲି ଅନୁଷ୍ଠିତ ହେବ ଏବଂ ଦୋକାନୀଙ୍କୁ ପଲିଥିନ ବଦଳରେ ମାଟିରେ ମିଶିବା ପଲିଥିନ ବ୍ୟବହାର ପାଇଁ ବୁଝାଯିବ । ଯଦି ନିୟମ ନ ମାନିଲେ ଫାଇନ ବ୍ୟବସ୍ଥା ରହିବ ବୋଲି ବିଡ଼ିଓ ସ୍ୱଷ୍ଟ କରିଛନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି । ପୀଠରେ ପଲିଥିନ ବ୍ୟବହାର ଉପରେ ରଖିବେ ନଜର ।

# ଇଟିପୁର ୟୁଜିୟୁପି ସ୍କୁଲର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇଟିପୁର ୟୁଜିୟୁପି ସ୍କୁଲର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ମିନି ସୋରେନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାରାୟଣ ପ୍ରସାଦ ମନ୍ତ୍ରୀ ଯୋଗ ଦେଇଥିବାବେଳେ ସମିତି ସଭ୍ୟା ସସ୍ମିତା ପଲାଇ, ପରିଚାଳନା ପରିଷଦ ସଭାପତି ପର୍ଶୁରାମ ବେହେରା, ବିନାୟକ ପ୍ରଧାନ, ଚିତରଂଜନ ପ୍ରଧାନ, ସୁନିଲ୍ ପ୍ରଧାନ, ବିଚିତ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ରୀତାଞ୍ଜଳି ଜେନା ବିବରଣୀ ପାଠ କରିଥିବାବେଳେ ମଂଚ ପରିଚାଳନା ରାଜଶ୍ରୀ ନନ୍ଦ ଓ ସଂଘମିତ୍ରା ବିଶ୍ୱାଳ ମଂଚ ପରିଚାଳନା କରିଥିବାବେଳେ କବିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୫ ଫେବୃୟାରୀ ୨୦୨୬ ରବିବାର





# ବସ୍‌ଷ୍ଟାଣ୍ଡରେ ଅତିରିକ୍ତ ସୁବିଧା ପାଇଁ ୨କୋଟିର ସମ୍ପ୍ରସାରିତ ଡିପିଆର୍ ପ୍ରସ୍ତୁତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଫାଷ୍ଟଗେଟ୍ ଡୁଡୁମା କଲୋନୀରେ ବୁଧବାର ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଛି । ବସ୍‌ଷ୍ଟାଣ୍ଡରେ ଯାତ୍ରୀ ସେଡ୍, ଶୌଚାଳୟ, ପାର୍କିଂ ଲଟ୍, ଟିକଟ ଘର ସହ ଏହାକୁ ବ୍ୟବହାର ଯୋଗ୍ୟ କରାଯାଇଛି । ଏଥିପାଇଁ ୨ଟି ପର୍ଯ୍ୟାୟରେ ୧ କୋଟି ୫୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏବେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ ଅଧିକ ଉପଯୋଗୀ କରିବା ପାଇଁ ଅତିରିକ୍ତ ୨ କୋଟି ଟଙ୍କାର ସମ୍ପ୍ରସାରିତ ଡିପିଆର୍ ପ୍ରସ୍ତୁତ କରାଯାଇଛି । ବିଡ଼ିଏ ଏହି ଡିପିଆର୍ ପ୍ରସ୍ତୁତ କରିଛି । କାର୍ଯ୍ୟାଦେଶ ପ୍ରଦାନ ପାଇଁ ଶୀଘ୍ର ଏହାର ଟେଣ୍ଡର ଆହ୍ୱାନ୍ କରାଯିବ ବୋଲି ବିଡ଼ିଏ ସୂତ୍ରରୁ ସୂଚନା ମିଳିଛି । ଅତିରିକ୍ତ ଡିପିଆର୍‌ରେ ବସ୍ ପାର୍କିଂ ସ୍ଥଳକୁ କଂକ୍ରିଟ୍ କରାଯିବ । ୫ ଏକର ବିଶିଷ୍ଟ ଜମିର ଦୁଇ ଏକର ଅଞ୍ଚଳ ବସ୍ ପାର୍କିଂ ସଂରକ୍ଷିତ ରଖାଯାଇଛି । ରାତି ସମୟରେ ହେଉ କିମ୍ବା ଦିନରେ ରୁଟ୍‌ରୁ ଫେରିବା ପରେ ଅଟକି ରହିବା ପାଇଁ ଏହି ସ୍ଥାନ ରଖାଯାଇଛି । ପ୍ରାୟ ଦୁଇ ଏକର ବିଶିଷ୍ଟ ଏହି ଜମିକୁ ସମତୁଲ କରାଯାଇଥିଲେ ମଧ୍ୟ କଂକ୍ରିଟ୍ କରାଯାଇନାହିଁ । ସମ୍ପ୍ରସାରିତ ଡିପିଆର୍‌ରେ ଏହାକୁ କଂକ୍ରିଟ୍ କରାଯିବ ବୋଲି ବିଡ଼ିଏ ଇଞ୍ଜିନିୟରିଂ ମେମ୍ବର ଇଂ. ମନୋଜ କୁମାର ପାତ୍ର ସୂଚନା ଦେଇଛନ୍ତି । ସେହିଭଳି ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ପରିସରରେ ଆଉ ୧୦ଟି ଶୌଚାଳୟ ନିର୍ମାଣର ଯୋଜନା କରାଯାଇଛି । ଏବେ ଓ୍ୱାଟ୍‌କୋ ତରଫରୁ ୧୦ଟି ମୋବାଇଲ୍ ଟଏଲେଟ୍ ରହିଛି । ବର୍ଦ୍ଧିତ ଯାତ୍ରୀ ସଂଖ୍ୟା, ବସ୍ ଚାଳକ ଓ ସହାୟକଙ୍କ ଆବଶ୍ୟକତାକୁ ଦେଖି ଆଉ ୧୦ଟି ଶୌଚାଳୟ ନିର୍ମାଣ କରିବାକୁ ନିଷ୍ପତି ହୋଇଛି । ତାସହିତ ବସ୍‌ଷ୍ଟାଣ୍ଡ ପରିସରରେ ପେଭର ବିଛାଇବା ପାଇଁ ସମ୍ପ୍ରସାରିତ ଡିପିଆର୍‌ରେ ବ୍ୟବସ୍ଥା ହୋଇଛି । ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ ସ୍ଥାୟୀ କରିବାକୁ ଲକ୍ଷ୍ୟ ରହିଛି । ସହର ସମ୍ପ୍ରସାରଣ ହେଉଥିବା ବେଳେ ଆଭ୍ୟନ୍ତରିଣ ଅଞ୍ଚଳ ଟ୍ରାଫିକ୍ ଜାମ୍‌ରେ ଘାଣ୍ଟି ହେଉଛି । ଶହ ଶହ ବସ୍, ଟ୍ରକ୍ ଓ ଅନ୍ୟାନ୍ୟ ଭାରିଯାନ ସହର ଭିତରେ ଯାତାୟାତ କରୁଛନ୍ତି । ଏହାକୁ ରୋକିବାକୁ ହେଲେ ସହର ଅତିକ୍ରମ କରିବା ପାଇଁ ମୁକ୍ତ ଓ ଅବାଧ ପଥ ଆବଶ୍ୟକ ରହିଛି । ଯାହା ରିଂ ରୋଡ୍ ପୂରଣ କରିବ ବୋଲି ଜିଲ୍ଲାପାଳ କହିଛନ୍ତି । ସେହିଭଳି ଅଧିକରୁ ଅଧିକ ଆମ ବସ୍ ଚଳାଇବା ଏବଂ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାତ୍ରୀ ପରିବହନ ସହଜ କରିବାପାଇଁ ସହରରେ ବସ୍‌ଷ୍ଟପ୍ ସର୍ଭେ ହୋଇଛି । ଆମ ବସ୍ ରହଣି ପାଇଁ ୫୩ଟି ବସ୍‌ଷ୍ଟପ୍ ଚିହ୍ନଟ କରାଯାଇଛି । ଗେଟ୍ ବଜାର ଫ୍ଲାଏଓଭର ସହ ରିଂ ରୋଡ୍ କାର୍ଯ୍ୟକ୍ଷମ ଏବଂ ହରିଡ଼ାଖଣ୍ଡି ଛକରୁ ଅନ୍ଧପସରା ରାସ୍ତାର ଉପଯୁକ୍ତ ବ୍ୟବହାର ହେଲେ ସହରରୁ ଟ୍ରାଫିକ୍ ଜାମ୍ ସମସ୍ୟା ଦୂର ହେବ ବୋଲି କୁହାଯାଇଛି ।



# ବ୍ରାଉନ୍‌ସୁଗାର ଓ ଗଞ୍ଜେଇ ଜବତ:୫ କୋର୍ଟଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍.ଆଇ.ଆର୍‌ଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡା ଟାଉନ୍, ସଦର, ରାଜନଗର, ମହାକାଳପଡା ବିଭିନ୍ନ ସ୍ଥାନରେ ଚଢଉକରି ବ୍ରାଉନ୍‌ସୁଗାର, ଗଞ୍ଜେଇ ଓ ଚୋରା ମଦ ଜବତ କରି ମାଲଢିଆ ଗ୍ରାମର ଗଗନ ସ୍ୱାଇଁ, ନରହରି ଗ୍ରାମର ରଜନୀକାନ୍ତ ଦାସ, ଗଞ୍ଜା ଗ୍ରାମର ବାସୁଦେବ ନାୟକ, ମଧୁସୁଦନପୁର ଗ୍ରାମର ଜାହିଦ୍ ଖାଁ ଓ ବଡଗ୍ରାମର ରାଜନଗର ଗ୍ରାମର ବଳରାମ ସେଠୀ ପ୍ରଭୃତିଙ୍କ ପାଖରୁ ଚୋରା ମଦ ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ଜବତ କରି ଏମାନଙ୍କୁ କୋର୍ଟଚାଲାଣ କରାଯାଇଛି । ଏହି ଚଢଉ ସମୟରେ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ, ରଞ୍ଜନ ମିଶ୍ର, କଳ୍ପନା ରାଉତ, ଉପନିରୀକ୍ଷକ ସୁନିଲ୍ କୁମାର ମିଶ୍ର ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

# ଏସ୍‌ସିବିରେ ନିର୍ଦ୍ଧାରିତ ଦିନ ବ୍ୟତୀତ ଅନ୍ୟଦିନମାନଙ୍କରେ ମଧ୍ୟ ମିଳିବ ସମ୍ପୃକ୍ତ ଡାକ୍ତରଙ୍କ ପରାମର୍ଶ

**କଟକ, ନ୍ୟୁଜ୍ ବ୍ୟୁରୋ**




ଏସିସିବି ମେଡିକାଲ୍ ଓ ହସ୍ପିଟାଲ୍‌ରେ ରୋଗୀମାନଙ୍କ ସୁବିଧାକୁ ଲକ୍ଷ୍ୟ କରି ବହିର୍ବିଭାଗ (ଓପିଡି) ଚିକିତ୍ସା ସେବାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି । ଏହି ନୂତନ ବ୍ୟବସ୍ଥା ଫଳରେ ଏବେ ରୋଗୀମାନେ ନିର୍ଦ୍ଧାରିତ ଦିନ ବ୍ୟତୀତ ଅନ୍ୟ କାର୍ଯ୍ୟଦିବସରେ ମଧ୍ୟ ସମ୍ପୃକ୍ତ ଡାକ୍ତରଙ୍କ ପରାମର୍ଶ ପାଇପାରିବେ । ପୂର୍ବରୁ ଏସ୍‌ସିବିର ବର୍ହିବିଭାଗରେ ବିଭିନ୍ନ ବିଭାଗ ଓ ଡାକ୍ତରମାନଙ୍କ ପରାମର୍ଶ ପାଇଁ ନିର୍ଦ୍ଧାରିତ ଦିନ ସ୍ଥିର କରାଯାଇଛି । ଏଥିପାଇଁ ରୋଗୀମାନେ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ଟିକଟ ବୁକିଂ କରି ସେହିଦିନ ଡାକ୍ତରୀ ପରାମର୍ଶ ନେଇଥାଆନ୍ତି । ଡାକ୍ତରୀ ପରାମର୍ଶ ପରେ ଅନେକ ସମୟରେ ବିଭିନ୍ନ ପରୀକ୍ଷା – ନିରୀକ୍ଷା କରାଇବା ଓ ରିପୋର୍ଟ ପାଇବାକୁ ସମୟ ଲାଗିଥାଏ । ଯଦି ରୋଗୀ ସେହିଦିନ ରିପୋର୍ଟ ପାଇପାରନ୍ତିନାହିଁ, ତେବେ ସେମାନଙ୍କୁ ଆଗାମୀ ନିର୍ଦ୍ଧାରିତ ପରାମର୍ଶ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥାଏ । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସ୍‌ସିବି କର୍ତ୍ତୃପକ୍ଷ ଲାଗୁ କରିଥିବା ନୂତନ ନିୟମ ଅନୁଯାୟୀ, ଯଦି କୌଣସି ରୋଗୀ ନିର୍ଦ୍ଧାରିତ ଦିନରେ ଡାକ୍ତରଙ୍କୁ ରିପୋର୍ଟ ଦେଖାଇବାରେ ଅସମର୍ଥ ହୁଅନ୍ତି, ତେବେ ସେ ପରବର୍ତ୍ତୀ ଦିନ କିମ୍ବା ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ସମ୍ପୃକ୍ତ ଡାକ୍ତର ଚିକିତ୍ସା କରୁଥିବା ଓ୍ୱାର୍ଡ କିମ୍ବା ଚାମ୍ବରକୁ ଯାଇ ସେହି ଡାକ୍ତରଙ୍କ ପରାମର୍ଶ ନେଇପାରିବେ । ଏହି ପଦକ୍ଷେପ ରୋଗୀମାନଙ୍କ ପାଇଁ ଅନେକ ସୁବିଧା ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ବିଶେଷକରି ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଏଥିରୁ ଲାଭାନ୍ୱିତ ହେବେ । ରୋଗୀ ସେବାକୁ ଆହୁରି ସୁଗମ ଓ ପ୍ରଭାବଶାଳୀ କରିବା ପାଇଁ ଆଗାମୀ ଦିନମାନଙ୍କରେ ଏଭଳି ପରିବର୍ତ୍ତନ ଜାରି ରହିବ ।

# ବ୍ୟବସାୟ ଓ ଉଦ୍ୟୋଗୀକରଣରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ନେଇ ପରାମର୍ଶ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜ୍‌ନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଏକ ମ୍ୟାନେଜ୍‌ମେଣ୍ଟ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ୍ ଗତ ଶନିବାର ଆୟୋଜିତ ହୋଇଯାଇଛି । 'ମ୍ୟାନେଜିଂ ଏଆଇ ଡ୍ରିଭନ୍ ମାର୍କେଟ: ଆନ୍ ଇଣ୍ଡଷ୍ଟ୍ରି ୫.୦ ପର୍ସପେକ୍ଟିଭ୍' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଉଦ୍ୟୋଗୀ, ବ୍ୟବସାୟୀ, କର୍ପୋରେଟ ଜଗତର ବ୍ୟକ୍ତିବିଶେଷ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇ ମାର୍କେଟ୍ ଏବଂ ବ୍ୟବସାୟ ଭିତ୍ତିକ ନିଷ୍ପତି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବଢ଼ିଚାଲିଥିବା ଭୂମିକା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ । କାର୍ଯ୍ୟକ୍ରମରେ ଏମ୍‌ଡିପିର ଆବାହକ ତଥା ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଏବଂ ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଆୟୋଜିତ ବୈଷୟିକ ପର୍ଯ୍ୟାୟକୁ ଏଆଇ ଟ୍ରେନ୍‌ର ସିଏ ଏସ୍‌କେ. ଅବୁ ସକିବ୍ ପରିଚାଳନା କରିଥିଲେ । ସେହିପରି ଆଇଟି ପ୍ଲସ୍ ପଏଣ୍ଟ ସଲ୍ୟୁସନ୍‌ସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ପ୍ରଭାତ ସାହୁ ଏବଂ ଟିସିଏସ୍ ରିସର୍ଚ୍ଚର ପ୍ରମୁଖ ବୈଜ୍ଞାନିକ ଓ ଇଞ୍ଜିନିୟର ଡକ୍ଟର ହେମନ୍ତ ରଥ ଯୋଗଦେଇ କୃତ୍ରିମ ବୁଦ୍ଧିମତା କିଭଳି ବ୍ୟବସାୟ ଏବଂ ଉଦ୍ୟୋଗୀକରଣରେ ବ୍ୟବହାର କରାଯାଉଛି ସେ ନେଇ ବକ୍ତବ୍ୟ ରଖିଥିଲେ । ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗଦେଇ ବକ୍ତବ୍ୟ ରଖିବା ସହ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଏମ୍‌ଡିପିର ସଂଯୋଜିକା ଡକ୍ଟର ଅଳକା ସାମନ୍ତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡକ୍ଟର ରୀତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ତୃପ୍ତି କିୟା, ଭୁବନେଶ୍ୱରର ନିର୍ଦ୍ଦେଶକ ରୁଦ୍ର ନାରାୟଣ ସାମନ୍ତରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାରୁ ୫୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ।

# ଚାଷୀମାନଙ୍କ ସମସ୍ୟା ସମାଧାନ ଦାବିରେ ବିଜେଡ଼ିର ବିକ୍ଷୋଭ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**




ସୁବର୍ଣ୍ଣପୁର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ବ୍ଲକ ଛକ ଠାରୁ ବାହାରିଥିଲା । ଜିଲ୍ଲାରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଲାଗି ଆୟୋଜିତ ହୋଇଥିବା ଏହି ଶୋଭାଯାତ୍ରା ସୁବର୍ଣ୍ଣପୁର ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ପହଞ୍ଚି ଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ବିଜେଡି ଜିଲ୍ଲା ସଭାପତି ସରୋଜ କର୍ମଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଯୋଗଦେଇ ରାଜ୍ୟ ସରକାର ଏବେ ଚାଷୀମାନଙ୍କ ପ୍ରତି ଅବିଚାର କରିଥିବା ପ୍ରକାଶ କରି ପ୍ରଥମେ ସେମାନେ ଘୋଷଣା କରିଥିବା ଇନ୍‌ପୁଟ୍ ସବ୍‌ସିଡି ୮୦୦ ଟଙ୍କା ସହ କେନ୍ଦ୍ର ସରକାରଙ୍କର ବର୍ଦ୍ଧିତ ୬୯ ଟଙ୍କାକୁ ମିଶାଇ ଚାଷୀଙ୍କୁ ପ୍ରଦାନ କରିବା ପାଇଁ ଆହ୍ୱାନ୍ ଦେଇଥିଲେ । ଏ ଅବସରରେ ସାମ୍ବାଦିକମାନଙ୍କୁ ସମ୍ବୋଧନ କରି ସେ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଚାଷୀ ପ୍ରତି ଦେଇଥିବା ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ଫେଲ୍ ମାରିଛି କଟିନୀ ଛଟନୀ ବନ୍ଦ କରି ଦୁର୍ନିତୀ ହଟାଇବା ପାଇଁ ଦାବି କରିଥିଲେ । ଧାନକ୍ରୟ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସୁଧାର ଆଣିବାକୁ ଉପସ୍ଥିତ ନେତୃତ୍ୱ ଗର୍ଜିଥିବାବେଳେ ଆଇନ୍ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସେମାନେ ଅଭିଯୋଗ କରିଥିଲେ । ଏହି ବିକ୍ଷୋଭ ସମାବେଶରେ ଜିଲ୍ଲାର ସମସ୍ତ ବ୍ଲକର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ବିଜେଡି ଜିଲ୍ଲା ସଭାପତି ସରୋଜ କର୍ମ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ପୂର୍ବତନ ଓପିଡିସି ଅଧ୍ୟକ୍ଷ ଅଭିମନ୍ୟୁ କୁଶଳ, ସୋନପୁର ବିଜେଡି ନଗର ସଭାପତି ଜନ୍ମେଜୟ ପାତ୍ର ପ୍ରମୁଖ ଉପସ୍ଥିତ ସହ ସମସ୍ତ ସଭ୍ୟ ଓ ହଜାର ସଂଖ୍ୟାରେ ଦଳୀୟକର୍ମୀ ଯୋଗଦେଇ ଥିଲେ ।

# ବିକାଶ ମିଶନ ବୈଠକ:ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ଠାରେ ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ଯୁବକ ଯୁବତୀମାନଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ବୈଠକରେ ମୁଖ୍ୟତଃ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । 'ନୂଆ ଓଡ଼ିଶା' ଓ ପ୍ଲେସ୍‌ମେଣ୍ଟ ଲିଙ୍କଡ୍ ଟ୍ରେନିଂ ପ୍ରୋଗ୍ରାମ୍ କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାର ୧୩ଟି ବ୍ଲକରେ ଚାଲୁଥିବା ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ଏହାର ସଫଳ ରୂପାୟନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା-୨୦୨୫-୨୬ ଓ.ଏସ୍.ଏମ୍.ଇ କ୍ୟାମ୍ପସରେ ଏକ ବିଶାଳ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥିରେ ପ୍ରାୟ ୬୦ ଜଣ ସିଧାସଳଖ ନିଯୁକ୍ତିଦାତା ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଆପୋଲୋ ମେଡସ୍କିଲ୍ସ ଜରିଆରେ ତାଲିମ: ଜିଲ୍ଲାର ୬୦୦ ଯୁବକ ଯୁବତୀଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଯୁକ୍ତି ଭିତ୍ତିକ ତାଲିମ୍ ପ୍ରଦାନ କରାଯିବ । ଡିଏମ୍‌ଏଫ୍ ସହାୟତାରେ ସି.ଟି.ସି.ସି, ସିପେଟ୍ ଏବଂ ଆଇ.ଏଚ୍.ଏମ୍ ଭଳି ପ୍ରତିଷ୍ଠାନ ମାଧ୍ୟମରେ ଚାଲୁଥିବା ତାଲିମ୍ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି । ପଛୁଆ ବର୍ଗ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ପି.ଭି.ଟି.ଜି ଗୋଷ୍ଠୀ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ଦକ୍ଷତା ବିକାଶ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି । ବୈଠକରେ ମଡେଲ କ୍ୟାରିୟର ସେଣ୍ଟରର କାର୍ଯ୍ୟକାରିତା, ତେଲକୋଇ ଠାରେ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ ଏବଂ ଜିଲ୍ଲାରେ ୫ଟି ନୂତନ ସରକାରୀ ଆଇଟିଆଇ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା । ଏଥିସହିତ ବିଭିନ୍ନ ବ୍ଲକରେ ସଚେତନତା ଶିବିର ଆୟୋଜନ କରି ପ୍ରତି ବ୍ଲକରୁ ୧୫୦ ଜଣ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମଦନଧର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲ୍ଲାପାଳ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ଜିଲ୍ଲାର ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ଶିଳ୍ପ ସଂସ୍ଥାର ପ୍ରତିନିଧି ଏବଂ ତାଲିମ୍ ପ୍ରଦାନକାରୀ ସଂସ୍ଥାର ମୁଖ୍ୟମାନେ ଉପସ୍ଥିତ ଥିଲେ ।



# କଟାପାଲି ଡକାୟତି ଘଟଣାରେ ଜଣେ ଗିରଫ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଧଣ୍ଡାମଣ୍ଡା ପଞ୍ଚାୟତ କଟାପାଲି ଗ୍ରାମରେ ଘରେ ପଶି ଟଙ୍କା, ସୁନା ଓ ରୁପା ଚୋରି କରିଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଧଣ୍ଡାମୁଣ୍ଡା ପଞ୍ଚାୟତ ନିକଟସ୍ଥ କଟାପାଲି ଗାଁରେ ବୁଧବାର ଦିନ ଦ୍ୱିପହରରେ ଯୁବକ ମନୋଜ କଠାର ସୁଯୋଗ ନେଇ ସଜନା ଝାଙ୍କରଙ୍କ ଘରେ ପଶି ନଗଦ ବାରହଜାର ଟଙ୍କା, ଚାରୋଟି ସୁନାରୁପା ଚନ୍ଦ୍ର ଚୋରି କରିନେଇଥିଲା । ଅଭିଯୋଗ ଅନୁସାରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ମନୋଜ କଠାରକୁ ପଚରାଉଚୁରା କରିଥିଲା । ପରେ ପୋଲିସ ତାପାଖରୁ ନଗଦ ୧୦ ହଜାର ୬୦୦ ଟଙ୍କା, ଗୋଟେ ରୁପା ଚେନ୍, ଗୋଟେ ରୁପା ଆଙ୍ଗୁଠି ଜବତ କରିଥିଲା । ଏନେଇ ଖପ୍ରାଖୋଲ ଥାନା କେସ୍ ନମ୍ବର ୨୫/୨୦୨୬ରେ ଏକ ଚୋରି ମାମଲା ରୁଜୁ କରି ଚୋରକୁ ଗିରଫ କରି କୋର୍ଟକୁ ପଠାଇଥିବା ଜଣାପଡିଛି । ଏହି ଘଟଣାରେ ଜଡ଼ିତ ଥିବା ସମସ୍ତ ପୋଲିସ ଅଧିକାରୀ ଶିଘ୍ର କାର୍ଯ୍ୟାନୁଷ୍ଠାନ କରିଥିବାରୁ ଜନସାଧାରଣ ପ୍ରଶଂସା କରିଛନ୍ତି । ଘଟଣାର ଅଧିକ ତଦନ୍ତ ଚଳାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି ।

# ବେଦାନ୍ତ ଆଲୁମିନିୟମ୍ ଲାଞ୍ଜିଗଡ଼ ଦକ୍ଷତା ତାଲିମ୍ କେନ୍ଦ୍ରର ୧୦୦% ନିଯୁକ୍ତି ସଫଳତା

**ଲାଞ୍ଜିଗଡ଼/କଳାହାଣ୍ଡି, ନ୍ୟୁଜ୍ ବ୍ୟୁରୋ**



ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶାର କଳାହାଣ୍ଡିରେ ପରିଚାଳିତ ଦକ୍ଷତା ତାଲିମ୍ କେନ୍ଦ୍ରର ଖାଦ୍ୟ ଓ ପାନୀୟ (ଏଫ୍‌ଆଣ୍ଡବି)ର ୨୭ତମ ବ୍ୟାଚ୍ ୧୦୦% ନିଯୁକ୍ତି ସହ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ସମାବେଶୀ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରମାଣିତ କରିଥିବା ଏହି ବ୍ୟାଚ୍‌ରେ ୭ ଜଣ ଦିବ୍ୟାଙ୍ଗ ପ୍ରାର୍ଥୀ ଥିଲେ । ସେହି ସମସ୍ତ ପ୍ରାର୍ଥୀଙ୍କୁ ସେବା ଓ ଆତିଥେୟତା ଉଦ୍ୟୋଗର କିଛି ଅଗ୍ରଣୀ କମ୍ପାନୀରେ ନିଯୁକ୍ତି ସୁଯୋଗ ମିଳିଛି । ଏହି ପ୍ରାର୍ଥୀମାନେ ଇଣ୍ଡିଗୋ, କ୍ଲବ ମହିନ୍ଦ୍ରା, ବେଲଜିଆନ ଓ୍ୱାଫଲ, ମିନର୍ଭା ଗ୍ରାଣ୍ଡ, ଏଭିଏନ୍ ଗ୍ରୁପ୍, ଶ୍ରୀ ନେଚର ଭାଲି ଓ ଗଲ୍‌ଫ କ୍ଲବ୍ ଭଳି ସୁନାମଧନ୍ୟ କମ୍ପାନୀ ମାନଙ୍କରେ ଯୋଗଦେଇଛନ୍ତି । ଏହା କଳାହାଣ୍ଡି ଭଳି ଆକାଂକ୍ଷୀ ଜିଲ୍ଲା ଗୁଡ଼ିକରେ ଅନ୍ତର୍ଭୁକ୍ତି ମୂଳକ, ଦକ୍ଷତା-ଭିତ୍ତିକ ନିଯୁକ୍ତି ପ୍ରତି ଶିଳ୍ପ ଅଂଶୀଦାରମାନଙ୍କ ବଢୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି । ସ୍ଥାୟୀ ଜୀବିକା ସୃଷ୍ଟି, ତୃଣମୂଳ ଅର୍ଥନୈତିକ ବିକାଶକୁ ସୁଦୃଢ଼ କରିବା ଓ ବିକଶିତ ଭାରତର ଜାତୀୟ ଏଜେଣ୍ଡାକୁ ସମର୍ଥନ କରିବା ପାଇଁ କମ୍ପାନୀର ରହିଥିବା ଦୀର୍ଘକାଳୀନ ଲକ୍ଷ୍ୟର ଅଂଶ ସ୍ୱରୂପ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଓ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସହଯୋଗିତାରେ ଭବାନୀପାଟଣା ଓ ଲାଞ୍ଜିଗଡ଼ରେ ଆୟୋଜନ କରାଯାଉଛି । ଏହି ପ୍ରୟାସଟି ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (SDGs), ବିଶେଷକରି SDG 1 - ଦାରିଦ୍ର୍ୟ ମୁକ୍ତ ଏବଂ SDG 8 - ଉପଯୁକ୍ତ କାର୍ଯ୍ୟ ଏବଂ ଆର୍ଥିକ ଅଭିବୃଦ୍ଧି ସହିତ ରଣନୀତିକ ଭାବରେ ସଂଲଗ୍ନ । ଏହି କାର୍ଯ୍ୟକ୍ରମରେ ନାମଲେଖାଇଥିବା ଅଧିକାଂଶ ଦିବ୍ୟାଙ୍ଗ ପ୍ରାର୍ଥୀମାନେ ଦୁର୍ଗମ ଗ୍ରାମାଞ୍ଚଳରୁ ଆସିଛନ୍ତି ଯେଉଁମାନଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିର ପଥ ଅତ୍ୟନ୍ତ ସୀମିତ । ଢାଞ୍ଚାଗତ ବୈଷୟିକ ତାଲିମ୍, କର୍ମକ୍ଷେତ୍ର ପାଇଁ ପ୍ରସ୍ତୁତି ପାଠ୍ୟକ୍ରମ ଓ ନିଯୁକ୍ତିଦାତା ସଚେତନତା ଅଧିବେଶନ ଜରିଆରେ ବେଦାନ୍ତ ଲାଞ୍ଜିଗଡ଼ ଦକ୍ଷତା ତାଲିମ୍ କେନ୍ଦ୍ର ସେମାନଙ୍କୁ ବିଶ୍ୱାସ ଓ ସମ୍ମାନର ସହ ମୁଖ୍ୟଧାରା ଶ୍ରମଶକ୍ତିରେ ଯୋଡ଼ିହେବାକୁ ସକ୍ଷମ କରୁଛି । ଏହି ଅଭିଯାନ ସମ୍ପର୍କରେ ବେଦାନ୍ତ ଆଲୁମିନା ବିଜନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, "ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ତାଲିମ୍ କେନ୍ଦ୍ରରୁ ମୁଖ୍ୟଧାରା କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ରୂପାନ୍ତରିତ ହେବାରେ ସକ୍ଷମ କରି ଆମେ ଦର୍ଶାଇଛୁ ଯେ ସମାବେଶୀ ନିଯୁକ୍ତି ପ୍ରଦାନ କେବଳ ଏକ ସାମାଜିକ ଅଭିଯାନ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ର ଆବଶ୍ୟକତା । ଏହି ମାଇଲଖୁଣ୍ଟ ଆମର ସେହି ବିଶ୍ୱାସକୁ ଦୃଢ଼ କରୁଛି ଯେ ଯେତେବେଳେ ଶିଳ୍ପ ଆବଶ୍ୟକତା ସହ ଦକ୍ଷତା ବିକାଶକୁ ସମନ୍ୱିତ କରାଯିବ ଏବଂ ସଠିକ୍ ବ୍ୟବସ୍ଥା ସହ ତାହାକୁ ସମର୍ଥନ କରାଯିବ ସେତେବେଳେ ତାହା ଉଭୟ ସାମାଜିକ ଓ ଅର୍ଥନୈତିକ ମୂଲ୍ୟ ପ୍ରଦାନ କରିବ ।" ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧିନରେ ୩ ବର୍ଷରେ ୧୩୦୦ରୁ ଅଧିକ ଗ୍ରାମୀଣ ଯୁବକ ଯୁବତୀଙ୍କୁ ତାଲିମ୍ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ଏହି ଅଭିଯାନ ଅଧୀନରେ ୯୪୧ରୁ ଅଧିକ ଯୁବକ ଯୁବତୀଙ୍କୁ ତାଲିମ୍ ଦିଆଯାଇସାରିଲାଣି ଯାହା ଏହି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ସ୍ୱତନ୍ତ୍ର ଦକ୍ଷତାର ଯୁବକ ଯୁବତୀମାନଙ୍କୁ ସ୍ଥାୟୀ ଓ ସମ୍ମାନଜନକ ଜୀବିକା ହାସଲ କରିବାରେ ସକ୍ଷମ କରି ଏହି ଅଭିଯାନ କେବଳ ପରିବାରର ଆୟରେ ଉନ୍ନତି ଆଣିନାହିଁ, ବରଂ ସେମାନଙ୍କ ସାମାଜିକ-ଅର୍ଥନୈତିକ ସମନ୍ୱୟକୁ ସୁଦୃଢ଼ କରିଛି ଯାହା ଗ୍ରାମୀଣ ଓଡ଼ିଶାରେ ଅନ୍ତର୍ଭୁକ୍ତୀକରଣ ପ୍ରଗତିରେ ପରିବର୍ତ୍ତନର ବାର୍ତ୍ତାବହ ଭାବେ ବେଦାନ୍ତ ଆଲୁମିନିୟମର ଭୂମିକାକୁ ଦୋହରାଉଛି । ବିଗତ କିଛି ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ସ୍ଥାୟୀ ଜୀବିକା, ମହିଳା ସଶକ୍ତୀକରଣ ଓ ଗୋଷ୍ଠୀ ଭିତ୍ତିଭୂମି ଆଦି କ୍ଷେତ୍ରରେ ସ୍ୱତନ୍ତ୍ର ହସ୍ତକ୍ଷେପ ଜରିଆରେ ଲାଞ୍ଜିଗଡ଼ ପାରିପାର୍ଶ୍ୱିକ ଅଞ୍ଚଳରେ ବେଦାନ୍ତ ଆଲୁମିନିୟମ ସାମଗ୍ରିକ ଗୋଷ୍ଠୀ ବିକାଶ ଆଣିପାରିଛି । ବର୍ତ୍ତମାନ ସୁଦ୍ଧା ଏହାର ସିଏସ୍‌ଆର୍ କାର୍ଯ୍ୟକ୍ରମ ୧,୫୦,୦୦୦ରୁ ଅଧିକ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିଥିବା ବେଳେ ଅଞ୍ଚଳର ସାମାଜିକ-ଅର୍ଥନୈତିକ ପ୍ରଗତିରେ ଏକ ପ୍ରତ୍ୟକ୍ଷ ସହଯୋଗୀ ହେବା, ଅନ୍ତର୍ଭୁକ୍ତୀକରଣ, ତୃଣମୂଳ ସ୍ତର ଆଧାରିତ ବିକାଶ, ସ୍ଥାନୀୟ ସମୁଦାୟକୁ ସଶକ୍ତ କରିବା କାର୍ଯ୍ୟକୁ କମ୍ପାନୀ ଜାରି ରଖିଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୫।୦୨।୨୦୨୬, ଫାଲ୍ଗୁନ ଦି୩ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୧୮।୩୯** **ଚନ୍ଦ୍ରୋଦୟ- ସଂଘ୫।୨୨।୧୩**

**ତ୍ରୟୋଦଶୀ-** ସଂଘ୫।୦୭ପର୍ଯ୍ୟନ୍ତ । **ଉତ୍ତରାଷାଢା ନକ୍ଷତ୍ର-** ରାଘ୭।୪୯ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-**ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ସଂଘ ୫।୦୭ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୧୮ ଗତେ ଦିଘ ୧୦।୦୯ ମଧ୍ୟେ ଦିଘ୧।୨୮ଗତେ ଦିଘ୧।୫୬ ମଧ୍ୟେ । **ପର୍ବୋତ୍ସବ-**ମହାଶିବରାତ୍ରୀ, ଜାଗର, ଶ୍ରୀମନ୍ଦିରରେ ହରିହରଙ୍କ ଭେଟ, ଶିବ ଚତୁର୍ଦ୍ଦଶୀ ଉପବାସ, ଶରଣ ।



**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ । ଲକ୍ଷସ୍ଥଳରେ ବିଳମ୍ବରେ ପହଞ୍ଚିବେ । ରୋଜଗାର ଭଲ ହେବ । ପାରିବାରିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବାର ସୂଚନା ।



**ବୃଷ:** ମାଙ୍ଗଳିକ କାର୍ଯ୍ୟ କରିପାରନ୍ତି । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ । ଆୟ ଓ ବ୍ୟୟର ପରମାଣ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ ।



**ମିଥୁନ:** ଯଶସ୍ୱୀ ହେବେ । ସମସ୍ତ କ୍ଷେତ୍ରରେ ବିଜୟୀ ହେବେ । ପାରିବାରିକ ଜୀବନ ସୁଖ ସନ୍ତୋଷ ଭିତରେ ଅତିବାହିତ କରିବେ । ଆର୍ଥିକ ସ୍ଥିତି ଭଲ ରହିବ । ଶରୀର ସୁସ୍ଥ ରହିବ ।



**କର୍କଟ:** ଦୁଃସାହାସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଦେହ ଓ ମନ ଭଲ ରହିବ । ରୋଜଗାରରେ ଉନ୍ନତି ଦେଖାଦେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଧର୍ମକାର୍ଯ୍ୟ କରିପାରନ୍ତି ।



**ସିଂହ:** ସତ୍ ମାର୍ଗରେ ପରିଚାଳିତ ହୋଇପାରନ୍ତି । ଆୟର ପରିମାଣ ବୃଦ୍ଧି ପାଇବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । କୁଭୋଜନ କରିପାରନ୍ତି ।



**କନ୍ୟା:** ଯଶଖ୍ୟାତି ଲାଭ କରିବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ଆନନ୍ଦମୟ ହେବ । ପିଲାମାନେ ପଢାପଢିରେ ଆଗେଇବେ ।



**ତୁଳା:** ସମସ୍ତ କ୍ଷେତ୍ରରେ ପ୍ରଶଂସିତ ହେବା । ଶତ୍ରୁ ଆପଣଙ୍କର ନାଶ ହେବେ । ପରୋପକାରୀ ହେବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା । ଦେହ ଓ ମନ ଭଲ ରହିବ ।



**ବିଛା:** ବ୍ୟବସାୟରେ ଲାଭବାନ୍ ହେବେ । ମାନସିକ ଶାନ୍ତି ଅବ୍ୟାହତ ରହିବ । ଶରୀର ସୁସ୍ଥ ରହିବ । ଆୟ ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ ।



**ଧନୁ:** ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଆନନ୍ଦ ଦେଖାଦେବାର ସୂଚନା ।



**ମକର:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଆୟର ପରିମାଣ ବଢିବ । ମନରେ ଭକ୍ତିଭାବ ଜାଗ୍ରତ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।



**କୁମ୍ଭ:** ଶତ୍ରୁ ପରାସ୍ତ ହେବେ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଶୁଭଫଳ ପ୍ରାପ୍ତ ହେବ । ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ ।



**ମୀନ:** କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । କଚେରୀ ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ରହିବ । ପରୋପକାରୀ ହେବେ ।

# ନେଉଳପୁର ଗ୍ରାମରେ ଜମିବାଡ଼ି ଗଣ୍ଡଗୋଳରେ ୨ ଗିରଫ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମର ୨ଟି ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଗଣ୍ଡଗୋଳରୁ ଉଭୟ ପକ୍ଷରୁ ଆହତ ହୋଇଥିଲେ । ପୋଲିସ ଘଟଣାର ତଦନ୍ତ କରି ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ ଏହି ଗ୍ରାମର ବିଜୟ ରାଉଳ ଓ ବିଷ୍ଣୁ ରାଉଳଙ୍କ ମଧ୍ୟରେ ଗୁରୁବାର ଦିନ ସନ୍ଧ୍ୟାରେ ଜମି ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିଲା । ଏଥିରେ ବିଜୟ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଅଭିଯୋଗ ପରେ ଧର୍ମଶାଳା ପୋଲିସ କେସ୍ ନଂ ୫୪/୨୬ ମାମଲା ରୁଜୁ କରି ଅଭିଯୁକ୍ତ ବିଷ୍ଣୁ ରାଉଳ ଓ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ରାଉଳକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୬।୦୨।୨୦୨୬, ଫାଲ୍‌ଗୁନ ଦି୪ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୬।୧୮।୦୭** **ଚନ୍ଦ୍ରୋଦୟ-ସଂଘ ୬।୦୫।୨୪**

**ଚତୁର୍ଦ୍ଦଶୀ-** ସଂଘ ୫।୩୬ ପର୍ଯ୍ୟନ୍ତ । ଶ୍ରବଣା ନକ୍ଷତ୍ର ରାଘ ୮।୪୯ ପର୍ଯ୍ୟନ୍ତ **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ସଂଘ ୫।୩୬ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୦ ଗତେ ଦିଘ ୭।୪୫ ମଧ୍ୟେ ଦିଘ ୪।୧୯ ଗତେ ଦିଘ ୪।୪୮ ମଧ୍ୟେ । **ପର୍ବୋତ୍ସବ-** ଶରଣ, ନଷ୍ଟ ଚନ୍ଦ୍ରୋପବାସ ଓ ନିଶାପାଳନ, ମହାଶିବରାତ୍ରି (ବୈଷ୍ଣବ) ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ପ୍ରଚଣ୍ଡ ବିଜୟ ଭାରତର ଚିନ୍ତା ବଢ଼ାଇଲା

ବାଂଲାଦେଶ ନିର୍ବାଚନରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି(ବିଏନ୍ପି) ବିପୁଳ ବିଜୟ ହାସଲ କରିଛି । ମୋଟ ୨୯୯ଟି ଆସନରେ ମତଦାନ ହୋଇଥିବାବେଳେ ସେଥିମଧ୍ୟରୁ ୨୯୭ଟି ଆସନର ଫଳାଫଳ ସାମ୍ନାକୁ ଆସିଛି। ଫଳାଫଳରେ ବିଏନ୍ପିକୁ ଏକାକୀ ୨୦୯ଟି ଆସନ ମିଳିଛି । ବିଏନ୍ପି ଏବଂ ସହଯୋଗୀଙ୍କ ମେଣ୍ଟ ୨୧୨ଟି ଆସନରେ ବାଜିମାତ୍ କରିଛି । ଏହା ବହୁମତ ଲାଗି ଜରୁରି ସଂଖ୍ୟା ୧୫୦ ଠାରୁ ବେଶ୍ ଅଧିକ । ବିଏନ୍ପି ଦୀର୍ଘ ୨୦ ବର୍ଷ ପରେ ବାଂଲାଦେଶରେ ସରକାର ଗଠନ କରିବ । ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଜମାତ-ଏ-ଇସଲାମୀ ନେତୃତ୍ୱାଧୀନ ୧୧ଟି ଦଳର ମେଣ୍ଟ ସେତେ ଭଲ ପ୍ରଦର୍ଶନ କରିପାରିନାହିଁ । ଏହି ମେଣ୍ଟ ମୋଟ ୭୭ଟି ଆସନ ପାଇଛି । ସେଥିମଧ୍ୟରୁ ଜମାତକୁ ୬୮ଟି ଆସନ ମିଳିଛି । ସେହିପରି ମେଣ୍ଟରେ ସାମିଲ ଶେଖ୍ ହସିନାଙ୍କ ସରକାରର ପତନ ଘଟାଇଥିବା ଛାତ୍ର ସଙ୍ଗଠନ ନ୍ୟାସନାଲ ସିଟିଜେନ୍ ପାର୍ଟି(ଏନ୍ସିପି)କୁ ମଧ୍ୟ ଦେଶବାସୀଙ୍କ ତରଫରୁ ଆଖିଦୃଶିଆ ସମର୍ଥନ ମିଳିନାହିଁ । ଏନସିପି ୬ଟି ଆସନରେ ସୀମିତ ରହିଛି । ଅନ୍ୟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀ ୮ଟି ଆସନ ହାତେଇଛନ୍ତି । ବାଂଲାଦେଶରେ ବିଏନପିର ପ୍ରଚଣ୍ଡ ବିଜୟ ହୋଇଛି । ହେଲେ ଭାରତର ଚିନ୍ତା ବଢ଼ାଇଲା ଜମାତ-ଏ-ଇସଲାମୀ । ଭାରତ ପାଇଁ ସବୁଠୁ ବଡ଼ ଚିନ୍ତା ହେଉଛି ଜମାତ-ଏ-ଇସଲାମୀ ଯେଉଁ ସିଟିରେ ବିଜୟୀ ହୋଇଛି ତାର ଏକ ବଡ଼ ଅଂଶ ପଶ୍ଚିମବଙ୍ଗ ଏବଂ ଆସାମ ସୀମାବର୍ତ୍ତୀ ବାଂଲାଦେଶୀ ଜିଲ୍ଲାରେ ରହିଛି । ସେଣ୍ଟର ଫର୍ ଷ୍ଟଡିଜ୍ ଇନ୍ ସୋସିଆଲ ସାଇନ୍ସର ପ୍ରଫେସର ମୈଦୁଲ ଇସଲାମ ବାଖ୍ୟା କରିଛନ୍ତି ଯେ, ଶେଖ୍ ହସିନାଙ୍କ ଆୱାମୀ ଲିଗ୍ ନିର୍ବାଚନରୁ ଓହରିଯିବା ପରେ ପ୍ରତିଯୋଗିତା ମୂଳତଃ ଜମାତ ଏବଂ ବିଏନପି ମଧ୍ୟ ଥିଲା । ପ୍ରଫେସର ମୈଦୁଲ ଇସଲାମଙ୍କ ଅନୁସାରେ, ବିଏନପିର ବିଜୟ ସୂଚାଉଛି କି, ବାଂଲାଦେଶରେ ସ୍ୱାଧୀନ ପରିଚୟ ଏବଂ ଜାତୀୟବାତାବାଦର ପ୍ରସଙ୍ଗ ଏବେ ବି ଜନସାଧାରଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଜମାତ ୧୯୭୧ ମୁକ୍ତି ଯୁଦ୍ଧ ଇତିହାସକୁ ଚ୍ୟାଲେଞ୍ଜ କରିବାକୁ ଚେଷ୍ଟା କରିଥିଲା । ଯାହା ନିରର୍ଥକ ପ୍ରମାଣିତ ହୋଇଥିଲା । ତଥାପି ଜନମତ ଏହା ମଧ୍ୟ ସୂଚାଇ ଦିଏ ଯେ, ଏବେ ୧୯୭୨ ସମ୍ବିଧାନ ସଂଶୋଧନ ପାଇଁ ପ୍ରୟାସ କରାଯିବ । ଭାରତ ସୀମାନ୍ତ ରାଜ୍ୟରେ ହାଇଆଲର୍ଟ- ଜମାତର ନିର୍ବାଚନୀ ଶକ୍ତିକୁ ଏହି ତଥ୍ୟରୁ ଅନୁମାନ କରାଯାଇପାରେ ଯେ ଏହା ପଶ୍ଚିମବଙ୍ଗର ୬ଟି ଜିଲ୍ଲା ଜଳପାଇଗୁଡ଼ି, ମାଲଦା, ମୁର୍ଶିଦାବାଦ, ନଦିଆ, ଉତ୍ତର ୨୪ ପ୍ରାଗଣ ଏବଂ ଦକ୍ଷିଣ ୨୪ ପ୍ରାଗଣ ସୀମାବର୍ତ୍ତୀ ଅଞ୍ଚଳ ଏବଂ ଆସାମର ସିଲଚର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ନିଜର ପ୍ରାଧାନ୍ୟ ପୁନଃସ୍ଥାପିତ କରିଛି । ସୁରକ୍ଷା ବିଶେଷଜ୍ଞଙ୍କ ଅନୁସାରେ, ଏହି ପରିସ୍ଥିତି ଭାରତର ସୀମା ସୁରକ୍ଷା ବାହିନୀ (ବିଏସଏଫ) ଏବଂ ଗୁଇନ୍ଦା ସଂସ୍ଥାଗୁଡିକ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ । କଣ୍ଟା ତାର ନଥିବା ସୀମାବର୍ତ୍ତୀ ଅଞ୍ଚଳଗୁଡିକ ଦୀର୍ଘ ଦିନ ଧରି ମାନବ ଚାଲାଣ ଏବଂ ଚୋରା ଚାଲାଣ ପାଇଁ ବ୍ୟବହୃତ ହୋଇ ଆସୁଛି । ଏହି ନିଷ୍କର୍ଷ ପରେ ଭାରତକୁ ହାଇ ଆଲର୍ଟରେ ରଖାଯାଇଛି । ଆତଙ୍କବାଦ ବିପଦ- ଜଣେ ଗୁଇନ୍ଦା ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଜମାତ-ଉଲ-ମୁଜାହିଦିନ ବାଂଲାଦେଶ ଭଳି ଆତଙ୍କବାଦୀ ସଂଗଠନ କାର୍ଯ୍ୟକଳାପ ବିଷୟରେ ପୂର୍ବାନୁମାନ କରିଛନ୍ତି । ଜେଏମବି ଭାରତରେ ମଧ୍ୟ ତାର ନେଟୱାର୍କ ପ୍ରତିଷ୍ଠା କରିଛି । ଭାରତର ଆତଙ୍କବାଦୀ ଗୋଷ୍ଠୀ ଭାବରେ ତାଲିକାଭୁକ୍ତ ୬ଟି ବାଂଲାଦେଶୀ ସଂଗଠନ ମଧ୍ୟରୁ ଜେଏମବି ସାମ୍ପ୍ରତିକ ବର୍ଷଗୁଡିକରେ ସର୍ବାଧିକ ବୃଦ୍ଧି ହୋଇଛି । ୨୦୨୦ରୁ ୨୦୨୫ ମଧ୍ୟରେ ପଶ୍ଚିମବଙ୍ଗ ଏବଂ କୋଲକାତାରେ ଏଡ ଡଜନରୁ ଅଧିକ ଜେଏମବି କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରିଛି । ଗତବର୍ଷ କୋଲକାତାର ଏକ କୋର୍ଟ ୨୦୧୬ରେ ପଶ୍ଚିମବଙ୍ଗ ଏବଂ ଆସାମର ବିଭିନ୍ନ ସ୍ଥାନରୁ ଗିରଫ ହୋଇଥିବା ୫ଜଣ ଜେଏମବି ସଦସ୍ୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ସେମାନଙ୍କଠୁ ବିପୁଳ ବିସ୍ଫୋରକ ଏବଂ ଆଇଇଡି ଜବତ ହୋଇଥିଲା ।

# ଶିବଙ୍କ ପ୍ରତୀକ ଏବଂ ସେମାନଙ୍କର ଗଭୀର ରହସ୍ୟ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬



ଶିବଙ୍କୁ କଲ୍ୟାଣର ଉଦାର ଏବଂ ହିତୈଷୀ ଦେବତା ଭାବରେ ବିବେଚନା କରାଯାଏ। ବ୍ରହ୍ମାଣ୍ଡର ସୃଷ୍ଟିରେ, ଗୋଟିଏ ଶକ୍ତି ତିନୋଟି ରୂପରେ ଏହାର କାର୍ଯ୍ୟ କରୁଥିବା ଦେଖାଯାଏ। ବ୍ରହ୍ମା ବ୍ରହ୍ମାଣ୍ଡର ସୃଷ୍ଟି କରନ୍ତି, ବିଷ୍ଣୁ ଏହାକୁ ପାଳନ କରନ୍ତି ଏବଂ ଶିବ ଏହାକୁ ନଷ୍ଟ କରନ୍ତି। ଅର୍ଥାତ୍, ସୃଷ୍ଟିରୁ ବିନାଶ ପର୍ଯ୍ୟନ୍ତ ବ୍ରହ୍ମାଣ୍ଡର ଚକ୍ର ପରମାତ୍ମାଙ୍କ ମାଧ୍ୟମରେ ପ୍ରକୃତିରେ ନିରନ୍ତର ଜାରି ରହେ। ବେଦରେ ପ୍ରକୃତିର ଉପାଦାନଗୁଡ଼ିକୁ ପୂଜା କରାଯାଇଛି। ପ୍ରତ୍ୟେକ ଉପାଦାନକୁ ଏକ ଦେବତାର ରୂପ ଦିଆଯାଇଛି। ପ୍ରାକୃତିକ ବିଜ୍ଞାନର ଏହି ସମଗ୍ର ଘଟଣା ଅତ୍ୟନ୍ତ ରହସ୍ୟମୟ, ସାଧାରଣ ଲୋକଙ୍କ ପାଇଁ ବୁଝିବା କଷ୍ଟକର। ଅନାଦି କାଳରୁ, ଋଷିମାନେ ଚିନ୍ତନ ଏବଂ ପ୍ରତିଫଳନ ମାଧ୍ୟମରେ ଏହି ରହସ୍ୟଗୁଡ଼ିକୁ ଅନୁସନ୍ଧାନ କରିବାକୁ ଚେଷ୍ଟା କରିଆସୁଛନ୍ତି। ଋଗବେଦର ରାତ୍ରି ସୂକ୍ତରେ, ରାତିକୁ ଅନନ୍ତ ବିନାଶ କୁହାଯାଏ ଏବଂ ଦିନକୁ ଅନନ୍ତ ସୃଷ୍ଟି କୁହାଯାଏ। ଦିନରେ, ଆମର ମନ ଏବଂ ଆମର ଇନ୍ଦ୍ରିୟଗୁଡ଼ିକ ଭିତରରୁ ଗତି କରି ଜଗତ ଆଡକୁ ଧାଇଁଥାନ୍ତି ଏବଂ ରାତିରେ ସେମାନେ ବାହାରୁ ଗତି କରି ଶିବଙ୍କ ଆଡକୁ ମୁହାଁଇଥାନ୍ତି। ତେଣୁ, ଦିନ ସୃଷ୍ଟିକୁ ବୁଝାଏ, ଏବଂ ରାତି ବିନାଶକୁ ବୁଝାଏ। ଆସନ୍ତୁ ଶିବଙ୍କ ପ୍ରତୀକ ଏବଂ ସେମାନଙ୍କର ଗଭୀର ରହସ୍ୟଗୁଡ଼ିକୁ ଚିହ୍ନଟ କରିବା।

ପ୍ରଥମରେ ହେଉଛି ବୃଷ। ବୃଷ ହେଉଛି ଶିବଙ୍କ ବାହନ। ଏହା ସର୍ବଦା ଶିବଙ୍କ ସହିତ ଥାଏ। ବୃଷ ଅର୍ଥ ଧର୍ମ। ମନୁସ୍ମୃତି ଅନୁସାରେ, 'ବୃଷଭ ହେଉଛି ଭଗବାନ ଧର୍ମ'। ବେଦ ଧର୍ମକୁ ଚାରିପାଦ ବିଶିଷ୍ଟ ପ୍ରାଣୀ ଭାବରେ ବର୍ଣ୍ଣନା କରନ୍ତି। ଏହାର ଚାରିପାଦ ହେଉଛି ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ। ମହାଦେବ ଏହି ଚାରିପାଦ ବିଶିଷ୍ଟ ବୃଷଭ ଉପରେ ଚଢ଼ନ୍ତି, ଅର୍ଥାତ୍ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ତାଙ୍କ ଅଧୀନରେ। ବୃଷଭ ମଧ୍ୟ ବୀର୍ଯ୍ୟ ଏବଂ ଶକ୍ତିର ଅର୍ଥ। ଅଥର୍ବବେଦରେ, ବୃଷଭଙ୍କୁ ପୃଥିବୀର ଧାରକ, ପୋଷଣକାରୀ, ଉତ୍ପାଦକ, ଇତ୍ୟାଦି ଭାବରେ ବର୍ଣ୍ଣନା କରାଯାଇଛି। ବୃଷଭ ମଧ୍ୟ ମେଘର ଅର୍ଥ। ବର୍ଷା, ସୃଷ୍ଟି ଇତ୍ୟାଦି ଶବ୍ଦ ଏହି ମୂଳରୁ ଉତ୍ପନ୍ନ ହୋଇଛି। ଶିବ ହେଉଛନ୍ତି ଅନ୍ତରୀକ୍ଷର ଦେବତା। ତାଙ୍କର ନାମ ବ୍ୟୋମକେଶ, ତେଣୁ ଆକାଶ ହେଉଛି ତାଙ୍କ ଜଟିଳ ତାଳର ରୂପ। ଜଟିଳ ତାଳ ବାୟୁମଣ୍ଡଳର ପ୍ରତୀକ। ବାୟୁ ଆକାଶରେ ବ୍ୟାପି ରହିଛି। ସୌରମଣ୍ଡଳ ଉପରେ ପରମେଷ୍ଠୀ ମଣ୍ଡଳ ଅଛି। ଏହାର ଅର୍ଥ ତତ୍ତ୍ୱକୁ ଗଙ୍ଗା କୁହାଯାଏ, ତେଣୁ ଗଙ୍ଗା ଶିବଙ୍କ ଜଟିଳ ତାଳରେ ପ୍ରବାହିତ ହୁଏ। ଶିବଙ୍କୁ ରୁଦ୍ରଙ୍କ ଉଗ୍ର ଏବଂ ବିନାଶକାରୀ ରୂପ ବୋଲି ମଧ୍ୟ ବିବେଚନା କରାଯାଏ। ଦ୍ୱିତୀୟରେ ହେଉଛି ଗଙ୍ଗା ଏବଂ ଚନ୍ଦ୍ର। ମାଆ ଗଙ୍ଗା ଓ ଚନ୍ଦ୍ର ଏହି ଉଗ୍ରତା ମସ୍ତିଷ୍କରେ ବାସ କରେ, ତେଣୁ, ଶାନ୍ତିର ପ୍ରତୀକ ଗଙ୍ଗା ଏବଂ ଅର୍ଦ୍ଧଚନ୍ଦ୍ର, ଶିବଙ୍କ ମସ୍ତକରେ ବସି ତାଙ୍କର ଉଗ୍ର ସ୍ୱଭାବକୁ ଶାନ୍ତ ରଖନ୍ତି। ଦ୍ୱିତୀୟତଃ, ବିଷ ପିଇବା ଯୋଗୁଁ ତାଙ୍କର ନୀଳ କଣ୍ଠ ହେବା ଯୋଗୁଁ ହେଉଥିବା ଜ୍ୱଳନକୁ ମଧ୍ୟ ଗଙ୍ଗା ଏବଂ ଚନ୍ଦ୍ର ଶାନ୍ତ କରନ୍ତି। ଚନ୍ଦ୍ର ମନର ପ୍ରତୀକ। ଶିବଙ୍କ ମନ ନିର୍ଦ୍ଦୋଷ, ପବିତ୍ର, ପବିତ୍ର ଏବଂ ଶକ୍ତିଶାଳୀ। ତାଙ୍କର ବିବେକ ସର୍ବଦା ସତର୍କ। ତାଙ୍କ ମନରେ କେବେବି ଅଯୌକ୍ତିକ ଚିନ୍ତାଧାରା ଉଠେ ନାହିଁ। ଶିବଙ୍କ ଚନ୍ଦ୍ର ସ୍ୱଚ୍ଛ ଏବଂ ଉଜ୍ଜ୍ୱଳ। ଏହା ଅପବିତ୍ରତା ମୁକ୍ତ; ଏହା ଅମୃତ ବୃଷ୍ଟି କରେ। ଚନ୍ଦ୍ରର ଗୋଟିଏ ନାମ 'ସୋମ', ଯାହା ଶାନ୍ତିର ପ୍ରତୀକ। ଏହି କାରଣରୁ, ସୋମବାରକୁ ଶିବ ପୂଜା, ଦର୍ଶନ ଏବଂ ପ୍ରାର୍ଥନାର ଦିନ ଭାବରେ ବିବେଚନା କରାଯାଏ। ତୃତୀୟରେ ହେଉଛି ତ୍ରିନୟନ। ଶିବଙ୍କୁ ତ୍ରିଲୋଚନ କୁହାଯାଏ, ଅର୍ଥାତ୍ ତାଙ୍କର ତିନୋଟି ଆଖି ଅଛି। ବେଦ ଅନୁସାରେ, ସୂର୍ଯ୍ୟ ଏବଂ ଚନ୍ଦ୍ର ବିରାଟ ପୁରୁଷଙ୍କ ଆଖି। ଅଗ୍ନି ଶିବଙ୍କ ତୃତୀୟ ଆଖି, ଯଜ୍ଞ ଅଗ୍ନିର ପ୍ରତୀକ। ସୂର୍ଯ୍ୟ ଜ୍ଞାନର ଅଧିଷ୍ଠାତ୍ରୀ ଦେବତା, ଏବଂ ଏହି ଜ୍ଞାନ କିମ୍ବା ଅଗ୍ନି ଚକ୍ଷୁ ଦ୍ୱାରା ସେ କାମଦେବଙ୍କୁ ଭସ୍ମ କରିଦେଇଥିଲେ। ଶିବଙ୍କ ଏହି ତିନୋଟି ଆଖି ସତ୍ତ୍ୱ, ରଜ ଏବଂ ତମ ତିନୋଟି ଗୁଣ, ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ତିନି ସମୟ ଏବଂ ସ୍ୱର୍ଗ, ମୃତ୍ୟୁ ଏବଂ ନର୍କର ତିନି ଲୋକର ପ୍ରତୀକ। ତେଣୁ, ଶିବଙ୍କୁ ତ୍ରୟମ୍ବକ ମଧ୍ୟ କୁହାଯାଏ।

ଚତୁର୍ଥରେ ହେଉଛି ସର୍ପଙ୍କ ହାର। ଭଗବାନ ଶଙ୍କରଙ୍କ ଗଳା ଏବଂ ଶରୀରରେ ସାପର ହାର ଅଛି। ସାପଟି ତମୋଗୁଣ (ଅନ୍ଧକାର) ର ଏବଂ ଏହା ଏକ ବିନାଶକାରୀ ପ୍ରକୃତିର ପ୍ରାଣୀ। ଯଦି ଏହା ମଣିଷକୁ କାମୁଡ଼େ, ତେବେ ବ୍ୟକ୍ତିର ମୃତ୍ୟୁ ହୁଏ। ତେଣୁ, ଶିବ ଏହାକୁ ବିନାଶକାରୀତାର ପ୍ରତୀକ ଭାବରେ ଧାରଣ କରନ୍ତି, ଅର୍ଥାତ୍ ଶିବ ତମୋଗୁଣ (ଅନ୍ଧକାର) କୁ ନିୟନ୍ତ୍ରଣ କରିଛନ୍ତି। ସାପ ପରି ଏକ ନିଷ୍ଠୁର ଏବଂ ହିଂସ୍ର ପ୍ରାଣୀ ମହାକାଳଙ୍କ ନିୟନ୍ତ୍ରଣରେ ଅଛି। ପଞ୍ଚମରେ ହେଉଛି ତ୍ରିଶୂଳ। ଏହା ଶିବଙ୍କର ଏକ ଘାତକ ଅସ୍ତ୍ର, ତ୍ରିଶୂଳ ଧାରଣ କରନ୍ତି। ବ୍ରହ୍ମାଣ୍ଡରେ, ସମସ୍ତ ମାନବ ତିନି ପ୍ରକାରର ଦୁଃଖ ଦ୍ୱାରା କଷ୍ଟ ପାଆନ୍ତି: ଶାରୀରିକ, ଦିବ୍ୟ ଏବଂ ଆଧ୍ୟାତ୍ମିକ। ଶିବଙ୍କ ତ୍ରିଶୂଳ ଏହି ଦୁଃଖଗୁଡ଼ିକୁ ନଷ୍ଟ କରେ। କେବଳ ଶିବଙ୍କ ଆଶ୍ରୟ ନେଇ ଜଣେ ଭକ୍ତ ଏହି ଦୁଃଖରୁ ମୁକ୍ତ ହୋଇ ସୁଖ ପ୍ରାପ୍ତ କରିପାରିବେ। ଶିବଙ୍କ ତ୍ରିଶୂଳ ଇଚ୍ଛା, ଜ୍ଞାନ ଏବଂ କାର୍ଯ୍ୟକୁ ସୂଚିତ କରେ। ଷଷ୍ଠରେ ହେଉଛି ଡମ୍ବରୁ। ଶିବ ତାଙ୍କ ହାତରେ ଏକ ଡମ୍ବରୁ ଧରିଛନ୍ତି। ସେ ତାଣ୍ଡବ ନୃତ୍ୟ ସମୟରେ ଏହାକୁ ବଜାଇଥାନ୍ତି। ପୁରୁଷ ଏବଂ ପ୍ରକୃତିର ମିଳନକୁ ତାଣ୍ଡବ ନୃତ୍ୟ କୁହାଯାଏ। ସେହି ସମୟରେ ପ୍ରତ୍ୟେକ ପରମାଣୁରେ କାର୍ଯ୍ୟକଳାପ ଜାଗ୍ରତ ହୁଏ ଏବଂ ବ୍ରହ୍ମାଣ୍ଡ ସୃଷ୍ଟି ହୁଏ। ପରମାଣୁର ମିଳନ ଏବଂ ସଂଘର୍ଷ ଶବ୍ଦକୁ ଜନ୍ମ ଦିଏ। ଶାସ୍ତ୍ରରେ ଶବ୍ଦକୁ ବ୍ରହ୍ମ କୁହାଯାଏ। ଡମରୁର ଶବ୍ଦ ବା ଶବ୍ଦ ହେଉଛି ବ୍ରହ୍ମର ସ୍ୱରୂପ। ଏହା 'ଓଁକାର'ର ପ୍ରକାଶନ। ସପ୍ତମରେ ହେଉଛି ଖପୁରୀ ମାଳ। ଶିବଙ୍କ ଗଳାରେ ଖପୁରୀର ମାଳ ଏହି ଭାବନାକୁ ପ୍ରକାଶ କରେ ଯେ ସେ ମୃତ୍ୟୁକୁ ଆଲିଙ୍ଗନ କରିଛନ୍ତି ଏବଂ ଏହାକୁ ଭୟ କରନ୍ତି ନାହିଁ। ଶ୍ମଶାନରେ ଶିବଙ୍କ ବାସସ୍ଥାନ ଏହାର ପ୍ରତୀକ ଯେ ଯିଏ ଜନ୍ମ ହୋଇଛି ସେ ଦିନେ ମୃତ୍ୟୁବରଣ କରିବ, ତେଣୁ, ଜୀବିତ ଅବସ୍ଥାରେ ଶରୀରର ବିନାଶ ବିଷୟରେ ସଚେତନ ହେବା ଉଚିତ। ପ୍ରଳୟ ସମୟରେ, ସମଗ୍ର ବ୍ରହ୍ମାଣ୍ଡ ଏକ ଶ୍ମଶାନ ଭୂମିରେ ପରିଣତ ହୁଏ। ଯେଉଁ ଶ୍ମଶାନ ଭୂମିରେ ଆମେ ମୃତଦେହ ନେଇଯାଉ, ତାହା ପ୍ରଳୟର ଏକ କ୍ଷୁଦ୍ର ସଂସ୍କରଣ। ଏଥିରେ ଏକ ସଂକ୍ଷିପ୍ତ ଉପସ୍ଥିତି ଏବଂ ଏହାକୁ ଦେଖିବା ଅନିବାର୍ଯ୍ୟ ଭାବରେ କ୍ଷଣିକ ବିଚ୍ଛିନ୍ନତାକୁ ପ୍ରେରଣା ଦିଏ। ଅଷ୍ଟମରେ ହେଉଛି ବାଘ ଚର୍ମ। ଶିବଙ୍କୁ ବାଘ ଚର୍ମ ପିନ୍ଧି କଳ୍ପନା କରାଯାଇଛି। ବାଘ ଅହଂକାର ଏବଂ ହିଂସାର ପ୍ରତୀକ, ତେଣୁ ଶିବ ଅହଂକାର ଏବଂ ହିଂସା ଉଭୟକୁ ଦମନ କରିଛନ୍ତି। ନବମରେ ହେଉଛି ଭସ୍ମ ବା ପାଉଁଶ। ଶିବ ତାଙ୍କ ଶରୀରରେ ପାଉଁଶ ପିନ୍ଧନ୍ତି। ଉଜ୍ଜୟିନୀର ମହାକାଳ ମନ୍ଦିରରେ ପ୍ରତିଦିନ ସକାଳେ, ଏକ ଭସ୍ମ ଆରତୀ କରାଯାଏ, ଯେଉଁଥିରେ ଶ୍ମଶାନ ଭୂମିରୁ ଏକ ମୃତ ଶରୀରର ପାଉଁଶ ସହିତ ଶିବଙ୍କୁ ପୂଜା କରାଯାଏ। ଲିଙ୍ଗରେ ପାଉଁଶ ଲଗାଯାଏ। ପାଉଁଶ ଜଗତର ଶୂନ୍ୟତାର ପ୍ରତୀକ। ମହାକାଳପାତ ସମୟରେ, ସମଗ୍ର ବିଶ୍ୱ ନଷ୍ଟ ହୋଇଯାଏ, କେବଳ ପାଉଁଶ ରହିଯାଏ। ଶରୀର ସମାନ ଭାଗ୍ୟ ଅନୁଭବ କରେ। ପାଉଁଶ ଆମକୁ ମୃତ୍ୟୁର ମନେ ପକାଇଥାଏ। ବେଦରେ, ରୁଦ୍ରଙ୍କୁ ଅଗ୍ନିର ପ୍ରତୀକ ଭାବରେ ବିବେଚନା କରାଯାଏ। ଅଗ୍ନିର କାର୍ଯ୍ୟ ହେଉଛି ଭସ୍ମରେ ପରିଣତ କରିବା, ତେଣୁ ପାଉଁଶକୁ ଶିବଙ୍କ ଆଭୂଷଣ ଭାବରେ ବିବେଚନା କରାଯାଏ।

ଏହାପରେ ହେଉଛି ଶିବଙ୍କୁ ରୁଦ୍ର କାହିଁକି କୁହଯାଏ। ଶିବଙ୍କୁ ରୁଦ୍ର ସ୍ୱରୂପ ମଧ୍ୟ କୁହାଯାଏ। ପୁରାଣ ଅନୁସାରେ, ନକ୍ଷତ୍ରମଣ୍ଡଳରେ ଅବସ୍ଥିତ ୧୧ଟି ରୁଦ୍ର ଅଛନ୍ତି। ବୈଦିକ ବାକ୍ୟାଂଶ 'ଅଗ୍ନିର୍ବୈରୁଦ୍ର' ଅର୍ଥ ହେଉଛି ଅଗ୍ନି ହେଉଛି ରୁଦ୍ର। ସାହିତ୍ୟରେ, ରୁଦ୍ର ରୌଦ୍ର ରସ ସହିତ ଜଡିତ, ଯାହାର ଅର୍ଥ କ୍ରୋଧ। ପ୍ରାକୃତିକ ବିଜ୍ଞାନ ଅନୁସାରେ, ମହାକାଶରେ ପ୍ରକାଶିତ ବିଶ୍ୱବ୍ୟାପୀ ରୁଦ୍ର ଦେବତା, ନିର୍ଦ୍ଦିଷ୍ଟ ଶକ୍ତି ମାଧ୍ୟମରେ ବିଭିନ୍ନ କାର୍ଯ୍ୟ କରନ୍ତି ଏବଂ ବେଦରେ ଏହି ଶକ୍ତିଗୁଡ଼ିକର ପୂଜା ବର୍ଣ୍ଣନା କରାଯାଇଛି। ଏହି କାରଣରୁ, ବେଦରେ ପ୍ରକୃତିର ଉପାଦାନଗୁଡ଼ିକ ପାଇଁ ଉତ୍ସର୍ଗୀକୃତ ସ୍ତୁତି ଏବଂ ସ୍ତୁତି ରହିଛି। ଏହି ଧାରଣାଗୁଡ଼ିକୁ ସାଧାରଣ ଜନତାଙ୍କୁ ବ୍ୟବହାରିକ ଭାବରେ ବୁଝାଇବା ପାଇଁ, ଦେବତାମାନଙ୍କର ମୁଖ, ହାତ, ପାଦ, ରଙ୍ଗ, ଆସନ, ଯାନ, ଅସ୍ତ୍ରଶସ୍ତ୍ର ଏବଂ ଅଳଙ୍କାର ପଛରେ ଲୁକ୍କାୟିତ ଅର୍ଥ କିମ୍ବା ଗୁପ୍ତ କଥା ବୁଝାଇବା ପାଇଁ ମୂର୍ତ୍ତି ବ୍ୟବହାର କରାଯାଇଥିଲା। ନିର୍ଣ୍ଣୟ ବିଜ୍ଞାନ ଉପରେ ଆଧାର କରି ମୂର୍ତ୍ତିଗୁଡ଼ିକ ସୃଷ୍ଟି କରାଯାଇଥିଲା। ନିଦାନ ଅର୍ଥ ସୂଚକ। ଶିବ, ଆଦିମ ବ୍ରହ୍ମ, ଅଗ୍ନି କିମ୍ବା ରୁଦ୍ର ଉପାଦାନ ସହିତ ବ୍ରହ୍ମାଣ୍ଡରେ ପରିପୂର୍ଣ୍ଣ। ଅଗ୍ନି, ବାୟୁ ଏବଂ ସୂର୍ଯ୍ୟର ସମାନ ଉପାଦାନ ଏହି ତିନୋଟି ରୂପରେ ପରିବର୍ତ୍ତିତ ହୁଏ। ଏଥିମଧ୍ୟରୁ, ସମାନ ସୌର ରୁଦ୍ର, ପାଞ୍ଚଟି ଦିଗକୁ ବ୍ୟାପି ପଞ୍ଚମୁଖୀ ହୁଏ। ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏବଂ ପଶ୍ଚିମ ଦିଗ ସହିତ ସମାନ ସମାନ ବ୍ୟକ୍ତିଙ୍କ ପାଞ୍ଚଟି ମୁଖ ଯଥାକ୍ରମେ ତତ୍‌ପୁରୁଷ, ସଦ୍ୟୋଜାତ, ବାମଦେବ, ଅଘୋର ଏବଂ ଈଶାନ ଭାବରେ ଜଣାଶୁଣା। 'ପ୍ରତିବକ୍ତ୍ରଂ ଭୁଜଦୟମ୍' ନୀତି ଅନୁସାରେ ଏହି ପଞ୍ଚବକ୍ତ୍ର ଶିବଙ୍କର ଦଶଟି ହାତ ଅଛି। ଏଥିରେ ୧୦ଟି ଅସ୍ତ୍ର ଅନ୍ତର୍ଭୁକ୍ତ: ଅଭୟ, ଟଙ୍କ, ଶୂଳ, ବଜ୍ର, ପାଶ, ଖଣ୍ଡା, ଅଙ୍କୁଶ, ଘଣ୍ଟା, ନାଦ ଏବଂ ଅଗ୍ନି। ସେମାନଙ୍କର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ପୁରାଣରେ ବିସ୍ତାରିତ ଭାବରେ ବର୍ଣ୍ଣିତ ହୋଇଛି। ସଂକ୍ଷେପରେ ମହାଦେବଙ୍କ ପାଞ୍ଚଟି ମୁଖ ପାଞ୍ଚଟି ଉପାଦାନକୁ ପ୍ରତିନିଧିତ୍ୱ କରେ। ଦଶଟି ହାତ ୧୦ଟି ଦିଗକୁ ପ୍ରତିନିଧିତ୍ୱ କରେ। ତାଙ୍କ ହାତରେ ଥିବା ଅସ୍ତ୍ରଗୁଡ଼ିକ ବିଶ୍ୱକୁ ସୁରକ୍ଷା ଦେଉଥିବା ଶକ୍ତିର ପ୍ରତୀକ। ଅନେକ ବିଦ୍ୱାନ ବିଶ୍ୱାସ କରନ୍ତି ଯେ ଶିବଙ୍କ ପାଞ୍ଚଟି ମୁଖ ଏହି ପାଞ୍ଚଟି କାର୍ଯ୍ୟ ସୃଷ୍ଟି କରୁଥିବା ପାଞ୍ଚଟି ଶକ୍ତିର ପ୍ରତୀକ: ସୃଷ୍ଟି, ପୋଷଣ, ବିଲୟ, କୃପା ଏବଂ ସଂଯମ। ପୂର୍ବ ମୁଖ ସୃଷ୍ଟିକୁ ପ୍ରତିନିଧିତ୍ୱ କରେ, ଦକ୍ଷିଣ ମୁଖ ଅସ୍ତିତ୍ୱକୁ ପ୍ରତିନିଧିତ୍ୱ କରେ, ପଶ୍ଚିମ ମୁଖ ବିନାଶକୁ ପ୍ରତିନିଧିତ୍ୱ କରେ, ଉତ୍ତର ମୁଖ ଅନୁଗ୍ରହକୁ ପ୍ରତିନିଧିତ୍ୱ କରେ ଏବଂ ଉପର ମୁଖ ସଂଯମ (ଜ୍ଞାନ)କୁ ପ୍ରତିନିଧିତ୍ୱ କରେ।

# ମହାଶିବରାତ୍ରି: ଶିବ–ଶକ୍ତିର ଦିବ୍ୟ ମିଳନ, ଉପବାସ, ଜାଗରଣ ଓ ଭକ୍ତିର ପବିତ୍ର ଆତ୍ମଜାଗୃତିମୟ ରାତ୍ରି



ଅର୍ଚ୍ଚିତା ଦାଶ
ଜଗନ୍ନାଥ ବିହାର, ନୂଆଗାଁ

ମହାଶିବରାତ୍ରି ଭଗବାନ ଶିବଙ୍କୁ ସମର୍ପିତ ଅତ୍ୟନ୍ତ ପବିତ୍ର ଓ ଆଧ୍ୟାତ୍ମିକ ମହତ୍ତ୍ୱର ଏକ ବଡ଼ ପର୍ବ। "ମହା" ମାନେ ମହାନ ଏବଂ "ଶିବରାତ୍ରି" ମାନେ ଶିବଙ୍କ ପବିତ୍ର ରାତ୍ରି। ଏହି ଦିନ ସମଗ୍ର ସୃଷ୍ଟି ଶାନ୍ତି, କରୁଣା ଓ ଭକ୍ତିର ଭାବରେ ମଗ୍ନ ହୋଇଥାଏ। ଭାରତର ବିଭିନ୍ନ ସ୍ଥାନରେ ଲୋକମାନେ ଗଭୀର ଶ୍ରଦ୍ଧା ଓ ଭକ୍ତି ସହିତ ଏହି ପର୍ବକୁ ପାଳନ କରନ୍ତି। ମନ୍ଦିରମାନ ଭକ୍ତମାନଙ୍କ ଭିଡ଼ରେ ପୂର୍ଣ୍ଣ ହୋଇଯାଏ, ଶିବନାମର ଧ୍ୱନି ଚାରିଦିଗରେ ଶୁଣିବାକୁ ମିଳେ ଏବଂ ପରିବେଶ ଭକ୍ତିମୟ ଆନନ୍ଦରେ ଭରିଯାଏ। ଏହା କେବଳ ଗୋଟିଏ ପର୍ବ ନୁହେଁ; ବରଂ ଆତ୍ମାକୁ ପବିତ୍ର କରି ପରମତତ୍ତ୍ୱ ସହିତ ଏକତାର ଅନୁଭବ ଦେଇଥାଏ। ଏହି ରାତ୍ରିକୁ ଶିବ ଓ ଶକ୍ତିର ଦିବ୍ୟ ବିବାହର ପ୍ରତୀକ ବୋଲି ମନାଯାଏ। ଏହା ଆମକୁ ଶିଖାଏ ଯେ ସତ୍ୟ ପ୍ରେମ, ସମର୍ପଣ ଓ ସମତାରେ ହିଁ ଜୀବନର ସଠିକ୍ ସୁଖ ରହିଛି। କେତେକ ପାରମ୍ପରିକ କଥା ଅନୁସାରେ, ଏହି ରାତ୍ରିରେ ଶିବ ଅନନ୍ତ ଜ୍ୟୋତିର୍ଲିଙ୍ଗ ରୂପରେ ପ୍ରକାଶ ହୋଇଥିଲେ, ଯାହା ତାଙ୍କର ଅସୀମ ଶକ୍ତିର ପ୍ରତୀକ। କେତେକ ଶାସ୍ତ୍ରରେ ମଧ୍ୟ କୁହାଯାଏ ଯେ ଏହି ରାତ୍ରିରେ ଶିବ ତାଣ୍ଡବ ନୃତ୍ୟ କରି ସୃଷ୍ଟି, ପାଳନ ଓ ସଂହାରର ଗୁପ୍ତ ରହସ୍ୟକୁ ପ୍ରକାଶ କରିଥିଲେ। ମହାଶିବରାତ୍ରିର ପାଳନରେ ଉପବାସର ଅତ୍ୟନ୍ତ ଗୁରୁତ୍ୱ ରହିଛି। ଭକ୍ତମାନେ ସାରାଦିନ ଖାଲି ପେଟରେ ରହି ଶିବଚିନ୍ତନରେ ଲୀନ ହୁଅନ୍ତି ଏବଂ ଏହି ଉପବାସକୁ ଆତ୍ମଶୁଦ୍ଧିର ପଥ ଭାବେ ମନେ କରନ୍ତି। ଉପବାସ ଶରୀରକୁ ସଂଯମ କରେ, ନିୟନ୍ତ୍ରଣ କରେ ଓ ମନକୁ ଧ୍ୟାନ ପାଇଁ ପ୍ରସ୍ତୁତ କରେ। ଏହା ଭକ୍ତଙ୍କୁ ଲୌକିକ ଆସକ୍ତିରୁ ଦୂରେଇ ଆତ୍ମିକ ଶାନ୍ତିର ପଥରେ ଆଗୁଆ କରେ। ଅନେକ ଭକ୍ତ ଫଳ, ପାଣି କିମ୍ବା କେବଳ ଭକ୍ତିରେ ରହି ସମ୍ପୂର୍ଣ୍ଣ ଉପବାସ ପାଳନ କରନ୍ତି। ଏହି ସଂଯମ ମାଧ୍ୟମରେ ସେମାନେ ଭଗବାନ ଶିବଙ୍କ କୃପା ପ୍ରାପ୍ତିର ଆଶା କରନ୍ତି। ଏହି ପବିତ୍ର ରାତ୍ରିର ଆଉ ଗୋଟିଏ ମୁଖ୍ୟ ଅଂଶ ହେଉଛି ସାରା ରାତି ଜାଗରଣ। ସମସ୍ତ ଭକ୍ତ ନିଦ୍ରାକୁ ତ୍ୟାଗ କରି ଭଜନ, କୀର୍ତ୍ତନ, ମନ୍ତ୍ରଜପ, ଧ୍ୟାନ ଓ ଶିବଲିଙ୍ଗ ପୂଜାରେ ମଗ୍ନ ହୁଅନ୍ତି। ଏହି ଜାଗରଣ ଅନ୍ଧକାର ଉପରେ ଆଲୋକର ବିଜୟ ଓ ଅଜ୍ଞାନ ଉପରେ ଜ୍ଞାନର ଜୟକୁ ପ୍ରତୀକ କରେ। ସାଧାରଣତଃ ରାତି ହେଉଛି ବିଶ୍ରାମର ସମୟ, କିନ୍ତୁ ମହାଶିବରାତ୍ରିର ରାତି ହେଉଛି ଆତ୍ମଜାଗୃତିର ରାତି। ଏହି ସମୟରେ ଭକ୍ତମାନେ ଦୀପ ପ୍ରଜ୍ୱଳିତ କରନ୍ତି, ପବିତ୍ର ମନ୍ତ୍ର ଉଚ୍ଚାରଣ କରନ୍ତି ଓ ଶିବନାମରେ ମନକୁ ଲୀନ କରନ୍ତି। ମନ୍ଦିରମାନଙ୍କରେ ମହାଦୀପ ପ୍ରଜ୍ୱଳନର ଅତ୍ୟନ୍ତ ବିଶେଷ ମହତ୍ତ୍ୱ ରହିଛି। ମହାଦୀପ ଉଠିବାପରେ ପରେ ଭକ୍ତମାନେ ନିଜ ଉପବାସ ଭଙ୍ଗ କରି ପ୍ରସାଦ ଗ୍ରହଣ କରନ୍ତି। ଏହା ମାଧ୍ୟମରେ ଭକ୍ତ ମାନେ ଅନ୍ଧକାରରୁ ଆଲୋକର ପଥ, ସଂଯମରୁ କୃପା ପ୍ରାପ୍ତି ଓ ଭକ୍ତିର ଫଳରୂପେ ଦିବ୍ୟ ଆଶୀର୍ବାଦ ଲାଭ କରିଥାନ୍ତି । ଏହି କ୍ଷଣକୁ ଅତ୍ୟନ୍ତ ପବିତ୍ର ଓ ଶୁଭ ମନାଯାଏ। ମହାଶିବରାତ୍ରିର ଆଧ୍ୟାତ୍ମିକ ମହତ୍ତ୍ୱ ଅପାର। ଏହା ମାନବକୁ ସରଳ, କ୍ଷମା, କରୁଣା, ସତ୍ୟ ଓ ନିଷ୍କାମ ଭକ୍ତିର ପଥରେ ଚାଲିବାର ପ୍ରେରଣା ଦିଏ। ଭଗବାନ ଶିବଙ୍କ ତ୍ୟାଗମୟ ଓ ନିରାସକ୍ତ ଜୀବନ ମାନବକୁ ଶିଖାଏ ଯେ ସତ୍ୟ ସୁଖ ବାହ୍ୟ ଐଶ୍ୱର୍ଯ୍ୟରେ ନୁହେଁ, ବରଂ ଆନ୍ତରିକ ଶାନ୍ତିରେ ଥାଏ। ଶିବଙ୍କର ତୃତୀୟ ନୟନ ଉଚ୍ଚ ଜ୍ଞାନର ପ୍ରତୀକ, ଜଟାରୁ ପ୍ରବାହିତ ଗଙ୍ଗା ପବିତ୍ରତାର ପ୍ରତୀକ ଏବଂ ଶିରୋଭୂଷିତ ଚନ୍ଦ୍ର ସମୟ ଉପରେ ନିୟନ୍ତ୍ରଣର ସୂଚନା ଦିଏ। ପ ର୍ବ ମହାଶିବରାତ୍ରି ମାନବଜୀବନକୁ ଆତ୍ମଚିନ୍ତନ, ସଂଯମ ଓ ଦିବ୍ୟ ଏକତାର ପଥରେ ଆଗେଇ ନେଇଯାଏ। ଏହା ଆମକୁ ସ୍ମରଣ କରାଏ ଯେ ଅନ୍ଧକାର ଯେତେ ଗଭୀର ହେଉ, ଦିବ୍ୟ ଆଲୋକ ସଦା ଉପସ୍ଥିତ। ନିଷ୍ଠା ଓ ପବିତ୍ରତା ସହିତ ଏହି ପବିତ୍ର ପର୍ବକୁ ପାଳନ କରିଲେ ମାନବ ଶାନ୍ତି, ଜ୍ଞାନ ଓ ମୋକ୍ଷ ପଥରେ ନିଶ୍ଚୟ ଆଗୁଆ ହୋଇପାରେ। ଓଁ ନମଃ ଶିବାୟ।

# ଓଡ଼ିଶା ମାଟିର ଲଢୁଆ ନାରୀନେତ୍ରୀ ରମାଦେବୀ ଚୌଧୁରୀ



ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ମୋ–୮୨୪୯୨୮୧୫୬୭

ଓଡ଼ିଶା ରାଜନୀତି ଇତିହାସରେ ରମାଦେବୀ ଚୌଧୁରୀ ଏକ ଚର୍ଚ୍ଚିତ ନାମ । ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଯେତେବେଳେ ଓଡ଼ିଶାରେ ନାରୀ ଶିକ୍ଷାକୁ ଏକ ଅଭିଶାପ ବୋଲି ବିବେଚନା କରାଯାଉଥିଲା ଓ ନାରୀ କେବଳ ପରଦାସୀନ ହୋଇ ଘର କୋଣରେ ରହୁଥିଲା ସେହି ସମୟରେ ଜଣେ ଆଭିଜାତ୍ୟ ଜମିଦାର ପରିବାରର କୁଳବଧୂ ତୁଳିତଳ୍ପ ଶଯ୍ୟା ଓ ବିଳାସ ବ୍ୟସନ ଜୀବନ ଶୈଳୀକୁ ପରିତ୍ୟାଗ କରି ମହାତ୍ମାଗାନ୍ଧୀ ଓ କଂଗ୍ରେସର ଆଦର୍ଶ ଓ ବିଚାରଧାରାକୁ ଆପଣାଇ ନେଇ ଖଦି ପିନ୍ଧି ଜଣେ ସାଧାରଣ ମଣିଷ ଭଳି ନିଜ ସ୍ୱାମୀଙ୍କ ସହିତ ଦେଶ ସେବାକୁ ନିଜ ଜୀବନର ପରମ ବ୍ରତ ଭାବି ପଦାକୁ ଚାଲିଆସିବା ସହିତ ଗାନ୍ଧିଜୀଙ୍କ ଆଦର୍ଶକୁ ବୁଲି ବୁଲି ପ୍ରଚାର କରିଥିଲେ ଓ ଦେଶକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତି କରିବାର ଦୁର୍ବାର ଶପଥ ନେଇଥିଲେ । ବିଦେଶୀ ବସ୍ତ୍ର ବର୍ଜନ, ସ୍ୱଦେଶୀ ଖଦି ବସ୍ତ୍ର ପରିଧାନ କରିବା ସହିତ ଅରଟରେ ସୁତା କାଟି ନିଜେ ଖଦି ବୁଣିବା ସହିତ ସେ ଗ୍ରାମର ମହିଳା ଓ ପୁରୁଷମାନଙ୍କୁ ଖଦି ବୁଣିବାର ଶିକ୍ଷା ଦେବା ସହିତ ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବାକୁ ଲୋକମାନଙ୍କୁ ଗୋ-ପାଳନ, ଅର୍ଥକାରୀ ଫସଲ ଉତ୍ପାଦନ, ମହୁମାଛି ଚାଷ ଆଦି କାର୍ଯ୍ୟ କରିବାକୁ ପରାମର୍ଶ ଦେଉଥିଲେ, ଏପରିକି ଅନେକ ସାମାଜିକ କାର୍ଯ୍ୟକ୍ରମ ଯଥା-ନିଶା ନିବାରଣ, ଗ୍ରାମ ସଫେଇ, ଗ୍ରାମର ହରିଜନ ବସ୍ତି ସଫେଇ, ଛୁଆଁ ଅଛୁଆଁ ସମାଜରୁ ଦୂର କରିବା ପାଇଁ ସବର୍ଣ୍ଣ ଲୋକମାନଙ୍କୁ ପରାମର୍ଶ ଦେଉଥିଲେ। ଏତଦ ବ୍ୟତୀତ କଂଗ୍ରେସ କମିଟିର ଜଣେ ସକ୍ରିୟ ସଦସ୍ୟା ଭାବେ ଯୋଗ ଦେଇ ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ଉତ୍ସର୍ଗ କରିଥିଲେ । ରମାଦେବୀଙ୍କ କଥା ଆଲୋଚନା କଲାବେଳେ ତାଙ୍କ ଚାରିପଟେ ଥିବା ତାଙ୍କର ପରିବାର, ସ୍ୱାମୀ, ଶଶୁର ଦେବର ପିତାଙ୍କ ପ୍ରେରଣା ପ୍ରୋତ୍ସାହନକୁ ଅଲଗା କରି ହେବ ନାହିଁ । କହିବାକୁ ଗଲେ ରମାଦେବୀଙ୍କ ନିଜ ପରିବାର ଓ ଶଶୁର ଘର ପରିବାର ସମସ୍ତ ଥିଲେ ଜଣେ ଜଣେ ଦେଶଭକ୍ତ ଓ ଦେଶକୁ ସ୍ୱାଧୀନ କରିବାରେ ସେମାନଙ୍କ ଥିଲା ପ୍ରମୁଖ ଭୂମିକା । ସେଥିପାଇଁ ରମାଦେବୀଙ୍କଠାରୁ ସେମାନଙ୍କୁ ଅଲଗା କରାଯାଇପାରିବ ନାହିଁ।

ରମାଦେବୀ ଚୌଧୁରୀ ଯାହାଙ୍କୁ ଓଡିଶାର ଜନ ସାଧାରଣ ଶ୍ରଦ୍ଧାରେ ମା' ବୋଲି ସମ୍ବୋଧନ କରିଥାନ୍ତି ସେ ବ୍ରିଟିଶ ଇଣ୍ଡିଆ ସରକାରଙ୍କ ଶାସନାଧୀନ ସମୟ ଅର୍ଥାତ ୧୮୯୯ ମସିହା ଡ଼ିସେମ୍ବର ୩ ତାରିଖରେ ସତ୍ୟଭାମାପୁର ଗ୍ରାମର ଏକ ସମ୍ଭ୍ରାନ୍ତ ଜମିଦାର ପରିବାରରେ ପିତା ଗୋପାଳବଲ୍ଲଭ ଦାସ ଓ ମାତା ବସନ୍ତ କୁମାରୀ ଦେବୀଙ୍କ ଔରସରୁ ଭୂମିଷ୍ଠ ହୋଇଥିଲେ । ଗୋପାଳବଲ୍ଲଭ ଦାସ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନଭାଇ ଥିଲେ । ସେହି ହିସାବରେ ରମାଦେବୀ ଥିଲେ ମଧୁସୂଦନ ଦାସଙ୍କ ଝିଆରୀ। ରମାଦେବୀଙ୍କ ପିତା ଗୋପାଳବଲ୍ଲଭ ଦାସ ବ୍ରିଟିଶ ସରକାରଙ୍କ ଅଧୀନରେ କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ । ଅଳ୍ପ ବୟସରେ ଅର୍ଥାତ ମାତ୍ର ୧୫ ବର୍ଷ ବୟସରେ ରମାଦେବୀଙ୍କର ଜଗତସିଂହପୁର ଖେରସ ଗ୍ରାମର ପ୍ରଖ୍ୟାତ ଜମିଦାର ଓ ଜଣେ ସୁନାମଧନ୍ୟ ଓକିଲ ଗୋକୁଳାନନ୍ଦ ଚୌଧୁରୀଙ୍କ ବଡ଼ ପୁଅ ଗୋପବନ୍ଧୁ ଚୌଧୁରୀଙ୍କ ସହିତ ବିବାହ ହୋଇଥିଲା । ନବକିଶୋର ଚୌଧୁରୀ ଯେକି ପରବର୍ତ୍ତି ସମୟରେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିଲେ, ସେ ଥିଲେ ଗୋପବନ୍ଧୁ ଚୌଧୁରୀଙ୍କ ନିଜ ସାନ ଭାଇ । ରମାଦେବୀଙ୍କ ବାପା ଓ ଶଶୁରଙ୍କ ପରିବାର ଉଭୟ ଜମିଦାର ଥିଲେ । ଏପରିକି ସ୍ୱାଧୀନତା ସଂଗ୍ରାମ ଭାଷା ଆନ୍ଦୋଳନ, ଓଡିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଗୋପବନ୍ଧୁ ଚୌଧୁରୀ ଡେପୁଟି କଲେକଟର ଥିବା ସମୟରେ ୧୧ ନଭେମ୍ବର ୧୯୧୪ ମସିହାରେ ତାଙ୍କର ରମାଦେବୀଙ୍କ ସହିତ ବିବାହ ସମ୍ପର୍ଣ୍ଣ ହୋଇଥିଲା । ଗୋପବନ୍ଧୁ ଚୌଧୁରୀ ଯାଜପୁରରେ ଚାକିରି କରିଥିବା ସମୟରେ ବନ୍ୟାକ୍ଲିଷ୍ଟ ଜନସାଧାରଣଙ୍କ ପାଇଁ ସରକାରଙ୍କ ନିକଟରେ ଅଧିକ ଅନୁଦାନ ଦାବୀକୁ ସରକାର ଆଗ୍ରହ୍ୟ କରିଦେବା ଫଳରେ ଗୋପବନ୍ଧୁ ଚାକିରି ଛାଡିଦେଇଥିଲେ ଓ ସିଧା ଯାଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଶୀର୍ବାଦ ନେଇ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ବିଚାରଧାରାକୁ ନିଜର ଆଦର୍ଶ ଭାବି କଂଗ୍ରେସ ସହିତ ଯୋଗ ଦେଇ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ସେ ପ୍ରଥମେ ନିଜ ଅଞ୍ଚଳ ଜଗତ୍‌ସିହଂହପୁର ଯାଇ ଅଳକା ନଦୀ କୂଳରେ ଏକ ଆଶ୍ରମ ସ୍ଥାପନ କରି ସାଧାରଣ ଗରିବ ଓ ପଛୁଆବର୍ଗ ଲୋକମାନଙ୍କ ସେବା ସହିତ ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବାର ପ୍ରୟାସ ଆରମ୍ଭ କରିଥିଲେ । ସ୍ୱାମୀଙ୍କ ଏତାଦୃଶ୍ୟ କାର୍ଯ୍ୟକଳାପ, ସେବା ମନୋଭାବ, ଦେଶପ୍ରେମ ଓ ତ୍ୟାଗପୁତ ଜୀବନଙ୍କୁ ଦେଖି ରମାଦେବୀ ରହିପାରିଲେ ନାହିଁ। ସେ ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଖଦି ପରିଧାନ କରି ଜଣେ ସାଧାରଣ ମଣିଷ ଭାବେ ଦେଶ ସେବା କରିବାକୁ ଆଗେଇ ଆସିଥିଲେ । ଗୋପବନ୍ଧୁ ଓ ରମାଦେବୀ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । ଗୋପବନ୍ଧୁଙ୍କ ବିଚାରଧାରା, କାର୍ଯ୍ୟଶୈଳୀ, ଦେଶପ୍ରେମ, ତ୍ୟାଗପୁତ ଜୀବନ ରମାଦେବୀଙ୍କଠାରୁ ଅଲଗା ନୁହେଁ। ରମାଦେବୀ ଗୋପବନ୍ଧୁଙ୍କ ସହିତ ପାଦରେ ପାଦ ମିଳାଇ, ସ୍ୱରରେ ସ୍ୱର ମିଳାଇ ପ୍ରତିଟି କ୍ଷେତ୍ରରେ କାର୍ଯ୍ୟ କରି ଚାଲିଥିଲେ । ପ୍ରଥମେ ଅଳକା ଆଶ୍ରମରେ ରହି ଖଦି ବୁଣିବା ଓ ଅନ୍ୟମାନଙ୍କୁ ପ୍ରଶିକ୍ଷିଣ ଦେବା ସହିତ ଗ୍ରାମ ସଫେଇ, ବିଶେଷକରି ହରିଜନ ବସ୍ତି ସଫେଇ, ନିଶା ନିବାରଣ ସଚେତନ ବାର୍ତ୍ତା ଦେବା ସହିତ ଛୁଆଁ ଅଛୁଆଁ ଦୂର ପାଇଁ ଲୋକ ମାନଙ୍କୁ ବୁଝାଉଥିଲେ ଓ କ'ଣ କଲେ ଗ୍ରାମ ଅର୍ଥନୀତି ସୁଦୃଢ ହେବ, ଲୋକଙ୍କ ହାତକୁ ଦୁଇ ପଇସା ଅସିବ ସେ ସମ୍ପର୍କରେ କାର୍ଯ୍ୟ କରିବା ସହିତ ନାରୀ କିଭଳି ସଶକ୍ତ ହେବ, ଶିକ୍ଷିତ ହେବ ଓ ଘରୁ ଗୋଡ କାଢ଼ି ବାହାରକୁ ଆସି ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇପାରିବ ସେ ଦିଗରେ ମଧ୍ୟ ଲୋକଙ୍କୁ ସଚେତନ କରୁଥିଲେ । ଏତଦ ବ୍ୟତୀତ ୧୯୨୧ ମସିହାରେ ମହାତ୍ମା ଗାନ୍ଧିଙ୍କ କଟକ ସଭାରେ ଗୋପବନ୍ଧୁ ଓ ରମାଦେବୀ ଉଭୟ ଯୋଗ ଦେଇ ଗାନ୍ଧୀଜୀଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇଥିଲେ । ସେହି ସମୟରେ ଗାନ୍ଧିଜୀ ମଧୁବାବୁଙ୍କ ଘରେ ରହିଥିବା ସମୟରେ ରମାଦେବୀ ଗାନ୍ଧିଜୀଙ୍କ ପାଖେପଖେ ରହି ତାଙ୍କ ସେବା କରିଥିଲେ ଓ ୧୯୩୦ ମସିହା ଲବଣ ସତ୍ୟାଗ୍ରହରେ ଭାଗ ନେବା ପାଇଁ ସେ ବାଲେଶ୍ୱର ଇଞ୍ଚୁଡ଼ି ଯାତ୍ରା କରିଥିଲେ । ତାଙ୍କ ସହିତ ଓଡ଼ିଶାର ଅନ୍ୟ ନାରୀ ନେତ୍ରୀ ଯଥା କିରଣଲାଲ ସେନ୍, ମାଳତୀ ଦେବୀ ଏବଂ ପ୍ରାଣକୃଷ୍ଣ ପଢିଆରୀ ପ୍ରଭୃତି ଯାଇଥିଲେ ଓ ଇଂରେଜ ଫୌଜମାନଙ୍କ ଦ୍ୱାରା ଗିରଫ ବି ହୋଇଥିଲେ। ରମାଦେବୀ ୧୯୩୧ ମସିହାରେ ଅଲ୍ ଇଣ୍ଡିଆ କଂଗ୍ରେସର କରାଚି ଅଧିବେଶନରେ ଯୋଗଦେଇ ଓଡିଶାର ପକ୍ଷ ରଖିଥିଲେ । ସେ ଗାନ୍ଧିଜୀଙ୍କ ଡାକରାରେ ସ୍ୱାଧୀନତା ଆନ୍ଦୋଳନରେ ଭାଗନେଇ ୧୯୨୧, ୧୯୩୦, ୧୯୩୬, ୧୯୪୨ରେ ଗିରଫ ହୋଇ ଜେଲ ଯାଇଥିଲେ । ୧୯୪୨ରେ ରମାଦେବୀ ଏବଂ ତାଙ୍କ ସ୍ୱାମୀ ପିଲାମାନେ ମଧ୍ୟ ଗିରଫ ହୋଇଥିଲେ । ସେ ୧୯୩୨ ମସିହାରେ ହଜାରିବାଗ ଜେଲରୁ ମୁକ୍ତି ହେବା ପରେ ହରିଜନ ୱେଲଫେୟାର୍ ବୋର୍ଡ ଗଠନ କରିଥିଲେ । ୧୯୩୪ ମସିହାରେ ଗାନ୍ଧିଜୀଙ୍କ ଓଡିଶା ପଦଯାତ୍ରା ସମୟରେ ସେ ମଧ୍ୟ ନିଜ ସ୍ୱାମୀଙ୍କ ସହିତ ଯୋଗ ଦେଇଥିଲେ ଓ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ତାଙ୍କ ସ୍ୱାମୀ ବରୀରେ ଗୋଟିଏ ଆଶ୍ରମ ୧୩ ଅଗଷ୍ଟ ୧୯୩୪ରେ ପ୍ରତିଷ୍ଠା କରିଥିଲେ, ଯାହାର ନାମ 'ସେବାଘର' ବୋଲି ଗାନ୍ଧିଜୀ ଦେଇଥିଲେ । ସେଠାରେ ଦଳିତମାନଙ୍କୁ ଶିକ୍ଷା ଦେବା ସହିତ ଖଦି ବୁଣିବା, ଗ୍ରାମ ସଡେଇ ସହିତ ଆର୍ଥିକ ସ୍ୱଚ୍ଛଳତା ପାଇଁ ଛୋଟ ଛୋଟ କୁଟୀର ଶିଳ୍ପ ଉପରେ ଗୁରୁତ୍ୱ ଦେଇଥିଲେ । ରମାଦେବୀ ସେହି ଆଶ୍ରମରେ ସ୍ୱାମୀଙ୍କ ସହିତ ରହି ସମସ୍ତ କାର୍ଯ୍ୟ ତଦାରଖ କରୁଥିଲେ । ଭାରତ ସ୍ୱାଧୀନ ହେବା ପରେ, ଅର୍ଥାତ ୧୯୪୭ ମସିହା ପରେ ଆଚାର୍ଯ୍ୟ ବିନୋବା ଭାବେଙ୍କ ସହିତ ରମାଦେବୀ ଯୋଗ ଦେଇ ଭୁଦାନ ଗ୍ରାମଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ । ସେ ୧୯୫୦ ମସିହାରେ ଉତ୍କଳ ଖଦି ମଣ୍ଡଳ ଓ ଶିକ୍ଷକ ପ୍ରଶିକ୍ଷିଣ କେନ୍ଦ୍ର, ବରୀ, ରାମଚନ୍ଦ୍ରପୁରଠାରେ ସ୍ଥାପନ କରିଥିଲେ। ସମ୍ବରୁଗେଡାଠାରେ ଏକ Tribal welfare centre ମଧ୍ୟ ସ୍ଥାପନ କରିଥିଲେ। ୧୯୫୨ ମସିହାରେ ନିଜ ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ ସହିତ ମିଶି ୪୦୦୦ କିଲୋମିଟର ରାଜ୍ୟରେ ପଦଯାତ୍ରା କରି ଭୂମିହୀନ ଓ ଗରିବ ଲୋକଙ୍କୁ ଭୂମି ଓ ଆର୍ଥିକ ସହଯୋଗ କରିବାକୁ ଲୋକମାନଙ୍କୁ ଅନୁରୋଧ କରିଥିଲେ । ଏତଦ୍‌ବ୍ୟତୀତ ରମାଦେବୀ କଟକଠାରେ ଏକ କ୍ୟାନ୍ସର ସେଣ୍ଟର ଓ ଶିଶୁ ବିହାର ନାମକ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ଯାହାର ନାମ ରମାଦେବୀ ଶିଶୁ ବିହାର କରାଯାଇଥିଲା । ୧୯୫୮ ମସିହାରେ ଗୋପବନ୍ଧୁ ଚୌଧୁରୀଙ୍କ ଦେହାନ୍ତ ହେବା ପରେ ରମାଦେବୀ ଏକୁଟିଆ ହୋଇଥିଲେ ବି ନିରବୀ ଯାଇନଥିଲେ । ପୂର୍ବପରି ସେ ଭିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କ ପାଖରେ ପହଞ୍ଚୁଥିଲେ । ୧୯୬୨ ଭାରତ-ଚୀନ ଯୁଦ୍ଧ ସମୟରେ ସେ ଆହତ ସୈନିକମାନଙ୍କ ସେବା କରିବାକୁ ମଧ୍ୟ ପହଞ୍ଚି ଥିଲେ । ୧୯୭୪ ମସିହା ଅପାତକାଳ ସମୟରେ ସେ ମଧ୍ୟ ଗିରଫ ହୋଇଥିଲେ। ରମାଦେବୀ ୧୯୮୫ ମସିହା ଜୁଲାଇ ୨୨ ତାରିଖରେ ମୃତ୍ୟୁବରଣ କରିଥିଲେ । ସବୁଦିନ ପାଇଁ ମା' ନାଁ ଟି ଲିଭିଯାଇଥିଲା । ତାଙ୍କର ପଞ୍ଚ[illegible]ଭୂତର ଶରୀରଟି ସିନା ମାଟିରେ ମିଶିଯାଇଥିଲା ହେଲେ ତାଙ୍କର ନିଷ୍କାମ କର୍ମ, ତ୍ୟାଗପୂତ ଜୀବନ, ସାଧାରଣ ଖଟିଖିଆ ମେହେନତି ହରିଜନ ଆଦିବାସୀ ଲୋକ ମାନଙ୍କ ଥିବା ତାଙ୍କ ପ୍ରତି ଭଲ ପାଇବା, ଦେଶଭକ୍ତି, ସ୍ୱାଧୀନତା ସଂଗ୍ରାମରେ ଥିବା ଅବଦାନ, ନିଷ୍କାମ ସେବା ଆଜି ବି ତାଙ୍କୁ ମନେ ରଖିଛି ଓ ଇତିହାସ ପୃଷ୍ଠାରେ ତାଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ତାଙ୍କ ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ତାଙ୍କର ପ୍ରେରଣାର ଉତ୍ସ ଥିଲେ । ତାଙ୍କ ବ୍ୟତୀତ ରମାଦେବୀ ତାଙ୍କର ବଡ଼ବାପା ମଧୁସୂଦନ ଦାସ, ଜୟପ୍ରକାଶ ନାରାୟଣ, ମହାତ୍ମଗାନ୍ଧୀ, ବିନୋବା ଭାବେଙ୍କ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥିଲେ । ମୃତ୍ୟୁ ପୂର୍ବରୁ ରମାଦେବୀ ଗୋଟିଏ ଦେହରେ ପୂଜା ପାଉଥିବା ବେଳେ ଆଜି ସେ କୋଟିଏ ଦେହରେ ମୂର୍ତ୍ତିମନ୍ତ ଓ କୋଟିଏ କଣ୍ଠରେ ସ୍ତୁତିବନ୍ତ। ଏ ଦେଶ ଓ ଜାତି ବଞ୍ଚିଥିବା ପର୍ଯ୍ୟନ୍ତ ସେ ଚିର ଆମର ହୋଇ ରହିବେ । ତାଙ୍କର ସେବା, ତ୍ୟାଗ, ଦେଶପ୍ରେମ ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୯୮୧ ନଭେମ୍ବର ୪ ତାରିଖ ଦିନ ତାଙ୍କୁ ଯମୁନାଲାଲ ବଜାଜ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୧୬ ଏପ୍ରିଲ ୧୯୮୪ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ । ତାଙ୍କ ନାମରେ ଭୁବନେଶ୍ୱରର ଏକ ମହିଳା ବିଶଶ୍ୱବିଦ୍ୟାଳୟ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନାମରେ ନାମିତ ହୋଇଅଛି । ଠିକ ସେହିପରି ଗୋପବନ୍ଧୁ ଚୌଧୁରୀଙ୍କ ନାମରେ ରାମଚନ୍ଦ୍ରପୁରରେ ଥିବା ଏକ ମହାବିଦ୍ୟାଳୟକୁ ନାମିତ କରାଯାଇଛି। ଗୋପବନ୍ଧୁଙ୍କ ପରିବାର ରହୁଥିବା କଟକ ଘରଟିକୁ ସେମାନେ ଦାନ କରିଦେଇଥିଲେ ଓ ସେହି ଘରଟିକୁ ସ୍ୱରାଜ ଆଶ୍ରମ ନାମରେ ନାମିତ କରାଯାଇଛି। ସେହି ମହିୟସୀ ରମାଦେବୀ ଥିଲେ ଜଣେ କର୍ମଯୋଗୀ । ତାଙ୍କ ଦେଶପ୍ରେମ, ତ୍ୟାଗ, ବଳିଦାନ ସମ୍ପର୍କରେ ଆଲୋଚନା କଲେ କଲମରୁ କାଳି ସରିଯିବ ହେଲେ ତାଙ୍କର ପ୍ରତିଭାକୁ ସମ୍ପୂର୍ଣ୍ଣ ଭାବେ ଆଲୋକପାତ କରାଯାଇପରିବ ନାହିଁ । ସେ ଥିଲେ ନାରୀ ସମାଜର ଏକ ଜାଜ୍ଜ୍ୱଲ୍ୟମାନ ପ୍ରତିଭା ଓ ଓଡ଼ିଶା ମାଟିର ଲଢୁଆ ନାରୀନେତ୍ରୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ଦ୍ୱନ୍ଦ୍ୱରେ ଚାଷୀ:ମଣ୍ଡି ଜଗିବେ ନା ରବି ଚାଷ ପାଇଁ କରିବେ ପ୍ରସ୍ତୁତି

**କଳାହାଣ୍ଡି, ନ୍ୟୁଜ୍‌ବ୍ୟୁରୋ**



ସରୁନି ଚାଷୀଙ୍କ ଚିନ୍ତା। ଗୋଟିଏ ପଟେ ମଣ୍ଡିରୁ ଧାନ ଉଠି ପାରୁ ନ ଥିବାବେଳେ ଆଉ ଗୋଟିଏ ପଟେ ରବି ଚାଷ ପାଇଁ ସମୟ ହୋଇଗଲାଣି। କଳାହାଣ୍ଡି ଜିଲ୍ଲାରେ ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି। କେତେବେଳେ ମିଲର୍ସଙ୍କ ଆନ୍ଦୋଳନ ତ ପୁଣି କେତେବେଳେ ଟୋକନ ସମସ୍ୟାରେ ପେଷି ହେଉଛନ୍ତି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ବିଭିନ୍ନ ଧାନ ମଣ୍ଡିରେ ଏବେ ମଧ ପଡ଼ି ରହିଛି ହଜାର ହଜାର କ୍ୱିଣ୍ଟାଲ ଧାନ। ଅନ୍ୟପଟେ ବ୍ଲକରେ ରବିଚାଷ ପାଇଁ ଉଠା ଜଳସେଚନ କେନାଲରୁ ଗତ ଜାନୁଆରୀ ମାସରୁ ଜଳସେଚନ ଆରମ୍ଭ ହୋଇଥିବା ବେଳେ ରବିଚାଷ ପାଇଁ ଚାଷୀ ପ୍ରସ୍ତୁତ ହେବାକୁ ସମୟ ନାହିଁ।

ଗୋଟିଏପଟେ ଶୀତ କାକର ପରେ ଏବେ ଟାଣ ଖରାରେ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀ ଜଗି ରହିଛନ୍ତି। କୋକସରା ବ୍ଲକରେ ଆମପାଣି ପେକ୍ସ ଅଧୀନରେ ଥିବା ବରାଡ଼ୋଙ୍ଗା, ବଡ଼ ପୋଡ଼ାଗୁଡ଼ା, କାଉଡ଼ୋଳା ଉପମଣ୍ଡି, କୋକସରା ପେକ୍ସ ଅଧୀନରେ ଥିବା ଝରିଆଗୁଡା ଉପମଣ୍ଡି, ଡହଗାଁ ପେକ୍ସ ଅଧୀନରେ ଥିବା ଡାଲଗୁମା, ମୁଷାପାଲି, ଖୁଣ୍ଟିଆ ଉପମଣ୍ଡି, କାଶିବାହାଲ ପେକ୍ସ ଅଧିନରେ ଥିବା ଧନସରା, ଫୁଫଗାଁ, କନ୍ଦାବୁଟ୍ରା, ତୁନଗାଁ ଉପମଣ୍ଡି ସମେତ ଟେମରା ପେକ୍ସ ଅଧୀନରେ ଥିବା ଡେଙ୍ଗାଗୁଡ଼ା, ଗୋତମୁଣ୍ଡା, ଡୁଡୁକାଠେଙ୍ଗା ଉପମଣ୍ଡି, ଲଡୁଗାଁ ପେକ୍ସ ଅଧୀନରେ ଥିବା ଗମ୍ଭାରୀଗୁଡ଼ା ଓ ମୋଟେର ମଣ୍ଡିରେ ଗତ ୭ ତାରିଖ ସୁଦ୍ଧା ମୋଟ ୭ ଲକ୍ଷ ୧୫ ହଜାର ୧୯୭.୩୯ କ୍ରୟ ହୋଇ ସାରିଥିବା ବେଳେ ଏବେ ମଧ ବିଭିନ୍ନ ମଣ୍ଡିରେ ଚାଷୀଙ୍କ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ିରହିଛି।

ଅନେକ ଚାଷୀ ଧାନ ବିକ୍ରି କରି ସେହି ଅର୍ଥରେ ପୁଣିଥରେ ରାବିଚାଷ ସହ ବିବାହ, ବ୍ରତ, ପୁଅଝିଅଙ୍କ ପାଠପଢା ଓ ବିଭିନ୍ନ ସରକାରୀ ବେସରକାରୀ ବ୍ୟାଙ୍କ ଓ ଫାଇନାନ୍ସ କମ୍ପାନୀରୁ ଆଣିଥିବା ଋଣ ପରିଶୋଧ କରିବା ପାଇଁ ଧାନ ବିକ୍ରି କରିବା ପାଇଁ ଅପେକ୍ଷା କରି ରହିଥିବା କହିଛନ୍ତି। ବ୍ଲକର ଡାଲଗୁମା ମଣ୍ଡିରେ ୫ ହଜାରରୁ ଉର୍ଦ୍ଧ୍ୱ ଧାନ ପଡ଼ିରହିଛି। ଧାନ ବିକ୍ରି ଅପେକ୍ଷାରେ ଥିବା ଚାଷୀ ପର୍ଶୁରାମ ରୋତି, ମଣିରାମ ରୋତି, ମଧୁ ଧରୁଆ ବେଣୁଧର ଚଣ୍ଡି, ଲମ୍ବୁଧର ଧରୁଆ, ଅରୁଣ ପୁରୋହିତ, ନରେଶ ଚଣ୍ଡି, ଅକ୍ଷୟ ଧରୁଆ ଦନାର ଧରୁଆ, ମନିଜର ପୋଢ଼, କନ୍ଧ ଚଣ୍ଡି ପ୍ରମୁଖ ଚାଷୀମାନେ ଶୀଘ୍ର ଧାନ ଉଠାଣ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ତାଳବଣିଆ ଜଙ୍ଗଲ ଏବେ ଜରିମୟ : ବେଲଗାମ ଭୋଜିରୁ ବିପର୍ଯ୍ୟସ୍ତ, ଦାୟିତ୍ୱ ନେବାକୁ କେହି ନାହିଁ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**



ପରିଚୟ ଖୋଜୁଛି ଶ୍ରୀକ୍ଷେତ୍ରର ଅନ୍ୟତମ ପ୍ରସିଦ୍ଧ ସ୍ଥାନ ତାଳବଣିଆ। ମହାପ୍ରଭୁଙ୍କ ଶ୍ରୀମନ୍ଦିର ପାଇଁ ଏହିଠାରୁ ତାଳ ପତ୍ର ଯାଇ ଭୋଗେଇ ପ୍ରସ୍ତୁତ ହେଉଥିଲା। ଏବେ ତାଳ ଗଛ ଦେଖିବା ତ ସ୍ୱପ୍ନ ସମଗ୍ର ତାଳବଣିଆ ଅଞ୍ଚଳ ବିପର୍ଯ୍ୟସ୍ତ ପଡ଼ିଛି। ଭାରି ଅଳିଆ ହୋଇଗଲାଣି ତାଳବଣିଆ। ବେଲଗାମ୍ ଭୋଜିରୁ ବାହାରୁଥିବା ବର୍ଜ୍ୟବସ୍ତୁ ସେଠାରେ ଗଦା ହେଉଛି। ୧୦୦ ଏକର ଭଳି ଜଙ୍ଗଲ ଜରିମୟ ହେଲାଣି। ଏପଟେ ତାଳବଣିଆରେ ଜରି ଗଦା ହେବାରେ ବର୍ଷା ଜଳ ସଂରକ୍ଷଣରେ ବାଧା ଉପୁଜି ମଧୁର ଜଳ ସ୍ତର ମଧ ହ୍ରାସ ପାଉଛି। ବିଭିନ୍ନ ସମୟରେ ତାଳବଣିଆ ପରିବେଶରେ ସୁଧାର ପାଇଁ କିଛି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଉଦ୍ୟମ କରିଛନ୍ତି। ହେଲେ ସରକାରଙ୍କ ଆନ୍ତରିକତା ନରହିବାରେ ତାଳବଣିଆ ଅଞ୍ଚଳ ଏବେ ଅନାଥ ଭଳି ପଡ଼ିଛି।

ସହର ଭିତରେ ଏତେ ବଡ଼ ଜଙ୍ଗଲ କହିଲେ କେବଳ ତାଳବଣିଆ। ଦଶନ୍ଧି ଦଶନ୍ଧି ଧରି ଅବହେଳିତ ତଥା ଟାଙ୍ଗରା ପଡ଼ିଥିବା ଅଞ୍ଚଳରେ ୧୨/୧୪ ବର୍ଷ ପୂର୍ବେ ବନ ବିଭାଗ ବିଭିନ୍ନ ରକମର ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିଥିଲା। ପରେ ବିସ୍ତୀର୍ଣ୍ଣ ଜଙ୍ଗଲକୁ ସ୍ୱଳ୍ପ କର୍ମଚାରୀଙ୍କୁ ଜଗାଇ ତାଳବଣିଆ ଯତ୍ନ କଥା ପୂରା ପାସୋରିଗଲା ପ୍ରଶାସନ। ଇତିମଧ୍ୟରେ ସରକାରଙ୍କ ନାକ ତଳେ ତାଳବଣିଆ ଅଳିଆବଣ ଓ ଅସାମାଜିକ କାର୍ଯ୍ୟର ପେଣ୍ଠରେ ପରିଣତ ହେଲା। ଭୋଜି ବାର ପଡ଼ିଲେ ଶହ ଶହ ବ୍ୟକ୍ତି ଭୋଜି କରୁଛନ୍ତି। ମଦ ମାଂସର ଆସର ଜମୁଛି। ଏପରିକି ଅନେକ ସମୟରେ ସିଗାରେଟ୍ ଝୁଲ ହେଉ ଚୁଲିରୁ ନିଆଁ ଲାଗି ଜଙ୍ଗଲ ନଷ୍ଟ ହେଉଛି। ଭୋଜିରୁ ବାହାରୁଥିବା ବର୍ଜ୍ୟବସ୍ତୁ ସେହିଠାରେ ଗଦା ହେଉଛି। ପୁଣି କିଛି ବ୍ୟକ୍ତି ଓ ଖାଦ୍ୟ ଦୋକାନୀ କଠିନ ମଇଳା ଆଣି ତାଳବଣିଆରେ ଗଦାଉଛନ୍ତି। କୌଣସି ବ୍ୟବସ୍ଥା କିମ୍ବା ନିୟମ ନଥାଇ ଏତେ ବଡ଼ ଜଙ୍ଗଲକୁ ସ୍ୱଳ୍ପ ବନ ବିଭାଗ କର୍ମଚାରୀ ଜଗିବା ମୁସ୍କିଲ ହେଉଛି।

ସ୍ଥାନୀୟ ବାସିନ୍ଦା ସତ୍ୟପ୍ରିୟ ସାହୁଙ୍କ କହିବା କଥା, ଜଙ୍ଗଲର ବାପା ମା' କେହି ନଥିବାରେ ଅସାମାଜିକଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି। ନିଶା ବେପାର ଠାରୁ ବନ୍ଧୁକ କାରବାର ଓ ସହରରେ ବିଭିନ୍ନ ଅପରାଧର ବ୍ଲୁପ୍ରିଣ୍ଟ ତିଆରି ହେଉଛି। କିଛି ଦିନ ପୂର୍ବେ ପୁଲିସ ତନାଘନା କରିଥିଲା। ପାଟ୍ରୋଲିଂ ହୁଗୁଳା ହେବାରେ ପୁଣି ଆଡ୍ଡା ଜମାଇଲେଣି ଅସାମାଜିକ। ଏଥିସହ ଜଙ୍ଗଲରେ ହରିଣ, ବିଲୁଆ, ନେଉଳ ଓ ଗଧିଆ ଆଦି ବହୁ ଜୀବଜନ୍ତୁ ରହୁଛନ୍ତି। ବାଲୁଖଣ୍ଡ ଅଭୟାରଣ୍ୟରେଖାଦ୍ୟାଭାବରୁ ହରିଣମାନେ ଖାଦ୍ୟ ଅନ୍ୱେଷଣରେ ତାଳବଣିଆକୁ ଘର କରିନେଇଛନ୍ତି। ଖାଦ୍ୟ ସଙ୍ଗେ ଜରି ଖାଇ ସେମାନଙ୍କ ଜୀବନ ମଧ ସଙ୍କଟାପନ୍ନ ହେଉଛି।

ଆଲୋଚକମାନେ କୁହନ୍ତି, ତାଳବଣିଆରେ ମଧୁର ଜଳ ଗଛିତ ନାହିଁ। ବର୍ଷା ଜଳ ମାଟି ତଳେ ସଂରକ୍ଷିତ ହୋଇ ମଧୁର ଜଳ ଭାବେ ବ୍ୟବହୃତ ହୁଏ। ଏବେ ତାଳବଣିଆରେ ବର୍ଜ୍ୟବସ୍ତୁ ଗଦା ହେବାରେ ମଧୁର ଜଳକୁ ସଙ୍କଟ ପଡ଼ିଛି। ବର୍ଷ ବର୍ଷ ଧରି କ୍ୱିଣ୍ଟାଲ କ୍ୱିଣ୍ଟାଲ ଓଜନର ଜରି ବାଲିରେ ଗଦା ହେବାରେ ବର୍ଷା ଜଳ ବାଲିକୁ ଭେଦୁନି। ଏଣୁ ତାଳବଣିଆରେ ମଧୁର ଜଳସ୍ତର ଚିନ୍ତାଜନକ ଭାବେ ହ୍ରାସ ପାଉଛି।

ତାଳବଣିଆର ଏଭଳି ଦୁରାବସ୍ଥା କିଛି ଯୁବସଙ୍ଗଠନଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏନେଇ ସେମାନେ ପ୍ରଶାସନିକ ଉଦାସୀନତା ପ୍ରତି ଅଙ୍ଗୁଳି ଉଠାଇଛନ୍ତି। ଯୁବ ସଂଗଠକ ପ୍ରଦୀପ୍ତ କୁମାର ପ୍ରଧାନ, ବିପ୍ଲବ କୁମାର ଦାଶ, ଦୀପକ କୁମାର ପ୍ରଧାନଙ୍କ କହିବା କଥା, ପର୍ଯ୍ୟଟନ ସ୍ଥଳୀରେ ପ୍ରାକୃତିକ ପରିବେଶର ସୁରକ୍ଷା ସହ ଲୋକଙ୍କ ଚିତ୍ତବିନୋଦନ ପାଇଁ ବିଭିନ୍ନ ବ୍ୟବସ୍ଥା ଓ ନିୟମ ଲାଗୁ କରାଯାଉଛି। ରାମଚଣ୍ଡୀ ମନ୍ଦିର ନିକଟ ଜଙ୍ଗଲରେ ଭୋଜିଭାତ ପାଇଁ ଏକ ବ୍ୟବସ୍ଥାବଳୀ ଲାଗୁ ହୋଇଛି। ଆଗନ୍ତୁକ ଯଦି ଭୋଜି କରିବାକୁ ଚାହୁଁଛନ୍ତି ମୁଣ୍ଡ ପିଛା ଅତି କମ୍ ଅର୍ଥ ରଖି ପରିବେଶକୁ ସଫାସୁତୁରା ରଖାଯାଇପାରୁଛି। ସହର ଭିତରେ ଏକମାତ୍ର ଜଙ୍ଗଲ ହେତୁ ଲୋକେ ଆସୁଛନ୍ତି କିଛି ସମୟ ବିତାଇବା ପାଇଁ। ହେଲେ ଏଠାରେ ପ୍ରାୟତଃ ଭୋଜି ଓ ନିଶା ଆସର ଆୟୋଜିତ ହେଉଛି। ସୁରକ୍ଷା ମିଳୁ ନଥିବାରୁ ପରିବାର ଧରି ସହରବାସୀ ଏଠାକୁ ଆସିବାକୁ ମଙ୍ଗୁନାହାନ୍ତି। ଲୋକଙ୍କ ସୁବିଧା ତଥା ତାଳବଣିଆର ପ୍ରାକୃତିକ ପରିବେଶ ଓ ସୌନ୍ଦର୍ଯ୍ୟ ରକ୍ଷା ପାଇଁ ଯୁବ ସଙ୍ଗଠକମାନେ ଦାବି କରୁଛନ୍ତି।

# ଜିଆଇ ଟ୍ୟାଗ୍ ରେସ୍‌ରେ କେନ୍ଦୁଝରର 'ପେଜୁଆ ବିରି' : ୨୦୦ ବର୍ଷ ତଳୁ ଚାଷ କରିଆସୁଛନ୍ତି ଜୁଆଙ୍ଗ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**



ଗଡ଼ଜାତ ରାଜ୍ୟ କେନ୍ଦୁଝରର ଅନେକ ସ୍ୱତନ୍ତ୍ରତା ଦେଶ ଓ ବିଦେଶରେ ପହଞ୍ଚି ପାରିଛି। କେନ୍ଦୁଝରର ବଡ଼ି ସାରା ବିଶ୍ୱରେ ପରିଚୟ ହାସଲ କରିଛି। ବଡ଼ିକୁ ଜିଆଇ ଟ୍ୟାଗ୍ ପାଇଁ ପ୍ରଶାସନ ଅଣ୍ଟା ଭିଡ଼ିଥିବା ବେଳେ ଏବେ 'ପେଜୁଆ ବିରି' ଜିଆଇ ଟ୍ୟାଗ୍ ପାଇଁ ପଠାଯାଇଛି। ବଡ଼ି ତିଆରିରେ ଲାଗୁଥିବା ପେଜୁଆ ବିରି ଉତ୍ପାଦନରେ କେନ୍ଦୁଝରର ସ୍ୱତନ୍ତ୍ରତା ରହିଛି। ତେଣୁ ପେଜୁଆ ବିରି କିସମର ଅଧିକ ଗବେଷଣା କୃଷି ବୈଜ୍ଞାନିକଙ୍କ ଦ୍ୱାରା କରାଯାଉଛି। ପ୍ରାୟ ୨୦୦ ବର୍ଷ ତଳୁ ଜୁଆଙ୍ଗ ସମ୍ପ୍ରଦାୟ ଏହି ବିରିକୁ ଉତ୍ପାଦନ କରି ଆସୁଛନ୍ତି। ଏହାର ଅଧିକ ଗବେଷଣା ସହିତ ଏହି କିସମ ବିରି କିଭଳି ଅଧିକ ଉତ୍ପାଦନ ହୋଇପାରିବ ସେଦିଗରେ ଦୃଷ୍ଟି ଦେବାକୁ କୃଷି ବୈଜ୍ଞାନିକ ଓ କୃଷି ବିଭାଗ ଗବେଷଣା ଚଳାଇଛି। କେନ୍ଦୁଝରର ବିଭିନ୍ନ ପ୍ରାନ୍ତରେ ଉତ୍ପାଦନ ହେଉଥିବା ଏହି ପେଜୁଆ ବିରିର କିସମ ଗବେଷଣା କରାଯାଉଛି। କେଉଁ କିସମ ଅଧିକ ଉତ୍ପାଦନ ହେଉଛି ତାହା ଗବେଷଣା ପରେ ନିଷ୍ପତ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦୁଝରର ଜୁଡ଼ିଆସ୍ଥିତ ରିଜିଓନାଲ ରିସର୍ଚ୍ଚ ଏଣ୍ଡ ଟ୍ରାନ୍ସଫର ଟେକ୍ନୋଲୋଜି ଷ୍ଟେସନ୍ (ଆରଆରଟିଟିଏସ୍)ର ବୈଜ୍ଞାନିକ ମାନଙ୍କ ଦ୍ୱାରା ଏହା ଗବେଷଣା କରାଯାଉଛି। ଜୁଡିଆର ବୈଜ୍ଞାନିକ ମାନେ ଏହାର ସମସ୍ତ ପ୍ରମାଣପତ୍ର ଜିଆଇ ଟ୍ୟାଗ୍ ପାଇଁ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟକୁ ପଠାଯାଇଛି। ଖୁବ୍‌ଶୀଘ୍ର ପେଜୁଆ ବିରିକୁ ମାନ୍ୟତା ପାଇଁ ଦାବି କରାଯିବ ବୋଲି ବୈଜ୍ଞାନିକ ଡ. କିଶୋର ସାହୁ କହିଛନ୍ତି।

ଆଦିବାସୀ ଅଧୁଷିତ ତଥା ଜୁଆଙ୍ଗ ଜନଜାତି ବାସ କରୁଥିବା ଅଞ୍ଚଳରେ ଏକ ସ୍ୱତନ୍ତ୍ର କିସମର ବିରି ଚାଷ ହୋଇଥାଏ। ଜୁଆଙ୍ଗମାନଙ୍କ ଦ୍ୱାରା ଏହି କିସମର ବିରି ଚାଷ କରାଯାଉଥିବା ଗବେଷକମାନେ ମତ ରଖିଥିଲେ। ସାଧାରଣ ବିରି ଅପେକ୍ଷା ଏହା ଅଧିକ ଫେଣ ହେଉଥିବାରୁ ବଡ଼ି ତିଆରିରେ ଏହାର ଚାହିଦା ରହିଛି। ଶହ ଶହ ବର୍ଷ ପୂର୍ବେ ଏହି କିସମର ବିରି ଜୁଆଙ୍ଗ ସମ୍ପ୍ରଦାୟର ଲୋକେ ଚାଷ କରୁଥିଲେ। ଏହି ବିରି ଅନ୍ୟ କୌଣସି ଜଳବାୟୁରେ ଉତ୍ପାଦନ ହେଉନଥିବା ସମୟରେ କେବଳ ବାଂଶପାଳ, ତେଲକୋଇ, ହରିଚନ୍ଦନପୁର ବ୍ଲକରେ ଏହାର ଚାଷ ପାଇଁ ଉପଯୁକ୍ତ ପରିବେଶ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି। ପାହାଡିଆ, ଥଣ୍ଡା ତଥା ଗୋଡ଼ାଣିଆ ଜମିରେ କେବଳ ଏହି କିସମର ବିରି ଚାଷ ପାଇଁ ଅନୁକୂଳ ପରିବେଶ। ଜୁଆଙ୍ଗମାନେ ପୂର୍ବରୁ ଜଙ୍ଗଲ ସଂଲଗ୍ନ ଅଞ୍ଚଳରେ ବାସ କରୁଥିବା ବେଳେ ପୋଡୁଚାଷ କରି ଗୁଜୁରାଣ ମେଣ୍ଟାଉଥିଲେ। ତେଣୁ ପାହାଡର ଗଛକୁ କାଟି ସେମାନେ ଗୋଡ଼ାଣିଆ ଅଞ୍ଚଳରେ ଏହି ପେଜୁଆ ବିରି ଚାଷ କରୁଥିଲେ। ବାଂଶପାଳ ବ୍ୟତିତ ଅନ୍ୟ ଅଞ୍ଚଳରେ ଏହାର ଉତ୍ପାଦନରୁ ସଫଳତା ମିଳିନଥିବା ବୈଜ୍ଞାନିକ ଡ. କିଶୋର ସାହୁ କହିଛନ୍ତି।

ସେପ୍ଟେମ୍ବର ମାସରେ ବିହନ ବୁଣା ଯାଉଥିବା ବେଳେ ୧୧୦ ଦିନରୁ ୧୧୫ ଦିନ ମଧ୍ୟରେ ଏହା ଅମଳ କରାଯାଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପେଜୁଆ ବିରି ଚାଷ ପାଇଁ ଜମିକୁ ହଳର ଆବଶ୍ୟକତା ପଡିନଥାଏ। ପାଣି କିମ୍ବା ଗଛର ଯତ୍ନ ଆଦୌ କରିବାକୁ ପଡୁନଥିବାରୁ ଜୁଆଙ୍ଗମାନେ ଏହି କିସମର ବିରି ଚାଷ କରିବାକୁ ବେଶୀ ଆଗ୍ରହ ଦେଖାଇଥାନ୍ତି। ତେବେ ଏହି କିସମର ବିରି ଉପରେ ଅଧିକ ଗବେଷଣା କରାଯିବା ସହିତ ଅନ୍ୟ ଅଞ୍ଚଳ ଏବଂ ବାହାର ଜିଲ୍ଲା ସହିତ ପାହାଡ଼ିଆ ରାଜ୍ୟରେ କିଭଳି ଏହି ପେଜୁଆ ବିରି ଉତ୍ପାଦନ କରାଯାଇ ପାରିବ କୃଷି ବୈଜ୍ଞାନିକମାନେ ଗବେଷଣା କରିବାକୁ ତତ୍କାଳୀନ କେନ୍ଦ୍ର କୃଷିମନ୍ତ୍ରୀ ଅର୍ଜ୍ଜୁନ ମୁଣ୍ଡା ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆରଆରଟିଟିଏସ୍‌ର ବୈଜ୍ଞାନିକ ଏହାର ଗବେଷଣା ଚଳାଇଛନ୍ତି। ଗବେଷଣା ପାଇଁ ବିଭିନ୍ନ ସ୍ଥାନରେ ଉତ୍ପାଦନ ହୋଇଥିବା ବିରିର ନମୁନା ଯାଞ୍ଚ କରାଯାଇଥିଲା। ସବୁଠାରୁ ଅଧିକ କେଉଁ କିସମର ପେଜୁଆ ବିରି ଉତ୍ପାଦନ ହେଉଛି ପରୀକ୍ଷା ପରେ ସେହି କିସମକୁ ଅଧିକ ଚାଷ ପାଇଁ ଅନୁମତି ମିଳିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ପେଜୁଆ ବିରି ଓଡ଼ିଶା କିମ୍ବା ଭାରତର ଅନ୍ୟ ରାଜ୍ୟରେ ଉତ୍ପାଦନ ହେଉଥିବା ପ୍ରମାଣ ମଧ ନାହିଁ। ବୈଜ୍ଞାନିକମାନେ ଏହାର ବିହନ ନେଇ ଅନ୍ୟ ରାଜ୍ୟରେ ଚାଷ କରିବାକୁ ଉଦ୍ୟମ କରି ଫେଲ୍ ମାରିଛନ୍ତି। ତେଣୁ କେନ୍ଦୁଝରର ଏହି ପେଜୁଆ ବିରିକୁ ଜିଆଇ ଟ୍ୟାଗ୍ ପାଇଁ ଆବେଦନ କରାଯିବା ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା କୃଷି ବୈଜ୍ଞାନିକ ମାନେ କହିଛନ୍ତି। ହେପଜୁଆ ବିରି କେବଳ କେନ୍ଦୁଝରର ବୋଲି ଯଥେଷ୍ଟ ପ୍ରମାଣ ମଧ ବୈଜ୍ଞାନିକଙ୍କ ପକ୍ଷରୁ ସଂଗ୍ରହ କରାଯାଇଥିବା ଡ. ସାହୁ କହିଛନ୍ତି।

# ଛୋଟ ସହରର ହୋଟେଲ-ରିସର୍ଟରେ ବଢୁଛି ନିବେଶ

## ଏବେ ପ୍ରକୃତି କୋଳରେ ସମୟ ବିତାଇବାକୁ ବେଶୀ ପସନ୍ଦ କରୁଛନ୍ତି ପର୍ଯ୍ୟଟକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ପରିବେଶ ପର୍ଯ୍ୟଟନ ଉପରେ ଓଡ଼ିଶାର ଫୋକସ୍ ରହିଆସିଛି। ପର୍ଯ୍ୟଟକ, ସହରର ଭିଡ଼ ପରିବର୍ତ୍ତେ ଏବେ ପ୍ରକୃତି କୋଳରେ ସମୟ ବିତାଇବାକୁ ବେଶୀ ପସନ୍ଦ କରୁଛନ୍ତି। ତେଣୁ ପର୍ଯ୍ୟଟକଙ୍କ ଚାହିଦାକୁ ନଜରରେ ରଖି କୋରାପୁଟ, କେନ୍ଦୁଝର, କନ୍ଧମାଳ, ଗଞ୍ଜାମ ଭଳି ସ୍ଥାନରେ ଏବେ ହୋଟେଲ ଏବଂ ରିସର୍ଟ ସ୍ଥାପନ ଲାଗି ଆଗଭର ହେଉଛନ୍ତି ନିବେଶକ। ଶିଳ୍ପ ବିଭାଗ ସୂଚନା ମୁତାବକ, ୨୦୨୪ ଜୁଲାଇ ପରଠୁ ରାଜ୍ୟ ସରକାର ୫୫ ନୂଆ ହୋଟେଲ ଏବଂ ରିସର୍ଟ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏସବୁ ପ୍ରକଳ୍ପରେ ୩୨୧୧ କୋଟି ଟଙ୍କାର ନିବେଶ ହେଉଛି। ଏହା ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ଚାହିଦା ପୂରଣରେ ସହାୟକ ହେବ। ନିବେଶକ ବିଳାସପୂର୍ଣ୍ଣ ପଞ୍ଚତାରକା ହୋଟେଲ ଏବଂ ଇକୋରିସର୍ଟ ସ୍ଥାପନ କରୁଛନ୍ତି। ଭୁବନେଶ୍ୱର ନିବେଶର ହଟ୍‌ସ୍ପଟ୍ ଥିବାବେଳେ ରାଜ୍ୟର ଅନ୍ୟ ସ୍ଥାନଗୁଡ଼ିକରେ ନିବେଶକୁ ମଧ ପ୍ରାଥମିକତା ମିଳିଛି। ରାଡିସନ ହୋଟେଲ ଗଞ୍ଜାମ ଏବଂ ପୁରୀରେ ନିବେଶ କରୁଛି। ସେହିଭଳି ଜାତୀୟ ସ୍ତରର ବ୍ରାଣ୍ଡ୍ ହାୟାତ, ଆଇଟିସି ହୋଟେଲ ଓ ଅଲ୍ ଆକର ଭୁବନେଶ୍ୱର, ମ୍ୟାରିୟଟ ବନଭଏ ପୁରୀ ଏବଂ ଚିଲିକାର ସୁମୋଲୋ ଦ୍ୱୀପରେ ନିବେଶ ହେବାକୁ ଯାଉଛି। ୱାର୍ଲଡ ଅଫ୍ ହାୟାତ ସହ ଆଶୀର୍ବାଦ ଇଞ୍ଜିନିୟରିଂ ୧୩୯ କୋଟିରେ ଭୁବନେଶ୍ୱରରେ ପଞ୍ଚ ତାରକା ହୋଟେଲ କରୁଛି। ଏଭଳି ସୁବିଧା ଲାଗି ରାଜ୍ୟରେ ଆଇଟିସି ହୋଟେଲ ୧୧୯ କୋଟି ନିବେଶ କରିବ। ୫୫ ହୋଟେଲ କାର୍ଯ୍ୟକ୍ଷମ ହେଲେ ୩୮୦୦ ନୂଆ ହୋଟେଲ ରୁମ୍ ଯୋଡିହେବ। ୩ ତାରକା ବଜେଟ୍ ହୋଟେଲଠାରୁ ଆରମ୍ଭ କରି ୧୧୦ କୋଟି ବିନିଯୋଗରେ ସୋମୁଲୋରେ ଆଇଟିସି ସହଯୋଗରେ ବିଳାସପୂର୍ଣ୍ଣ ରିସର୍ଟ ଆସିବାକୁ ଯାଉଛି। ୨୦୨୦ରେ ରାଜ୍ୟକୁ ୧୦ ହଜାର ବିଦେଶୀ ପର୍ଯ୍ୟଟକ ଆସିଥିଲେ। ୨୦୨୪-୨୫ରେ ଏହା ୫୩ ହଜାରକୁ ବୃଦ୍ଧି ପାଇଛି। ସମାନ ଅବଧିରେ ରାଜ୍ୟକୁ ଦେଶର ୧୧ ନିୟୁତ ପର୍ଯ୍ୟଟକ ଆସିଛନ୍ତି। ଏବେ ରାଜ୍ୟରେ ପର୍ଯ୍ୟଟକଙ୍କ ଲାଗି ୪୮ ହଜାର ହୋଟେଲ ରୁମ୍ ରହିଛି। ଏବେ ପର୍ଯ୍ୟଟକ କେବଳ ପୁରୀ, ଭୁବନେଶ୍ୱର କିମ୍ବା କଟକ ଭଳି ସ୍ଥାନରେ ବୁଲିବା ପରିବର୍ତ୍ତେ ପ୍ରାକୃତିକସ୍ଥଳ ଗୁଡ଼ିକୁ ବାଛୁଛନ୍ତି। ଓଡ଼ିଶାର ଅପରୂପ ପ୍ରାକୃତିକ ଶୋଭାରାଜି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସୁଉଚ୍ଚ ପର୍ବତମାଳା, ଅଭୟାରଣ୍ୟ, ନଦୀ, ହ୍ରଦ, ସୁଦୀର୍ଘ ବେଳାଭୂମି, ଜଳପ୍ରପାତଠାରୁ ଆରମ୍ଭ କରି ଐତିହ୍ୟ ଏବଂ ସଂସ୍କୃତି ପର୍ଯ୍ୟଟକଙ୍କୁ ବାନ୍ଧି ରଖିଥାଏ।

# ୪୮ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ ଓ ଏସ୍‌ପି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଭଟଳି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହନ୍ତ ଏବଂ ବ୍ଲକ ଅଧକ୍ଷ ନିତ୍ୟାନନ୍ଦ ପଧାନ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟ କି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୪୮ ଗୋଟି ଅଭିଯୋଗ ମଧ୍ୟରୁ ୩୦ ଗୋଟି ବ୍ୟକ୍ତିଗତ, ୧୮ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଓଏସ୍‌ଡବ୍ଲ୍ୟୁଏଏସରେ ଭଦ୍ରକ ଜିଲ୍ଲା ଅଷ୍ଟମ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚତୁର୍ଥ ସ୍ଥାନରେ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଭଦ୍ରକ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓସୱାସ୍ (ଓଏସ୍‌ଡବ୍ଲ୍ୟୁଏଏସ) (ଓଡ଼ିଶା କାର୍ଯ୍ୟପ୍ରବାହ ସ୍ୱୟଂକ୍ରିୟକରଣ ବ୍ୟବସ୍ଥା), କାର୍ଯ୍ୟକାରିତା ସମ୍ପର୍କିତ ଏକ ସମୀକ୍ଷା ବୈଠକ ଓସୱାନ୍ ଭିସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସତ୍ୟରଞ୍ଜନ ସାହୁ, ଡୋମେନ ଉପଦେଷ୍ଟା, ଓସୱାସ୍ ପି.ଏମ୍.ୟୁ., ଓକାକ ଓ ଟିମ୍ ଓସୱାସ୍ ପି.ଏମ୍.ୟୁ. ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ବ୍ଲକସ୍ତର ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟାଳୟରେ ଓସୱାସ୍ କାର୍ଯ୍ୟକାରିତାର ସମୀକ୍ଷା ସମ୍ପର୍କିତ ପିପିଟି ଉପସ୍ଥାପନ କରାଯାଇଥିଲା। ଓସୱାସ୍ କାର୍ଯ୍ୟକାରିତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାଜ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରିଥିବାବେଳେ, ଭଦ୍ରକ ଜିଲ୍ଲା ଅଷ୍ଟମ ସ୍ଥାନରେ ସ୍ଥାନିତ ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଜିଲ୍ଲା ଓସୱାନ୍ ଭିସିରେ ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ବ୍ଲକ୍ ଓସୱାନ୍ ଭିସିରେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଆସନ୍ତା ୧୫ ଦିନ ମଧ୍ୟରେ ଓସୱାସ୍‌ରେ ନିଜନିଜ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବରୀରେ ୯୩ ଅଭିଯୋଗ ପଞ୍ଜୀକୃତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୯୩ଟି ଅଭିଯୋଗ ପଞ୍ଜୀକୃତ ହୋଇ ଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୪ ଗୋଟି ରେଡ୍ କ୍ରସ୍ ପାଣ୍ଠିରୁ ୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୮ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ପ୍ରଶାନ୍ତ କୁମାର ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବରୀ ଅସିତ୍ କୁମାର ମହାନ୍ତି, ତହସିଲଦାର, ବରୀ, ଦୀପ୍ତିମୟୀ ବେହେରା ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନ ସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ବିନିକାରେ ଯୁଗ୍ମ ଅଭିଯୋଗ ଶୁଣାଣି ୧୪୪ ମାମଲା ପଞ୍ଜିକୃତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ବାଙ୍କିଘିର୍ଡି ଗ୍ରାମ କାର୍ଯ୍ୟାଳୟ ସ୍ଥିତ ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, କେ.କେ ହରିପ୍ରସାଦ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୪୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୩୩ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୧ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିନିକା, ଶରତ କୁମାର ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଅଞ୍ଜଳିନା ପ୍ରଧାନ, ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ, ସୋନପୁର, ଡ. ସୌମ୍ୟରୂପା ରଥ, ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ତହସିଲଦାର, ସୁଶ୍ରୀ ରସନା ଭୋଇ, ଉପାଧକ୍ଷ, ବିନିକା ପଞ୍ଚାୟତ ସମିତି, ସରପଞ୍ଚ, ବାଙ୍କିଘିର୍ଡି ଗ୍ରାମ ପଞ୍ଚାୟତ ସଂଗୀତା ବେହେରା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ସାମ୍ବାଦିକମାନେ ଯୋଗଦାନ କରିଥିଲେ।

# ଫେବୃୟାରୀ ମାସ ସାରା ଚାଲିବ କୃମିନାଶ ଓ ଭିଟାମିନ-ଏ ଅଭିଯାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଶିଶୁ ପୁଷ୍ଟିସାରକୁ ସୁଦୃଢ଼ କରିବା, ରକ୍ତହୀନତା ନିରାକରଣ କରିବା ଏବଂ ଅନ୍ତନଳୀର କୃମି ସଂକ୍ରମଣକୁ ରୋକିବା ପାଇଁ ଫେବୃୟାରୀ ୧୦ରେ କୃମିନାଶକ ଦିବସ ପାଳନ କରାଯାଇଥିଲା। ଏହା ସହିତ ଫେବୃୟାରୀ ମାସ ସାରା ରାଜ୍ୟରେ ଭିଟାମିନ୍ ଏ ସପ୍ଲିମେଣ୍ଟେସନ୍ (ଭିଏଏସ) କାର୍ଯ୍ୟକ୍ରମ ଚାଲିବ ଓ ସେହିପରି ଲିମ୍ଫାଟିକ ଫାଇଲେରିଆସିସ୍- ସମୂହ ଔଷଧ ସେବନ (ଏଲ୍‌ଏଫ୍ -ଏମଡିଏ) କାର୍ଯ୍ୟକ୍ରମ କିଛି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ ବୋଲି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଅବସରରେ ପରିବାର କଲ୍ୟାଣ ବିଭାଗ ଡାଇରେକ୍ଟର ଡା. ଶକ୍ତି ପ୍ରସାଦ ମିଶ୍ର କହିଥିଲେ ଜାତୀୟ କୃମି ନାସ ଦିବସ ଏକ ମୁଖ୍ୟ ଜନସ୍ୱାସ୍ଥ୍ୟ ପଦକ୍ଷେପ। ଯାହା ଶିଶୁଙ୍କୁ ପରଜୀବୀ ସଂକ୍ରମଣରୁ ସୁରକ୍ଷା ଦେବା ସହିତ ମହିଳାମାନଙ୍କ ମଧ୍ୟରେ ରକ୍ତହୀନତା ଦୂର କରିବାରେ ସାହାଯ୍ୟ କରିଥାଏ। ନିୟମିତ ଭାବରେ କୃମିନାଶ ପଦକ୍ଷେପ ଉତ୍ତମ ପୁଷ୍ଟି ସାଧନ, ସ୍ୱାସ୍ଥ୍ୟକର ଅଭିବୃଦ୍ଧି ସମର୍ଥନ କରିଥାଏ। ଯାହା ସେମାନଙ୍କର ଦୀର୍ଘସୂତ୍ରୀ ବିକାଶ କ୍ଷେତ୍ରରେ ସହାୟକ ହୁଏ।

୩୦ ଜିଲ୍ଲାରେ ୧ ରୁ ୧୯ବର୍ଷ ବୟସର ୧.୫୯ କୋଟିରୁ ଅଧିକ ପିଲା ଏବଂ ଗର୍ଭଧାରଣ ବୟସ (୨୦ ରୁ ୨୪ ବର୍ଷ) ର ୧୯ ଲକ୍ଷରୁ ଅଧିକ ମହିଳାଙ୍କୁ ଆଲବେଣ୍ଡାଯୋଲ ସେବନ କରିବାକୁ ଦିଆଯିବ। ଦ୍ୱିବାର୍ଷିକ ଭିଟାମିନ-ଏ-ସପ୍ଲିମେଣ୍ଟ (ଭିଏଏସ) କାର୍ଯ୍ୟକ୍ରମ ୯ରୁ ୬୦ ମାସ ବୟସର ୩୨ ଲକ୍ଷ ଶିଶୁଙ୍କୁ ପରିସର ଭୁକ୍ତ କରାଯିବ। ଯାହା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ସହିତ ଶିଶୁ ମୃତ୍ୟୁହାର ଓ ରୋଗାକ୍ରାନ୍ତ ହାର ହ୍ରାସ କରିବ।

ୟୁନିସେଫ ନ୍ୟୁଟ୍ରିସନ୍ ସ୍ପେଶାଲିଷ୍ଟ ସୌରଭ ଭଟ୍ଟାଚାର୍ଜି କହିଥିଲେ ଯେ କୃମିନାଶକ ଡୋଜ୍ ସହିତ ଭିଟାମିନ୍ ଏ ସପ୍ଲିମେଣ୍ଟେସନ୍ ବ୍ୟବସ୍ଥା କରିବା ଦ୍ୱାରା ପରିବାର ଗୁଡ଼ିକ ଗୋଟିଏ ପ୍ଲାଟଫର୍ମ ମାଧ୍ୟମରେ ବହୁବିଧ ଜରୁରୀ ସ୍ୱାସ୍ଥ୍ୟ ସେବା ପାଇପାରିବେ। ଏହି ସମନ୍ୱିତ ପଦ୍ଧତି ଶିଶୁଙ୍କ ପୋଷଣକୁ ସୁଦୃଢ଼ କରେ, ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ ଏବଂ ସୁସ୍ଥ ଅଭିବୃଦ୍ଧି ତଥା ଶିକ୍ଷା ଆହରଣ ନିମନ୍ତେ ଏକ ମଜଭୁତ ମୂଳଦୁଆ ପକାଇଥାଏ।

ଲିମ୍ଫାଟିକ ଫସିଲେରିଆସିସ – ସମୂହ ଔଷଧ ସେବନ (ଏଲ୍‌ଏଫ୍ - ଏମ୍ ଡି ଏ) ବରଗଡ଼, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ ଓ ଯାଜପୁର ଆଦି ପାଞ୍ଚଟି ଜିଲ୍ଲାର ସାତଟି ରୁପାୟନକାରି ୟୁନିଟରେ କାର୍ଯ୍ୟକାରୀ କରାଯିବ। ଏହି ଜିଲ୍ଲା ଗୁଡିକରେ ୧– ୨ ବର୍ଷବୟସର ପିଲାମାନଙ୍କୁ ମଧ କୃମିନାଶକ ଔଷଧ ଦିଆଯିବ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମନ୍ୱୟରେ କାର୍ଯ୍ୟକାରୀ ହେଉଥିବା ଏହି ପଦକ୍ଷେପରେ ସରକାରୀ, ସରକାରୀ ସହାୟତା ପ୍ରାପ୍ତ ଏବଂ ବେସରକାରୀ ସ୍କୁଲ ସମୂହ ତଥା ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକ ସଂପୃକ୍ତ ହେବେ। ଶିକ୍ଷକ, ଏ ଏନ୍‌ଏମ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ ଏବଂ ଆଶାକର୍ମୀଙ୍କ ସମେତ ଦୁଇଲକ୍ଷରୁ ଅଧିକ ଲୋକଶକ୍ତି ଔଷଧ ସେବନ କରାଇବା କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ। ଏହି ଅଭିଯାନକୁ ୟୁନିସେଫ୍ ସମର୍ଥନ ଯୋଗାଇଦେଉଛି। ଏହି ସାମ୍ବାଦିକ ସମ୍ମିଳନୀରେ ଡା ଆଦିତ୍ୟ ମହାପାତ୍ର, ଆଡ଼ିସନାଲ ଡାଇରେକ୍ଟର ଶିଶୁ ସ୍ୱାସ୍ଥ୍ୟ , ଡ଼ା. ସ୍ମୃତିଜିତ ପଟ୍ଟନାୟକ, ଜଏଣ୍ଟ ଡାଇରେକ୍ଟର- ନ୍ୟୁଟ୍ରିସନ ଏବଂ ଡା. ସଞ୍ଜୟ କୁମାର ସାହୁ, ନ୍ୟୁଟ୍ରିସନ ଅଫିସର, ୟୁନିସେଫ ଉପସ୍ଥିତ ଥିଲେ।

# ମହାମୁକାବିଲା ପୂର୍ବରୁ ଭାରତକୁ ଖୋଲା ଚ୍ୟାଲେଞ୍ଜ୍ ଦେଲେ ପାକିସ୍ତାନ ଅଧିନାୟକ



**କଲମ୍ବୋ**

ଭାରତ-ପାକିସ୍ତାନ ମହାମୁକାବିଲା ପୂର୍ବରୁ ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଗା ଟିମ୍ ଇଣ୍ଡିଆକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି । ଟି୨୦ ବିଶ୍ୱକପରେ ସମସ୍ତେ ଏହି ମ୍ୟାଚ୍‌କୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଟିମ ଇଣ୍ଡିଆ କଲମ୍ବୋରେ ପହଞ୍ଚିଛି । ମ୍ୟାଚ୍ ପୂର୍ବରୁ ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ସଲମାନ ଭାରତ ପାଇଁ ଅଭିଷେକ ଶର୍ମା ଖେଳିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ।

ଆମେରିକା ବିପକ୍ଷ ମ୍ୟାଚ୍ ପୂର୍ବରୁ ଅଭିଷେକ ଶର୍ମାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା, କିନ୍ତୁ ସେ ସେହି ମ୍ୟାଚ୍ ଖେଳିଥିଲେ । ଏହା ପରେ ଅଭିଷେକଙ୍କୁ ଦିଲ୍ଲୀରେ ଦୁଇ ଦିନ ପାଇଁ ହସ୍ପିଟାଲରେ ରଖାଯାଇଥିଲା, ଯଦିଓ ସେ ନାମିବିଆ ବିପକ୍ଷ ମ୍ୟାଚ୍ ପୂର୍ବରୁ ଦଳରେ ପୁନର୍ବାର ଯୋଗ ଦେଇଥିଲେ । ଅଭିଷେକ ପାକିସ୍ତାନ ବିପକ୍ଷରେ ଖେଳିବେ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଗା ଏକ ଚ୍ୟାଲେଞ୍ଜିଂ ସ୍ୱରରେ କହିଛନ୍ତି, ଆମେ ଅଭିଷେକଙ୍କୁ ଖେଳୁଥିବା ଦେଖିବାକୁ ଚାହୁଁ । କାରଣ ଆମେ ଭାରତର ସର୍ବଶ୍ରେଷ୍ଠ ଦଳକୁ ସାମ୍ନା କରିବାକୁ ପ୍ରସ୍ତୁତ । ମୁଁ ଆଶା କରୁଛି ଅଭିଷେକ ଶର୍ମା ସୁସ୍ଥ ହୋଇଯିବେ ।

ଭାରତ-ପାକିସ୍ତାନ ମ୍ୟାଚ ଫେବୃୟାରୀ ୧୫, ସନ୍ଧ୍ୟା ୭ଟାରୁ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ଖେଳାଯିବ । ଭାରତ ଏବଂ ପାକିସ୍ତାନ ପୂର୍ବରୁ ପ୍ରେମଦାସା ଷ୍ଟାଡିୟମରେ ଥରେ ପରସ୍ପରର ମୁହାଁମୁହିଁ ହୋଇଛନ୍ତି । ଏହି ମ୍ୟାଚ୍‌ରେ ଟିମ ଇଣ୍ଡିଆ ପାକିସ୍ତାନକୁ ୮ ଉଇକେଟରେ ପରାସ୍ତ କରିଥିଲା ।

# ରାହୁଲ ଦ୍ରାବିଡ- ଅନିଲ କୁମ୍ବଲେଙ୍କୁ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମିଳିଲା ବିଶେଷ ସମ୍ମାନ

**ନୂଆଦିଲ୍ଲୀ**

ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦୁଇ ପୂର୍ବତନ ଭାରତୀୟ ମହାନ ଖେଳାଳି ରାହୁଲ ଦ୍ରାବିଡ ଏବଂ ଅନିଲ କୁମ୍ବଲେଙ୍କୁ ବିଶେଷ ସମ୍ମାନ ମିଳିଛି । ଭେଙ୍କଟେଶ ପ୍ରସାଦଙ୍କ ନେତୃତ୍ୱରେ କର୍ଣ୍ଣାଟକ କ୍ରିକେଟ ଆସୋସିଏସନ ଏହି ଦୁଇ ଭାରତୀୟ ଖେଳାଳିଙ୍କ ନାମରେ ଦୁଇଟି ଷ୍ଟାଣ୍ଡ ନାମିତ କରିଛି । ପୂର୍ବରୁ ଷ୍ଟାଡିୟମରେ ଅନେକ ଖେଳାଳିଙ୍କ ନାମରେ ଏକ ଷ୍ଟାଣ୍ଡ ନାମିତ କରାଯାଇଛି, ଯାହା ଭାରତୀୟ କ୍ରିକେଟରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରତିଫଳିତ କରେ ।



କେବଳ କୁମ୍ବଲେ ଏବଂ ରାହୁଲ ନୁହେଁ, ବରଂ ଭାରତୀୟ ମହିଳା କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଶାନ୍ତା ରଙ୍ଗାସ୍ୱାମୀଙ୍କ ନାମରେ ମଧ ଏକ ଷ୍ଟାଣ୍ଡ ନାମିତ ହେବ । ମହିଳା କ୍ରିକେଟରେ ତାଙ୍କର ଅମୂଲ୍ୟ ଅବଦାନ ଯୋଗୁ, କେଏସସିଏ ରଙ୍ଗାସ୍ୱାମୀଙ୍କ ନାମରେ ଏକ ଷ୍ଟାଣ୍ଡ ନାମିତ କରିବାକୁ ନିଷ୍ପତ୍ତି ନେଇଛି । ଷ୍ଟାଡିୟମରେ ଥିବା ଷ୍ଟାଣ୍ଡର ନାମକରଣ ଉପରେ କୁମ୍ବଲେ ମଧ ନିଜର ଖୁସି ପ୍ରକାଶ କରିଛନ୍ତି ।

କୁମ୍ବଲେ ଟେଷ୍ଟ ଏବଂ ଏକଦିବସୀୟ କ୍ରିକେଟ ଇତିହାସରେ ଭାରତର ପ୍ରମୁଖ ୱିକେଟ ନେବାରେ ସଫଳ ହୋଇଛନ୍ତି । ସେ ଟିମ୍ ଇଣ୍ଡିଆ ପାଇଁ ମୋଟ ୪୦୧ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୯୫୬ଟି ୱିକେଟ ନେଇଛନ୍ତି । ଦ୍ରାବିଡ ସଚିନ ତେନ୍ଦୁଲକରଙ୍କ ପରେ ଟେଷ୍ଟ କ୍ରିକେଟରେ ଭାରତ ପାଇଁ ଦ୍ୱିତୀୟ ସର୍ବାଧିକ ରନ ସ୍କୋରର ମଧ୍ୟ । ଦ୍ରାବିଡ ତାଙ୍କ କ୍ୟାରିୟରରେ ଭାରତ ପାଇଁ ମୋଟ ୫୦୪ଟି ମ୍ୟାଚ ଖେଳିଥିଲେ, ୪୮ଟି ଶତକ ସହିତ ୨୪,୦୬୪ ରନ କରିଥିଲେ ।

ଚିନ୍ନାସ୍ୱାମୀ ନାମରେ ନାମିତ ଷ୍ଟାଣ୍ଡ ନିର୍ମାଣ ପରେ କୁମ୍ବଲେ କହିଥିଲେ, "ମୁଁ ଭାବୁଛି ଏହା କହିବା ଭୁଲ ହେବ ନାହିଁ ଯେ ଆମେ ସମସ୍ତେ କର୍ଣ୍ଣାଟକ କ୍ରିକେଟକୁ ଏକ ଉଚ୍ଚତାରେ ପହଞ୍ଚାଇଛୁ । ଯେପରି କର୍ଣ୍ଣାଟକ କ୍ରିକେଟ ଆମ ସମସ୍ତଙ୍କୁ କରିଛି । କାହାର ନାମରେ ଷ୍ଟାଣ୍ଡ ନାମିତ ହୋଇଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସମସ୍ତଙ୍କ ଅବଦାନକୁ ସ୍ୱୀକୃତି ଦିଆଯାଇଛି । ଏହା ସହିତ, ସମସ୍ତଙ୍କ ନାମ ଏବେ ଷ୍ଟାଡିୟମରେ ଲେଖାଯାଇଛି ।'

ପୂର୍ବତନ ଭାରତୀୟ ଅଧିନାୟକ ଏବଂ ସ୍ୱର୍ଗତ ଶାନ୍ତା ରଙ୍ଗାସ୍ୱାମୀଙ୍କୁ ମହିଳା କ୍ରିକେଟରେ ତାଙ୍କ ଅବଦାନ ପାଇଁ ସ୍ୱୀକୃତି ମିଳିଛି । ତାଙ୍କ ନାମରେ ଏକ ଷ୍ଟାଣ୍ଡ ମଧ ନିର୍ମାଣ କରାଯିବ । ଏହା ଉପରେ ପ୍ରତିକ୍ରିୟା ଦେଇ କୁମ୍ବଲେ କହିଛନ୍ତି, "ମୁଁ ସବୁଠାରୁ ଖୁସି ଯେ ମୋର ଏବଂ ଦ୍ରାବିଡଙ୍କ ସହିତ ଶାନ୍ତା ରଙ୍ଗାସ୍ୱାମୀଙ୍କୁ ମଧ ସମ୍ମାନିତ କରାଯାଇଛି ।"

# ଟି-୨୦ ବିଶ୍ୱକପ୍ : ଓମାନକୁ ୯୬ ରନରେ ହରାଇଲା ଆୟର୍ଲାଣ୍ଡ

**କଲମ୍ବୋ**

କଲମ୍ବୋର ସିଂହଳିଜ୍ ସ୍ପୋର୍ଟ୍ସ କ୍ଲବରେ ଶନିବାର ଖେଳାଯାଇଥିବା ଗ୍ରୁପ 'ବି'ର ଏକ ମ୍ୟାଚ୍‌ରେ ଓମାନକୁ ୯୬ ରନ ବ୍ୟବଧାନରେ ପରାସ୍ତ କରିଛି ଆୟର୍ଲାଣ୍ଡ । ତିନିଟି ମ୍ୟାଚ୍ ଖେଳିସାରିଥିବା ଆୟର୍ଲାଣ୍ଡ ପାଇଁ ଏହା ପ୍ରଥମ ବିଜୟ ଏବଂ ଏହି ବିଜୟ ସହ ଦଳ ପଏଣ୍ଟ ଟେବୁଲରେ ଖାତା ଖୋଲିଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ୫ ୱିକେଟ୍ ହରାଇ ୨୩୫ ରନର ଏକ ବଡ଼ ସ୍କୋର ଛିଡ଼ା କରିଥିଲା । ଦଳ ପକ୍ଷରୁ ଅଧିନାୟକ ଲୋର୍କାନ୍ ଟକର ମାତ୍ର ୫୧ ବଲ୍‌ରୁ ଅପରାଜିତ ୯୪ ରନ୍‌ର



ଏକ ବିସ୍ଫୋରକ ପାଳି ଖେଳିଥିବା ବେଳେ ଗ୍ୟାରେଥ୍ ଡେଲାନି ୩୦ ବଲ୍‌ରେ ୫୬ ରନ୍‌ର ଏକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ।

ଓମାନ ପକ୍ଷରୁ ସକିଲ ଅହମ୍ମଦ ୩୩ ରନ ବିନିମୟରେ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ଶେଷ ଓଭରଗୁଡ଼ିକରେ କର୍ଟିସ କାମ୍ଫର ମାତ୍ର ୯ଟି ବଲ୍‌ରେ ୩୫ ରନ୍‌ର ଏକ ବିସ୍ଫୋରକ ପାଳି ମାଧ୍ୟମରେ ସ୍କୋର ୨୩୫ରେ ପହଞ୍ଚାଇଥିଲେ । ଓମାନ ପକ୍ଷରୁ ସକିଲ ଅହମ୍ମଦ ୩୩ ରନ ବିନିମୟରେ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ୨୩୬ ରନ୍ ଲକ୍ଷ୍ୟର ପିଛା କରିବାକୁ ଯାଇ ଓମାନ ୧୮ ଓଭରରେ ୧୩୯ କରି ଅଲଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଅମୀର କଲିମ୍ ୫୦ (୨୯ବଲ୍) କରିଥିବାବେଳେ ହମ୍ମାଦ୍ ମିର୍ଜା ୪୬ ରନର ଯୋଗଦାନ ଦେଇଥିଲେ । କିନ୍ତୁ ଦଳର ଅନ୍ୟ ବ୍ୟାଟରମାନେ ବିଫଳ ହୋଇଥିଲେ । ଆୟର୍ଲାଣ୍ଡ ପକ୍ଷରୁ ଜୋସୁଆ ଲିଟଲ୍ ୧୬ ରନ ବିନିମୟରେ ୩ଟି ୱିକେଟ୍ ଅକ୍ତିଆର କରିଥିବାବେଳେ ମ୍ୟାଥ୍ୟୁ ହୋମ୍ଫ୍ରେ ୨ଟି ଏବଂ ବେରୀ ମ୍ୟାକ୍‌କାର୍ଥୀ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ଲୋର୍କାନ୍ ଟକରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା ।

# ୧୬ରୁ ସର୍ବଭାରତୀୟ ରାମଧୁନ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୧୬ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗାନ୍ଧୀ ପଡ଼ିଆ ଠାରେ ସର୍ବଭାରତୀୟ ସ୍ତରରେ ୧୭ତମ ରାମଧୁନ କପ୍ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ । ପ୍ରଥମଥର ପାଇଁ ଚଳିତ ବର୍ଷ ସୁଦୂର ନାଇଜେରିଆ ଓ ନେପାଳ ଭଳି ଦେଶର ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଉଥିବା ଯୋଗୁଁ ଉଭୟ ଖେଳାଳି ଓ ଦର୍ଶକ ମହଲରେ ବେଶ୍ ଉତ୍ସୁକତା ପ୍ରକାଶ ପାଇଛି । ନକ୍ ଆଉଟ୍ ପର୍ଯ୍ୟାୟରେ ଅନୁଷ୍ଠିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ କଲିକତା ଓ କନ୍ଧମାଳ ମଧ୍ୟରେ ଖେଳାଯିବାକୁ ଥିବାବେଳେ ଦ୍ୱିତୀୟ ମ୍ୟାଚ୍ ବରଗଡ଼ ଓ ମଙ୍ଗଳା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ । ଉଭୟ ଦିନର ବିଜୟୀ ଦଳ ପ୍ରଥମ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହେବେ । ସେହିପରି ପୁଲ ବି'ରେ (କଲିକତା) ନାଇଜେରିଆ ଓ ଜଗା ଇଲେଭେନ୍ ଭୁବନେଶ୍ୱର ମଧ୍ୟରେ ଓ ପରବର୍ତ୍ତୀ ଦିନରେ ଆୟୋଜକ ରାମଧୁନ କ୍ଲବ ସୁବର୍ଣ୍ଣପୁର ଓ ଜେବିଏମ୍ ୟୁନାଇଟେଡ ଏଫ୍‌ସି ନେପାଳ ମଧ୍ୟରେ ଅନୁଷ୍ଠିତ ହୋଇ ଉଭୟ ଦିନର ବିଜୟୀ ଦଳ ସେମିଫାଇନାଲ ମ୍ୟାଚ୍ ଖେଳିବେ । ଏହି ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ଖେଳ ୨୨ ତାରିଖରେ ଖେଳାଯିବା ନେଇ ସ୍ଥାନୀୟ ଗାନ୍ଧୀ ପଡ଼ିଆ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଆୟୋଜକ ମଣ୍ଡଳୀ । ପ୍ରଥମଥର ପାଇଁ ରାମଧୁନ କ୍ଲବ ଓ ଜିଲ୍ଲା କ୍ରୀଡ଼ାସଂଘ ମିଳିତ ଭାବରେ ଏହି ରାମଧୁନ କପ୍ ୨୦୨୬ ଆୟୋଜକ ରହିଥିବା ହେତୁ ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟଟି ଚିତ୍ତାକର୍ଷକ ରହିଥିବା ଜଣାପଡ଼ିଛି । ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ସଂଘ ଉପଦେଷ୍ଟା କଇଲୁ ସ୍ୱାଇଁ, ରାମଧୁନ କ୍ଲବ୍ ଉପଦେଷ୍ଟା ଶ୍ରୀଦର ମଲ୍ଲିକ, କ୍ରୀଡ଼ା ସଂଘ ଉପ ସଭାପତି ଚିତ୍ତ ରଞ୍ଜନ ତରାସିଆ, ସତ୍ୟ ନାରାୟଣ ରାଓ, ସଂପାଦକ ପୀୟୂଷ କୁମାର ପଣ୍ଡା, ସଦସ୍ୟ ଗଣେଶ ମେହେର, କ୍ରୀଡ଼ା ସଂଘ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ସାହୁ, ରବି ଦେହୁରୀ, କମଳା ସାହୁ, ବୁବୁନ ନାଏକ, ଫୁଟବଲ ସଂପାଦକ ରାଜୀବ ସାହୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ସମସ୍ତଙ୍କ ଉଦ୍ୟମରେ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟଟି ସଫଳ କରି ପାରିବା ବୋଲି କହି ଏ ସୁନ୍ଦର ପଡ଼ିଆ ପାଇଁ ସମସ୍ତ କ୍ରୀଡ଼ା ଅନୁଷ୍ଠାନ ଓ ସହରବାସୀ ଯତ୍ନବାନ ହେବାକୁ ଅନୁରୋଧ କରିଥିଲେ ।

# ଯାତନାକୁ ହରାଇ ଜିତିଲେ ଯତୀନ : ହ୍ୱିଲଚେୟାରରେ ବସି ପାୱାରଲିଫ୍ଟିଙ୍ଗ, ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରୌପ୍ୟ ପଦକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପିଲାଟି ବେଳୁ ଇଚ୍ଛା ଥିଲା, ଭଲ କ୍ରୀଡ଼ାବିତ୍ ହେବେ । ସୁନ୍ଦର ଶରୀର ଥିବାରୁ ପାୱାରଲିଫ୍ଟିଂରେ ରୁଚି ରଖିଥିଲେ । ବଡିବିଲ୍ଡିଂ ବି କରୁଥିଲେ । ସେଇଥିରେ ଚାକିରି କରି ପରିବାର ବି ପୋଷୁଥିଲେ । ହେଲେ ଗୋଟିଏ ଦୁର୍ଘଟଣା ବଦଳାଇଲା ଜୀବନ । ଅକର୍ମଣ୍ୟ ହୋଇଗଲା ଦୁଇଗୋଡ । ଗୋଟିଏ ଘରେ ବନ୍ଦୀ ହୋଇଗଲେ । ହେଲେ କେତେଦିନ ଯାତନା ପରେ ଯାତନା । ପରିବାର ପ୍ରତିପୋଷଣଠୁ ନେଇ ନିଜର ଖର୍ଚ୍ଚ ପର୍ଯ୍ୟନ୍ତ, ସବୁ ଚିନ୍ତା ତାଙ୍କୁ ଘାରିଥିଲା । ଶେଷରେ ସେ ପଣ କଲେ, ନା ଆଉ ହେବନି । ଅକ୍ଷମତାକୁ ହରାଇବେ । ଯାତନାକୁ ପଛରେ ପକାଇ ଜିତିବେ । କର୍ତ୍ତବ୍ୟ ପଥରେ ଆଗକୁ ବଢ଼ିବେ । ଏବେ ହ୍ୱିଲଚେୟାରରେ ବସି ସେ ପାୱାରଲିଫ୍ଟିଂ ଅଭ୍ୟାସ ଜାରି ରଖିଛନ୍ତି । ପରିବାର ଚଳାଇବା ପାଇଁ ଅନଲାଇନ୍ ଖାଦ୍ୟ ଡେଲିଭରି ବି କରୁଛନ୍ତି । କେମିତି ଜଣେ ଭଲ ପାରାକ୍ରୀଡ଼ାବିତ୍ ହେବେ, ସେହି ଲକ୍ଷ୍ୟରେ ଆଗେଇଚାଲିଛନ୍ତି । ଏଭଳି ଜଣେ ଯୁବକ ହେଲେ ଯତୀନ ଖଟୁଆ । ଯତୀନଙ୍କ ବୟସ ଏବେ ୨୯ । ତେବେ ୧୬ବର୍ଷ ବୟସରୁ ଯତୀନଙ୍କ ଜୀବନ ସଂଘର୍ଷମୟ ହୋଇପଡ଼ିଛି । ସାଲେପୁର ନିବାସୀ କୈଳାସ ଚନ୍ଦ୍ର ଖଟୁଆ ଓ ସକୁନ୍ତଳାଙ୍କ ଏକମାତ୍ର ପୁଅ ଯତୀନ ଡିପ୍ଲୋମା କରି ଯାଜପୁର ଜିଲ୍ଲା ଡୁବୁରୀର ଏକ କମ୍ପାନୀରେ ଚାକିରି କରିଥିଲେ ।

୨୦୧୭ ମସିହାର କଥା । ବାଇକରେ ଭୁବନେଶ୍ୱର ଯାଉଥିବାବେଳେ ଏକ ଭୟଙ୍କର ଦୁର୍ଘଟଣାର ଶିକାର ହୋଇ ଦୁଇଗୋଡ଼ ଅଚଳ ହୋଇଯାଇଥିଲା । ଏହାପରେ ତାଙ୍କ ଜୀବନରେ କଳାବାଦଲ ଘୋଟି ଆସିଥିଲା । ତଥାପି ଯତୀନ ମନରେ ଆତ୍ମବିଶ୍ୱାସ ନେଇ ଆଗକୁ



ବଢ଼ିଥିଲେ । କରୋନା ପରେ ପରେ ସେ ପୁଣି ଭୁବନେଶ୍ୱର ଆସିଥିଲେ । ତମାଣ୍ଡୋରେ ଏକ ଘର ଭଡା ନେଇ ରହି ଏକ ଅନଲାଇନ୍ ଖାଦ୍ୟ ଡେଲିଭରି ସଂସ୍ଥାରେ ଚାକିରି କରିଥିଲେ । ସେଥିରୁ ଯାହା ଆୟ ହୁଏ, ଘର ଚଳାଇବା ସହ ବଡିବିଲ୍ଡିଂ କରୁଥିଲେ ଯତୀନ । ଗତବର୍ଷ ଯତୀନ ଉତ୍କଳ କରାଟେ ସ୍କୁଲରେ ପାୱାରଲିଫ୍ଟିଂ ଶିଖିଥିଲେ । ଏଥିପାଇଁ ବିଶିଷ୍ଟ କରାଟେ ଗୁରୁ ହରି ସାର୍ ତାଙ୍କୁ ବହୁ ସାହାଯ୍ୟ କରୁଛନ୍ତି । ଚଳିତମାସ ୬ରୁ ୮ ତାରିଖ ମଧ୍ୟରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଓଡ଼ିଶା ଷ୍ଟେଟ୍ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଡିସକସ୍ ଖେଳରେ ଯତୀନ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି । ତେବେ ଗତବର୍ଷ ଏକ ସଡକ ଦୁର୍ଘଟଣାରେ ଯତୀନଙ୍କ ବାପା କୈଳାସଙ୍କ ମଧ ଗୋଡ଼ ଅଚଳ ହୋଇଯାଇଛି । ତେଣୁ ଘରର ସବୁ ଦାୟିତ୍ୱ ଏବେ ଯତୀନଙ୍କ ଉପରେ । ତେଣୁ ସରକାରୀ ଚାକିରି ପାଇଁ ଯତୀନ ପୁଣିଥରେ ଯୁକ୍ତ-୩ ପାଠ ପଢ଼ିବା ସହ ଜାତୀୟସ୍ତରୀୟ ପାରା ଅଲମ୍ପିକ୍ସ ପାଇଁ ପ୍ରସ୍ତୁତି କରୁଛନ୍ତି ବୋଲି କହିଛନ୍ତି ।

# ହକି ପ୍ରୋ ଲିଗ୍ : ଆର୍ଜେଣ୍ଟିନାକୁ ହରାଇ ବେଲଜିୟମର ହ୍ୟାଟ୍ରିକ୍ ବିଜୟ

**ରାଉରକେଲା**

ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍ ବେଲଜିୟମ କ୍ରମାନ୍ୱୟରେ ତୃତୀୟ ବିଜୟ ହାସଲ କରିଛି । ଆର୍ଜେଣ୍ଟିନା ବିପକ୍ଷ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଦଳ ୫-୨ ଗୋଲରେ ବିଜୟୀ ହୋଇଥିଲା । ପୂର୍ବରୁ ବେଲଜିୟମ ଆର୍ଜେଣ୍ଟିନାକୁ ୫-୩ ଏବଂ ଭାରତକୁ ୩-୧ ଗୋଲରେ ପରାସ୍ତ କରିଥିଲା । ପ୍ରଥମ କ୍ୱାର୍ଟର ଖେଳ ଗୋଲ ଶୂନ୍ୟ ରହିଥିଲା । ଦ୍ୱିତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନା ପ୍ରଥମ ଗୋଲ୍ ଦେଇଥିଲା । ପ୍ରଥମାର୍ଦ୍ଧ ସୁଦ୍ଧା ଆର୍ଜେଣ୍ଟିନା ଗୋଟିଏ ଗୋଲ୍ ଦେଇ ଅଗ୍ରଣୀ ଲାଭ କରିଥିଲା । ତୃତୀୟ କ୍ୱାର୍ଟରରେ ବେଲଜିୟମ ପ୍ରତ୍ୟାବର୍ତ୍ତନ କରିଥିଲା । ୩୬ ଓ ୩୯ ମିନିଟରେ




୨ଟି ଗୋଲ୍ ଦେଇଥିଲା । ୪୫ ମିନିଟରେ ଆର୍ଜେଣ୍ଟିନା ଦ୍ୱିତୀୟ ଗୋଲ୍ ଦେଇ ମ୍ୟାଚ ବରାବର କରିଥିଲା । କିନ୍ତୁ ଅନ୍ତିମ କ୍ୱାର୍ଟରରେ ବେଲଜିୟମ ୩ଟି ଗୋଲ୍ ଦେଇ ମ୍ୟାଚ୍‌ରେ ଜିତି ନେଇଥିଲା । ଆଲେକଜାଣ୍ଡର ହେନଣ୍ଡ୍ରିକ୍ସ ୪୯ ଓ ୫୪ ମିନିଟରେ ୨ଟି ଏବଂ ରୋମାନ ଦୁଭେକୋଟ ୫୫ ମିନିଟରେ ଗୋଟିଏ ଗୋଲ୍ ସ୍କୋର କରିଥିଲେ । ଆର୍ଜେଣ୍ଟିନା ସମସ୍ତ ବଳ ଲଗାଇ ଦେଇଥିଲେ ବି ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିପାରି ନଥିଲା । ରବିବାର ଆର୍ଜେଣ୍ଟିନା ସହ ଦ୍ୱିତୀୟ ମ୍ୟାଚ୍ ଖେଳିବା ପରେ ଭାରତର ଘରୋଇ ମ୍ୟାଚ୍ ଶେଷ ହେବ ।

# ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କ ସହ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କ ଡାକରା ପାଇ ତାଙ୍କୁ ବିଜେପିର କେନ୍ଦ୍ର କାର୍ଯ୍ୟାଳୟରେ ନୂଆଦିଲ୍ଲୀରେ ସାକ୍ଷାତ କରିଛନ୍ତି । ରାଷ୍ଟ୍ରିୟ ଅଧ୍ୟକ୍ଷ ନିତିନ ଜୀ ଓଡ଼ିଶା ବିଜେପି ସଂଗଠନ, ଆଗାମୀ ଦିନ କାର୍ଯ୍ୟକ୍ରମ ବିଭିନ୍ନ ବିଷୟରେ ସାଂସଦ ଶ୍ରୀ ପୁରୋହିତଙ୍କ ଠାରୁ ପଚାରି ବୁଝିଥିଲେ । ଆଗାମୀ ୨୫ ବର୍ଷ



ପର୍ଯ୍ୟନ୍ତ ଓଡ଼ିଶାରେ ବିଜେପି ସରକାର ଓ ଶାସନ ଯେଭଳି ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଛିଡ଼ା ହେବ ସେ ଦିଗରେ ଓଡ଼ିଶାର ସମସ୍ତ ସାଂସଦ, ବିଧାୟକ, ସରକାର ଓ ସଂଗଠନ ମିଳିତ ଭାବେ ରଣନୀତି ଓ ଯୋଜନା ପ୍ରସ୍ତୁତ କରିବା ଉଚିତ ବୋଲି ରାଷ୍ଟ୍ରୀୟ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ । ଏ ଅବସରରେ ସାଂସଦ ପ୍ରଦୀପ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ନୃସିଂହନାଥ ମନ୍ଦିରର ମହାପ୍ରଭୁଙ୍କ ଏକ ଫଟୋଚିତ୍ର ଉପହାର ଦେଇଥିଲେ । କଂଗ୍ରେସ ଦଳର ସରକାର ସମୟରେ ୧୯୮୩ ମସିହାରେ ଗନ୍ଧମାର୍ଦ୍ଦନ ପର୍ବତରୁ ବକ୍‌ସାଇଟ ଉତ୍ତୋଳନ ପାଇଁ ବାଲକୋକୁ ୪୭ ବର୍ଷର ଖଣି ପଟ୍ଟା ଦିଆଯାଇଥିଲା ଓ ଏକ ଐତିହାସିକ ଜନ ଆନ୍ଦୋଳନ ଯୋଗୁଁ ଗନ୍ଧମାର୍ଦ୍ଦନ ପର୍ବତରେ ସରକାର ଖଣି ଖୋଲିବାର କିଭଳି ବିଫଳ ହେଲେ ସେ ଐତିହାସିକ ଦୃଷ୍ଟି ଭୂମି ଉପରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ସାଂସଦ ଶ୍ରୀ ପୁରୋହିତ ଅବଗତ କରାଇଥିଲେ ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.
13001/257/2526
ପତ୍ର ସଂଖ୍ୟା : ୦୭ ତା.୦୫.୦୨.୨୦୨୬
ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ଘରର ସମ୍ପତ୍ତି ମୂଳ ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ୧.ଚନ୍ଦ୍ରବଦନୀ ବାରିକ, ୨.ଗୀତାଞ୍ଜଳି ବାରିକ, ୩.ଦେବେନ୍ଦ୍ର କୁମାର ବାରିକ, ୪.ବୁନା ବାରିକ, ୫. ସମୀର ବାରିକ ଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ସତ୍ତ୍ୱାଧିକାରୀ ମାନଙ୍କ ମଧ୍ୟରୁ ୪ ନମ୍ବର ଅଂଶିଦାର ବୁନା ବାରିକ ଙ୍କ ତିରୋଧାନ ପରେ ନିମ୍ନ ଉତ୍ତରାଧିକାରୀ ଦର୍ଶାଇ ଉକ୍ତ ସମ୍ପତ୍ତିରେ ଥିବା ତାଙ୍କର ସତ୍ତ୍ୱ ଅଂଶରେ ସେମାନଙ୍କର ନାମ ବଦଳ କରିବା ନିମନ୍ତେ ଏହି କର୍ତ୍ତୃପକ୍ଷ ଙ୍କ ନିକଟରେ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ ।

| କ୍ର.ନଂ | ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-√ବୁନା ବାରିକ, ପିତା-√ବ୍ରଜବନ୍ଧୁ ବାରିକ, ସା-ଇ.ଡବ୍ଲ୍ୟୁ.ଏସ-୫୧, କପିଳପ୍ରସାଦ, ୧ମ ପର୍ଯ୍ୟାୟ ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ଗୃହ ନଂ- ଇ.ଡବ୍ଲ୍ୟୁ.ଏସ-୫୧(EWS-51) କପିଳପ୍ରସାଦ, ୧ମ ପର୍ଯ୍ୟାୟ ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧.ଚନ୍ଦ୍ରବଦନୀ ବାରିକ(ମା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/25-26/0061

ODISHA CONSTRUCTION CORPORATION LTD.
(A Govt. of Odisha Undertaking)
CENTRAL WORKSHOP, RASULGARH,
Bhubaneswar-751010 (Odisha)
Tel- 0674 : 2580107,
E-mail: gmocclcws@gmail.com
(GSTIN-21AAACO2571K2ZM)
34001/82/2526
"e"-Procurement Notice No. 60/OCCL/2025-26 (on-line).
Type of work : Supply of Wire Rope drum, Rope Clamp, Bronze Bush, drum Gear ,second Gear, First Pinion, Second Pinion in finished machining condition for 10T Rope drum Hoist to operate 8300 mm X 2000 mm Barrage Bay Gates of Ramanadi Diversion Weir of integrated Chheligada Irrigation Project.
Total No. of work : 01(One).
Period of supply : 90 (Ninety) days.

| Procurement Officer | Bid Identification No. | Cost of Tender document (Including GST) through on-line transfer system | Availability of tender (On-line) | Submission of Bid (On-line) |
|---|---|---|---|---|
| General Manager (Mech.), OCC Ltd., Central Workshop, Rasulgarh, Bhubaneswar | OCCL-MECH/ CWS/ 04/2025-26 | Rs.7,080/- (Non-refundable) | 13.02.2026 10.00AM to 26.02.2026 5.00 PM | 13.02.2026 10.00AM to 26.02.2026 5.00 PM |

Date of opening of the Technical Bid : 27.02.2026 at 11.30 A.M.
Further details can be seen from the Govt. website (www.tendersodisha.gov.in)
Amendment/corrigendum/cancellation, if any shall be posted on-line only.
Sd/- General Manager (Mech.)
OCC Ltd., Bhubaneswar
OIPR-34001/34163/25-26/0002

## ହିମାଂଶୁ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗ୍ରୁପ 'ବି'ର ପ୍ରଥମ ମ୍ୟାଚ୍

# ଏମଇଜି ବେଙ୍ଗାଲୁରୁକୁ ହରାଇ ସେମିଫାଇନାଲରେ ପଶ୍ଚିମବଙ୍ଗ ପୋଲିସ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱରରେ ହିମାଂଶୁ ଦାସ ମେମୋରିଆଲ ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗ୍ରୁପ 'ବି'ର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ବାରାକପୁର ସ୍ଥିତ ପଶ୍ଚିମବଙ୍ଗ ପୋଲିସ ସ୍ପୋର୍ଟସ କ୍ଲବ ଓ ଏମଇଜି ବେଙ୍ଗାଲୁରୁ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଇଥିଲା । ହିମାଂଶୁ ହରି ଫାଉଣ୍ଡେସନ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ଉତ୍ସବରେ ସ୍ନୋ ୱାର୍ଲ୍ଡ ମେରାଇନର ପରିଚାଳନା ନିର୍ଦ୍ଦେଶକ ପ୍ରକାଶ ମହାନ୍ତି, ନୀଳମ ମୋଟର୍ସର ନିର୍ଦ୍ଦେଶକ ମନୀଷ ସରାଓଗୀ, ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ଉପସଭାପତି ଅମର କୁମାର ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବାଲେଶ୍ୱରର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସ୍ୱର୍ଗତଃ ହିମାଂଶୁ ଦାସଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଏକ ପ୍ରଶଂସନୀୟ ଉଦ୍ୟମ ବୋଲି କହିଥିଲେ । ଫାଉଣ୍ଡେସନର ଭାଇସ ଚେୟାରମେନ୍ ତଥା ହରିପ୍ଲାଷ୍ଟର ମ୍ୟାନେଜିଂ ଡାଇରେକ୍ଟର ସଂଗ୍ରାମ ଦାସ କାର୍ଯ୍ୟକ୍ରମରେ ପୌରହିତ୍ୟ କରିବା ସହିତ ଟୁର୍ଣ୍ଣାମେଣ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

ଫାଉଣ୍ଡେସନର ଚେୟାରମେନ ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ ଏଥିରେ ଉପସ୍ଥିତ ଥିଲେ । ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟି ସମ୍ପାଦକ ସୂଜୟ ଆଚାର୍ଯ୍ୟ ଶେଷରେ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବାଲେଶ୍ୱରର ଭେଟରାନ ଫୁଟବଲ ଖେଳାଳି ପୀତବାସ ନାୟକ, ଦେବୀ ପ୍ରସାଦ ମହାପାତ୍ର ଓ ଅଶୋକ କୁମାର କର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସଭା ପରେ ଅତିଥିମାନଙ୍କ ଦ୍ୱାରା ଦୁଇ ଟିମ୍‌ର ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କୁ ସ୍ୱାଗତ ଓ ପରିଚୟ ସହିତ ମ୍ୟାଚ୍ ଆରମ୍ଭ ହୋଇଥିଲା । ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପ୍ରଥମାର୍ଦ୍ଧର ୧୬ ମିନିଟରେ ପଶ୍ଚିମବଙ୍ଗ ପୋଲିସର ନୁରଉଦ୍ଦିନ ମଣ୍ଡଳ ପ୍ରଥମ ଗୋଲ କରି ଟିମ୍‌କୁ ଅଗ୍ରଣୀ କରାଇଥିଲେ । ଏମଇଜି ବେଙ୍ଗାଲୁରୁ ବହୁ ପ୍ରଚେଷ୍ଟା କରିବା ସତ୍ତ୍ୱେ ମ୍ୟାଚ୍‌ରେ ଗୋଟିଏ ହେଲେ ଗୋଲ କରିବାକୁ ସକ୍ଷମ ହୋଇ ପାରିନଥିଲା । ଶେଷରେ ପଶ୍ଚିମବଙ୍ଗ ପୋଲିସ ୧-୦ ଗୋଲରେ ବିଜୟୀ ହୋଇଥିଲା । ମ୍ୟାଚ୍‌ରେ ଏକ ମାତ୍ର ଗୋଲ ମାଧ୍ୟମରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନୁରଉଦ୍ଦିନ ମଣ୍ଡଳଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟର ଫର୍ମାଟ ଅନୁସାରେ ଏହି ମ୍ୟାଚ୍ ଜିତି ପଶ୍ଚିମବଙ୍ଗ ପୋଲିସ ଗ୍ରୁପ 'ବି'ର ପ୍ରଥମ ବିଜେତା ଟିମ୍ ଭାବେ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି । ଶିବ ଶଙ୍କର ପଣ୍ଡା ମ୍ୟାଚ୍‌ରେ ରେଫେରୀ, ସୁଜିତ କୁମାର ପାତ୍ର ଓ ଉତ୍କଳ ମଣି ବେହେରା ଆସିଷ୍ଟାଣ୍ଟ ରେଫେରୀ ଏବଂ ଦିଲ୍ଲୀପ କୁମାର ରାଉତ ଚତୁର୍ଥ ରେଫେରୀ ଭାବେ ମ୍ୟାଚ ପରିଚାଳନା କରିଥିଲେ ।

୧୫ ତାରିଖରେ ଗ୍ରୁପ 'ବି' ର ଦ୍ୱିତୀୟ ମ୍ୟାଚ କେରଳର କନ୍ନୁର ୟୁନାଇଟେଡ ଫୁଟବଲ କ୍ଲବ ସହିତ ବିହାରର ମା' କାମାକ୍ଷା ଫୁଟବଲ କ୍ଲବର ମ୍ୟାଚ୍ ଅନୁଷ୍ଠିତ ହେବ । ୧୬ ତାରିଖ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ୧୭ ତାରିଖ କଟକର ନିତା ଫୁଟବଲ ଏକାଡେମୀ ଓ ବାରାକପୋର୍ ସ୍ଥିତ ପଶ୍ଚିମବଙ୍ଗ ମହିଳା ପୋଲିସ ସ୍ପୋର୍ଟସ କ୍ଲବ ମଧ୍ୟରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ଏବଂ ୧୮ ତାରିଖରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ଦାସଙ୍କ ସହ ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟି ସହ ସମ୍ପାଦକ ରାଜେଶ ମହାପାତ୍ର ଓ ଅଭ୍ୟୁଦୟ ଦାସ, ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ, ଅସିତ୍ ଦାସ, ଅମରେନ୍ଦ୍ର ପାତ୍ର, ଅୟେନ୍ ସେନ, ବିଶ୍ୱଜିତ ପରମାଣିକ, ସମ୍ପଦ ଦାସ, ସମର୍ଥ ଦାସ, ଅର୍ପିତ ସାଇମନ, ଅଶ୍ୱିନୀ ସାମଲ, ସୁଶାନ୍ତ ପଣ୍ଡା, ଦିଲ୍ଲୀପ ଦାସ ମହାପାତ୍ର, ଶଶୀ ଭୂଷଣ ମିଶ୍ର, ସୁଜିତ ମହାପାତ୍ର, ନିମାଇ ରାଉତରାୟ, ପ୍ରଦୀପ ଦାସ, ରଜତ ଦାସ, ଚିରଞ୍ଜିବ ମାନ୍ନା, ଫିର୍ଦୋଷ ପ୍ରମୁଖ ଏହି ମ୍ୟାଚ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ରାୟଗଡ଼ା ଜିଲ୍ଲା ପ୍ରଶାସନ ଓ 'ସ୍ୱର୍ଶ'ର ମିଳିତ ଆନୁକୂଲ୍ୟରେ 'ଯୁବ ସମ୍ବଲ କେନ୍ଦ୍ର' ଉଦ୍‌ଘାଟିତ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲାର ଗ୍ରାମାଞ୍ଚଳ ଓ ଆଦିବାସୀ ଯୁବତୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଜେ.କେ. ପେପରର ସାମାଜିକ ସଂଗଠନ 'ସ୍ୱର୍ଶ' ସୋସିଆଲ୍ ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ 'ଯୁବ ସମ୍ବଲ କେନ୍ଦ୍ର' ଉଦ୍‌ଘାଟିତ ହୋଇଯାଇଛି ।

ଏହି କେନ୍ଦ୍ରକୁ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ




କୁମାରୀ ସ୍ୱର୍ଣ୍ଣଲତା ରାଉତ, ସ୍ୱତନ୍ତ୍ର ଅତିଥି ଭାବେ ରାୟଗଡ଼ା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଅର୍ଚ୍ଚନା ପଟ୍ଟନାୟକ ଏବଂ ଜେ.କେ. ପେପର୍ ମିଲ୍‌ର ବାଣିଜ୍ୟିକ ବିଭାଗ ଉପ-ସଭାପତି ବିଶ୍ୱଜିତ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱର୍ଶ (ଜେ.କେ. ପେପର୍ ସି.ଏସ.ଆର)ର ପରିଚାଳକ ଆଦିତ୍ୟ ପଟ୍ଟନାୟକ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ।

ଏହି ଯୁବ ସମ୍ବଲ କେନ୍ଦ୍ର ବିଶେଷ କରି ଜିଲ୍ଲାର ଅବହେଳିତ ତଥା ଆର୍ଥିକ ଅନଗ୍ରସର ପରିବାରର ୫୦ ଜଣ ଆକାଂକ୍ଷୀ ଶିକ୍ଷିତ ଯୁବତୀଙ୍କୁ ମାଗଣାରେ ବ୍ୟାଙ୍କିଙ୍ଗ୍, ଏସଏସସି, ରେଳବାଇ, ଓଏସଏସସି, ଓଏସଏସଏସସି ଏବଂ ପୋଲିସ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିବ । ୯ ମାସ ଧରି ଚାଲିବାକୁ ଥିବା ଏହି ପାଠ୍ୟକ୍ରମରେ ଗଣିତ, ସାଧାରଣ ଜ୍ଞାନ, ଇଂରାଜୀ, ଓଡ଼ିଆ ବ୍ୟାକରଣ ଏବଂ କମ୍ପ୍ୟୁଟର ଶିକ୍ଷା ସହିତ ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱ ଦିଆଯିବ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ନିଯୁକ୍ତି କାର୍ଯ୍ୟାଳୟର କନିଷ୍ଠ ନିଯୁକ୍ତି ଅଧିକାରୀ ସନ୍ତୋଷ ନନ୍ଦ, ଅଧ୍ୟାପିକା ଶାନ୍ତିଲତା ଓ ଅଧ୍ୟାପକ ରମ୍ୟ ରଞ୍ଜନ ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ ସ୍ୱର୍ଶ ସୋସିଆଲ୍ ଫାଉଣ୍ଡେସନ୍ ଟିମ୍ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି କେନ୍ଦ୍ର ଆଗାମୀ ଦିନରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପିଲାଙ୍କ ମଧ୍ୟରେ ଥିବା ସୁଯୋଗର ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।



ଭୁବନେଶ୍ୱର : ବ୍ୟାସନଗର ମ୍ୟୁନିସିପାଲିଟି ଅଞ୍ଚଳର ମିଶନ ଶକ୍ତି ମା'ମାନେ ଶନିବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ଏହି ସାକ୍ଷାତ ସମୟରେ ଶ୍ରୀ ପଟ୍ଟନାୟକଙ୍କୁ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସବୁ ଆହ୍ୱାନର ସାମ୍ନା କରି ଦୃଢ଼ ମନୋବଳ ସହ ନିଜର ଆର୍ଥିକ ଉନ୍ନତି ପାଇଁ କାମ ଜାରି ରଖିବାକୁ ଶ୍ରୀ ପଟ୍ଟନାୟକ ମିଶନ ଶକ୍ତି ମା' ମାନଙ୍କୁ ପରାମର୍ଶ ଦେଇଥିଲେ। (ଫଟୋ : ସମ୍ବାଦ କଳିକା)

## ପୁଅକୁ ବିକିଦେଲା ବାପା

**ନୀଳଗିରି, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ନୀଳଗିରି ଥାନା ଅଞ୍ଚଳରେ ଅଭାବନୀୟ ଘଟଣା। ଅଢ଼େଇ ବର୍ଷର ଶିଶୁ ପୁତ୍ରକୁ ବିକି ଦେଲା ବାପା। ପୁଅକୁ ବାପା ଜଣେ ଡାକ୍ତରଙ୍କୁ ବିକି ଦେଇଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନୀଳଗିରି ଏନଏସି ବରିସାହି ଅଞ୍ଚଳର କୁଆ ଓରଫ ରାକେଶ ନାମକ ଯୁବକ ତାଙ୍କ ଅଢ଼େଇ ବର୍ଷର ଶିଶୁକୁ ୨ ଦିନ ପୂର୍ବରୁ ଚେକସନସାହି ଅଞ୍ଚଳରେ ପହଞ୍ଚାଇଥିଲେ। ସେଠାରେ ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ଛୁଆକୁ ଦେଇଥିଲେ। ସେମାନେ ମୂଳଚାଲ କରି ଶିଶୁ ବିକ୍ରିକରିଥିଲେ।

# ଅନିଶ୍ଚିତତାରେ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ

## ପ୍ରଶାସନର ପ୍ରୟାସ ସତ୍ତ୍ୱେ ସେବା ପୂଜା ସୁଯୋଗ ପାଉନାହାନ୍ତି କପିଳେଶ୍ୱରଙ୍କ ଖୁଣ୍ଟିଆ ସେବାୟତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସବୁ ଅଟକିଛି କପିଳେଶ୍ୱର ମନ୍ଦିର ଖୁଣ୍ଟିଆ ସେବାୟତଙ୍କ ସେବା ସ୍ୱତ୍ତ୍ୱ ନିଷ୍ପତ୍ତି ଉପରେ। ଯଦି ଏଠାରେ ମଳିଆ ସେବାୟତ ଓ ପ୍ରଶାସନର ଅନୁମୋଦନ କ୍ରମେ ଖୁଣ୍ଟିଆ ସେବାୟତ ଯୋଗୁ ମନ୍ଦିରକୁ ପ୍ରବେଶ କରି ଘଣ୍ଟି ବାଜେଇ ମଙ୍ଗଳ ଆଳତୀ ସହିତ ଅନ୍ୟାନ୍ୟ ସେବା ପୂଜା ଆରମ୍ଭ କରି ଦେବେ, ତା ହେଲେ ସବୁ ଆଶଙ୍କା ଟଳିଯିବ। ନଚେତ ୧୧ ପୁରି ୧୧ଶହ ବରଷ ବିତିଗଲେ ବି କିଛି ଫଳ ମିଳିବ ନାହିଁ। ଅବଶ୍ୟ ଏଥର ପ୍ରଶାସନ ତରଫରୁ ସବୁ ପ୍ରକାର ପ୍ରୟାସ କରାଯାଉଛି। କିନ୍ତୁ ତାହା କେତେଦୂର ଠିକଣା ଭାବରେ ସମ୍ପାଦନ ହେବ ତା'ଉପରେ ସମସ୍ତଙ୍କ ନଜର। ସ୍ୱତ୍ତ୍ୱ ଲିପି କମିଶନଙ୍କ ପରାମର୍ଶ କ୍ରମେ ଉପଜିଲ୍ଲାପାଳଙ୍କ ସହିତ ଖୁଣ୍ଟିଆ ସେବାୟତ ମଙ୍ଗଳ ଆଳତୀ ଓ ଅନ୍ୟାନ୍ୟ ସେବା ଲାଗି ମନ୍ଦିରକୁ ଗଲାବେଳକୁ ମଳିଆ ସେବାୟତ ପହିଲି ଉପଚାର ସାରି ଦେଇଥିଲେ। ଫଳରେ ନିରାଶ ହୋଇ ଖୁଣ୍ଟିଆ ସେବାୟତମାନେ ଫେରିବାକୁ ବାଧ୍ୟ ହୋଇଥିଲେ। ଶୁକ୍ରବାର ପୁଣି ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା ଉଭୟ ପକ୍ଷର ସେବାୟତଙ୍କ ସହିତ ବହୁତ ସମୟ ନିଜ କାର୍ଯ୍ୟାଳୟରେ ଆଲୋଚନା କରିଥିଲେ। ଏହି ଆଲୋଚନା ଆଧାରରେ ପୁନଶ୍ଚ ଆଉ ଏକ ବୈଠକ ଜିଲ୍ଲାପାଳ ଓ ଅନ୍ୟ କର୍ତ୍ତୃପକ୍ଷଙ୍କ ଡକାରେ ୧୭ ତାରିଖରେ ଅନୁଷ୍ଠିତ ହେବ। ସେଥିରେ କିଛି ସାକାରାତ୍ମକ ନିଷ୍ପତ୍ତି ହେଲେ ହାଣ୍ଡିଭଙ୍ଗା ଯାତ ପାଇଁ ବାଟ ଫିଟିବ। ସୂଚନାଯୋଗ୍ୟ ପ୍ରାୟ ୧୧ ବର୍ଷ ପୂର୍ବେ କପିଳେଶ୍ୱର ମନ୍ଦିରରେ ସେବା ଅଧିକାରକୁ ନେଇ ଉଭୟ ଖୁଣ୍ଟିଆ ଏବଂ ମଳିଆ ସେବାୟତଙ୍କ ମଧ୍ୟରେ ବିବାଦ ଉପୁଜି ଥିଲା। ପରବର୍ତ୍ତୀ ସମୟରେ ମାମଲା ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଯାହାକୁ ନେଇ ଏକାଧିକ ନ୍ୟାୟାଳୟ ଆଦେଶ ଥିବା ସତ୍ତ୍ୱେ ପ୍ରଶାସନ କାର୍ଯ୍ୟକାରୀ କରିନାହାନ୍ତି। ତେଣୁ ଖୁଣ୍ଟିଆ ସେବାୟତମାନେ ସେବାରୁ ବଞ୍ଚିତ ହେବା ସହିତ କପିଳେଶ୍ୱର-ଶ୍ରୀଲିଙ୍ଗରାଜଙ୍କ ମଧ୍ୟରେ ଥିବା ହାଣ୍ଡିଭଙ୍ଗା ଯାତ, ଚନ୍ଦନ ଚାପ, ଶୀତଳ ଷଷ୍ଠୀ ପରିକା ଅନେକ ଦେବ ଉତ୍ସବରେ ଯାଆସ ବନ୍ଦ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୦୦ କୋଟିର ଟେକ୍ସଟାଇଲ୍ ପାର୍କ...

ରାଜ୍ୟ ସାରା ୫୩,୦୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ୍ ଟେକ୍ସଟାଇଲ୍ ପାର୍କ ସହିତ, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତସିଂହପୁର ଠାରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜଭୁତ କରୁଛନ୍ତି। ଏବେ, ଓଡ଼ିଶାରେ ମଧ୍ୟ ସମାନ ସୁଯୋଗ ସୃଷ୍ଟି କରାଯିବ ଯାହା ଦ୍ୱାରା ଲୋକମାନେ ନିଜ ଘର ପାଖରେ କାମ କରିପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓକାକ୍ ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟରର ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ। ଏହି ସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଏହା ତଥ୍ୟର ଯୁଗ। ଆମର ସରକାର ଅନଲାଇନରେ ୪୦୦ ରୁ ଅଧିକ ସେବା ପ୍ରଦାନ କରେ। ନାଗରିକଙ୍କ ତଥ୍ୟ ସର୍ବଦା ସୁରକ୍ଷିତ, ସୁଗମ ଏବଂ ଆମ ନିୟନ୍ତ୍ରଣରେ ରହିବା ଉଚିତ। କେନ୍ଦ୍ର ଡାଟା ସ୍ଥାନୀୟକରଣ ପ୍ରୟାସକୁ ସମର୍ଥନ କରିବ ଏବଂ ରାଜ୍ୟର ଡିଜିଟାଲ୍ ଶାସନ ଢାଞ୍ଚାର ସ୍ଥିରତାକୁ ବୃଦ୍ଧି କରିବ। କେନ୍ଦୁଝର କମ୍ ଭୂମିକମ୍ପ-ବିପଦ ପ୍ରବଣ (ଜୋନ୍-୨) ହୋଇଥିବା ଯୋଗୁଁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି। ଏହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ କେନ୍ଦୁଝର ଅଗ୍ରାଧିକାର ଲାଭ କରିଛି।' ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ସରକାରଙ୍କ ଧ୍ୟାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଜିଲ୍ଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି ଏବଂ ମକର ପର୍ବ ସମୟରେ ୧,୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା। ଏକ ସମୃଦ୍ଧ ଓଡ଼ିଶା ଏହାର ଜିଲ୍ଲାଗୁଡ଼ିକର ସମୃଦ୍ଧି ମାଧ୍ୟମରେ ଗଢ଼ି ଉଠିବ। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ୍ ଶକ୍ତି ଏକ ବିକଶିତ ଭାରତ ଆଡ଼କୁ ଆମର ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝର ବଳଭଦ୍ରପୁର ଠାରେ ହେବାକୁ ଥିବା ଟେକଷ୍ଟାଇଲ ପାର୍କ ଅଠର ମାସ ମଧ୍ୟରେ ଶେଷ ହେବ। ଏଥିରେ ସ୍ଥାନୀୟ ମହିଳାଙ୍କୁ ଅଗ୍ରାଧିକାର ଦିଆଯିବା ସହ ମହିଳା ସଶକ୍ତିକରଣରେ ବେଶ ସହାୟକ ହେବ ବୋଲି ପ୍ରକାଶ କରିଛନ୍ତି ହିଣ୍ଡଲକୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ବିଧାୟକ ଅଖିଳ ନାଏକ, ଡଃ ଫକୀର ମୋହନ ନାଏକ ଜିଲ୍ଲାପାଳ ବିଶାଳ ସିଂହ, ଓକାକ ସିଇଓ ପ୍ରଦୀପ କୁମାର ରାଉତ, ହିଣ୍ଡଲକୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ ନାଗରିକ ଯୋଗ ଦେଇଥିଲେ।

## ଭାରତରେ ଷ୍ଟାର୍ଟଅପ୍...

ଏହି ସମର୍ଥିତ ଏଆଇଏଫ କୃଷି, କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଅଟୋମୋଟିଭ୍, କ୍ଲିନ୍ ଟେକ୍, ଉପଭୋକ୍ତା ସାମଗ୍ରୀ ଏବଂ ସେବା, ଇ-କମର୍ସ, ଶିକ୍ଷା, ଫିନଟେକ୍, ଖାଦ୍ୟ ଓ ପାନୀୟ, ସ୍ୱାସ୍ଥ୍ୟସେବା, ଉତ୍ପାଦନ, ମହାକାଶ ପ୍ରଯୁକ୍ତିବିଦ୍ୟା ଏବଂ ବାୟୋଟେକ୍ନୋଲୋଜି ଭଳି କ୍ଷେତ୍ରରେ ଦେଶବ୍ୟାପୀ ୧,୩୭୦ରୁ ଅଧିକ ଷ୍ଟାର୍ଟଅପ୍ସରେ ୨୫,୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛନ୍ତି। ଏଫଏଫଏସ ୧.୦ ନୂତନ ପ୍ରତିଷ୍ଠାତାମାନଙ୍କୁ ଉତ୍ସାହିତ କରିବା, ଘରୋଇ ପୁଞ୍ଜି ସଂଗ୍ରହ କରିବା ଏବଂ ଭାରତର ଉଦ୍ୟୋଗ ପୁଞ୍ଜି ଇକୋସିଷ୍ଟମ ପାଇଁ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସେହିପରି ବଜାର ଆଧାରିତ ସହରୀ ପରିବର୍ତ୍ତନକୁ ଗତିଶୀଳ କରିବା ପାଇଁ ୧ ଲକ୍ଷ କୋଟି ଟଙ୍କାର ସହରୀ ଚ୍ୟାଲେଞ୍ଜ ପାଣ୍ଠିକୁ କ୍ୟାବିନେଟ ମଞ୍ଜୁରୀ ଦିଆଯାଇଛି।

## ଜମିପଟ୍ଟା ସଂଶୋଧନ...

କାର୍ଯ୍ୟଦକ୍ଷତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଉପଜିଲ୍ଲାପାଳମାନେ ନିୟମିତ ନିରୀକ୍ଷଣ ପାଇଁ ଉତ୍ତରଦାୟୀ ରହିବା ସହ ବଳକା ମାମଲା ଶୀଘ୍ର ସାରିବା ପ୍ରକ୍ରିୟାର ପର୍ଯ୍ୟବେକ୍ଷଣ ପାଇଁ ଡ୍ୟାସବୋର୍ଡ ବ୍ୟବସ୍ଥା ଆରମ୍ଭ ହେବ। ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କିତ ସଂଯୁକ୍ତ ରିପୋର୍ଟ ନିୟମିତ ଭାବରେ ଦାଖଲ କରିବା ସହ ଏଥି ସହ ସମ୍ପୃକ୍ତ ସମସ୍ୟାଗୁଡ଼ିକୁ ବିଭାଗକୁ ଅବଗତ କରାଇବା ପାଇଁ କୁହାଯାଇଛି। ଏହି ପ୍ରୟାସର ଲକ୍ଷ୍ୟ ହେଉଛି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବାକିଥିବା ମାମଲାର ଉଲ୍ଲେଖନୀୟ ହ୍ରାସ ସୁନିଶ୍ଚିତ କରିବା। ଏହାକୁ "ପ୍ରାଥମିକତା" ଭାବେ ଗ୍ରହଣ କରି ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ କରିବାକୁ ପୂର୍ବରୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସମସ୍ତ ଆରଡିସିଙ୍କୁ ବ୍ୟକ୍ତିଗତ ଭାବେ ସମସ୍ତ କାର୍ଯ୍ୟ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୫ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ରେ...

ହେଉଥିବା ଓଡ଼ିଶା ବିଧାନସଭାର ବଜେଟ ଅଧିବେଶନରେ ଆଗତ ହେବାକୁ ଥିବା ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଚିଠା ପ୍ରସ୍ତାବ ଉପରେ କ୍ୟାବିନେଟ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ବଜେଟ ୩.୧୦ ଲକ୍ଷ କୋଟି ଟଙ୍କାର ଅଟକଳ କରାଯାଇଥିବା ସୂଚନା ମିଳିଛି। ଯାହାକି ଚଳିତ ବର୍ଷ ବଜେଟ ତୁଳନାରେ ୭ ପ୍ରତିଶତ ଅଧିକ ରହିଛି। ତେବେ ଆଗକୁ ବିଧାନସଭା ଅଧିବେଶନ ହେବାକୁ ଥିବାରୁ ଏ ସମ୍ପର୍କରେ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇନାହିଁ। ଇଏସଆଇ ବିଭାଗର ହସ୍ପିଟାଲରେ ନିଯୁକ୍ତି ନିୟମାବଳୀ ସମ୍ବନ୍ଧୀୟ ପ୍ରସ୍ତାବକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ଦିଆଯାଇଥିବା ବେଳେ ଜଳସମ୍ପଦ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବାଲେଶ୍ୱର ଜିଲ୍ଲାରେ ଜଳ ଯୋଗାଣ ପ୍ରକଳ୍ପ ଏବଂ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ସମ୍ପର୍କୀତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଅନୁମୋଦନ ଦିଆଯାଇଥିବା ଜଣାପଡ଼ିଛି।

## ଅପରେସନ ସିନ୍ଦୂର ନାମରେ...

ସୃଷ୍ଟିକର୍ତ୍ତା ପ୍ରନବୀର ମାଇତି ପୂର୍ବରୁ ମଧ୍ୟ ଗୋଲାପର ଅନେକ ବିଶେଷ ପ୍ରଜାତି ଉନ୍ନତ କରିଛନ୍ତି, ଯାହାକୁ ଦେଶର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କ ନାମରେ ନାମକରଣ କରାଯାଇଛି, ଯେଉଁଥିରେ ରାଷ୍ଟ୍ରପତି ଭବନ ମଧ୍ୟ ସମ୍ମିଳିତ। ଏହି ଲାଲ ଏବଂ ସୁଗନ୍ଧିତ ଗୋଲାପରେ ୩୦ରୁ ୩୫ଟି ପାଖୁଡ଼ା ଥାଏ। ଏହାର ଉଚ୍ଚତା ୧୨୦ ରୁ ୧୫୦ ସେଣ୍ଟିମିଟର ପର୍ଯ୍ୟନ୍ତ ହୁଏ ଏବଂ ଏହା ସାରା ବର୍ଷ ଫୁଟେ। ଏହି ପ୍ରଜାତି ରୋଗ ପ୍ରତିରୋଧକ କ୍ଷମତାରେ ସମୃଦ୍ଧ ଏବଂ ଏହାକୁ ଗମଳା କିମ୍ବା ସିଧାସଳଖ ମାଟିରେ ଲଗାଯାଇପାରେ। ପୂର୍ବାଞ୍ଚଳ କମାଣ୍ଡର ବ୍ରିଗେଡିୟର ସୁଧୀର ସୋଢ଼ୀ ସହିତ ସେନା ଅଧିକାରୀମାନେ ଗୃହ ମନ୍ତ୍ରାଳୟର ଅନୁମତି ପରେ ଫୁଲ ବଜାରରେ ଏହି ନୂତନ ପ୍ରଜାତିର ଉନ୍ମୋଚନ କରିଥିଲେ। ଏହା ପରେ ଶନିବାରରୁ ଏହି ଗୋଲାପ ବଜାରରେ ବିକ୍ରୟ ପାଇଁ ଉପଲବ୍ଧ ହୋଇଛି।

## ଏନ୍.ସି ହାଇସ୍କୁଲର ପ୍ଲାଟିନମ୍...

ଜିଲ୍ଲାରେ ଶିକ୍ଷାର ଏକ ଦୃଢ଼ ସ୍ତମ୍ଭ ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ ଏହି ଅନୁଷ୍ଠାନ ଅଞ୍ଚଳର ଶିକ୍ଷାଗତ ଦୃଶ୍ୟପଟରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି। ପି.ଏମ୍ ଶ୍ରୀ ଯୋଜନାରେ ସ୍କୁଲକୁ ସାମିଲ କରାଯାଇଥିବାରୁ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାକୁ ଆଧୁନିକ ଭିତ୍ତିଭୂମି, ଡିଜିଟାଲ୍ ଶ୍ରେଣୀଗୃହ ଏବଂ ସ୍ମାର୍ଟ ଶିକ୍ଷା ସୁବିଧା ସହିତ ଏକ ଆଦର୍ଶ ପ୍ରତିଷ୍ଠାନ ଭାବରେ ବିକଶିତ କରାଯାଉଛି। ଏହି ସ୍କୁଲ ଆଧୁନିକ ସୁବିଧା ସହିତ ଗୁଣାତ୍ମକ ଶିକ୍ଷାର ଏକ ମଡେଲ ଭାବରେ ଉଭା ହେବ ଏବଂ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେବ ବୋଲି ସେ କହିଛନ୍ତି।

ଛାତ୍ର ଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିକ୍ଷାର ଉଦ୍ଦେଶ୍ୟ କେବଳ ମାର୍କ ରଖିବା କିମ୍ବା ନିଯୁକ୍ତି ସୃଷ୍ଟି ନୁହେଁ, ଏହା ହେଉଛି ପିଲା ମାନଙ୍କ ଚରିତ୍ର ଗଠନ କରିବା ଏବଂ ସେମାନଙ୍କୁ ବିଭିନ୍ନ ଜୀବନ କୌଶଳ ବା ଲାଇଫ ସ୍କିଲ ଶିଖାଇବା। ଜାତୀୟ ଶିକ୍ଷା ନୀତି ୨୦୨୦ ବିଷୟରେ ଉଲ୍ଲେଖ କରି ସେ ପିଲା ମାନଙ୍କ ସୃଜନଶୀଳତା, ଦକ୍ଷତା, ନିଷ୍ପତ୍ତି ଗ୍ରହଣ କ୍ଷମତା ଏବଂ ସମସ୍ୟା ସମାଧାନ ଦକ୍ଷତା ଉପରେ ଧ୍ୟାନ ଦେବାର ଆବଶ୍ୟକତା ଅଛି ବୋଲି କହିଥିଲେ। ମାଟ୍ରିକ୍ ପରୀକ୍ଷା ପାଖେଇ ଆସୁଥିବାରୁ, ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ମାନଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଲେ ଏବଂ ଚାପ ବଦଳରେ ଧୈର୍ଯ୍ୟର ସହିତ ପ୍ରସ୍ତୁତି କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଆଲୋଚନା'ରେ ପରାମର୍ଶ ଦେଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ସଫଳତା ପାଇଁ ନିରନ୍ତର ପ୍ରୟାସ ଆବଶ୍ୟକ ଏବଂ ବିଫଳତାକୁ ସଫଳତା ପାଇଁ ଏକ ପାହାଚ ଭାବରେ ବିବେଚନା କରାଯିବା ଉଚିତ। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ ଯେ ରାଜ୍ୟ ସର୍ବାଧିକ ବଜେଟ୍ ବ୍ୟୟବରାଦ ସହିତ ଶିକ୍ଷାକୁ ପ୍ରାଥମିକତା ଦେଇଛି। ସେ ଉଲ୍ଲେଖ କରିଥିଲେ ଯେ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ୪୫,୦୦୦ ସ୍କୁଲରେ ଶିଶୁ ବାଟିକା ପ୍ରଚଳନ କରାଯାଇଛି ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଆକାଂକ୍ଷୀ ପାଠ୍ୟକ୍ରମ, ପ୍ରକଳ୍ପ-ଭିତ୍ତିକ ଶିକ୍ଷା ଏବଂ କୋଡିଂ ଦକ୍ଷତା କାର୍ଯ୍ୟକାରୀ କରାଯାଉଛି। ସେ ଆହୁରି କହିଛନ୍ତି ଯେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା' ଅଧୀନରେ, ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ବିନିଯୋଗରେ ୨,୨୦୦ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯାଉଛି ଏବଂ ୧୦୦ ବର୍ଷରୁ ଅଧିକ ପୁରୁଣା ବିଦ୍ୟାଳୟ ଗୁଡ଼ିକର ବିକାଶ ପାଇଁ ଏକ ଐତିହ୍ୟ ବିଦ୍ୟାଳୟ ଯୋଜନା ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବଡ଼ଚଣା ବିଧାୟକ ଅମର ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଦେହୁରୀ, ଆଲୁମିନି ଆସୋସିଏସନର ସଭାପତି କୃପାସିନ୍ଧୁ ସାହୁ, କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ଜେନେରାଲ ସେକ୍ରେଟାରୀ ଅଭିଳାଶ ଦାସ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଏସ୍‌ପି ଯଶ ପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟ୍ରେଲର-କାର୍ ଧକ୍କା ମହିଳାଙ୍କ...

ଯୁବକଙ୍କୁ ହସ୍ପିଟାଲକୁ ନିଆଯାଉଥିବା ବେଳେ ସେ ରାସ୍ତାରେ ପ୍ରାଣ ହରାଇଥିଲେ।

## ତୁଟିଲା ଜାତି ବିବାଦ...

ପହଞ୍ଚି ସେଠାରେ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିବା ସହ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ବୁଝାସୁଝା କରିଥିଲେ। ଜାତିପ୍ରଥାକୁ ନେଇ ଆଉ କୌଣସି ବିବାଦ ସୃଷ୍ଟି ନ କରିବାକୁ ଗ୍ରାମବାସୀ ରାଜି ହୋଇଥିଲେ। ସୋମବାର ଠାରୁ ପିଲାଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଛାଡ଼ିବା ପାଇଁ ମଧ୍ୟ ଆଲୋଚନା ବେଳେ ନିଷ୍ପତ୍ତି ହେବା ପରେ ଏଥିରେ ମଧ୍ୟ ସହମତି ଜଣାଇଥିଲେ।

## ଚାଷୀଙ୍କୁ ସହାୟତା କରିବ...

ହେଉଥିବା କ୍ଷେତ୍ରରେ ମାଟିର ଆର୍ଦ୍ରତା ସଠିକ ଅନୁମାନ କରାଯାଇ ପାରିବ। ମାଟିର ଆର୍ଦ୍ରତା ବାହାର କରିବା ପାଇଁ ଏଲଗରିଦିମ ସ୍ପେସ୍ ଆପ୍ଲିକେସନ ସେଣ୍ଟରରେ ବିକଶିତ କରାଯାଇଛି। ଏଥିରୁ ଡାଟାର ବିଶ୍ୱସନୀୟତା ଓ ବୈଜ୍ଞାନିକ ସଠିକତା ସୁନିଶ୍ଚିତ ହେଉଛି। ଇସ୍ରୋ କହିଛନ୍ତି ଯେ ନିସାର ମାଟିର ଆର୍ଦ୍ରତା ଉପରେ ରିୟଲଟାଇମ ନଜର ରଖିବାକୁ ସକ୍ଷମ। ଏହାଦ୍ୱାରା ଜଳ ସେଚନ ଯୋଜନା, ମରୁଡି ମୁକାବିଲା ପ୍ରସ୍ତୁତି, କୃଷି ପାଣିପାଗ ସମ୍ପର୍କିତ ପରାମର୍ଶ ଓ ଆଞ୍ଚଳିକ ଜଳ ସଂସାଧନ ପ୍ରବନ୍ଧନରେ ଜିଲ୍ଲାମାନଙ୍କୁ ସହାୟତା ମିଳିବ। ଇସ୍ରୋ ସ୍ପଷ୍ଟ କରିଛନ୍ତି ଯେ ଜାତୀୟ ଅଭିଯାନକୁ ସମର୍ଥନ କରିବା ପାଇଁ ଜାତୀୟ ରିମୋଟ ସେନସିଂ କେନ୍ଦ୍ରରେ ପ୍ରତି ୧୨ ଦିନରେ ଦୁଇଟି ଅବଲୋକନ ସହିତ ୧୦୦ ମିଟର ଲେବୁଲର ୪ଟି ଡାଟା ମିଳିବ ଓ ଏହାକୁ ଭୂ ନିଧି ପୋର୍ଟାଲ ମାଧ୍ୟମରେ ପ୍ରସାରିତ କରାଯିବ। ଏଣୁ ଦେଶରେ ଚାଷୀ, ଗବେଷକ ଓ ସରକାରୀ ଏଜେନ୍ସୀଙ୍କୁ ନିର୍ବାଧ ସୂଚନା ପହଞ୍ଚିବା ସୁନିଶ୍ଚିତ ହେବ।

## ଏସ୍‌ସିବି ଓପିଡିରେ ବଡ଼ ପରିବର୍ତ୍ତନ

# ଏଣିକି ନିର୍ଦ୍ଦିଷ୍ଟ ବାର ବ୍ୟତୀତ ଅନ୍ୟ ଦିନ ଡାକ୍ତରଙ୍କୁ ଭେଟି ପାରିବେ ରୋଗୀ

**କଟକ, ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ରୋଗୀଙ୍କ ସୁବିଧା ପାଇଁ ବହିର୍ବିଭାଗ (ଓପିଡି) ଚିକିତ୍ସା ସେବାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ଏହି ନୂତନ ବ୍ୟବସ୍ଥା ଫଳରେ ଏବେ ରୋଗୀମାନେ ନିର୍ଦ୍ଧାରିତ ଦିନ ବ୍ୟତୀତ ଅନ୍ୟ କାର୍ଯ୍ୟ ଦିବସରେ ଚିକିତ୍ସା କରୁଥିବା ସମ୍ପୃକ୍ତ ଡାକ୍ତରଙ୍କ ପରାମର୍ଶ ପାଇପାରିବେ। ସେହିଦିନ ମିଳୁନଥିବା ପରୀକ୍ଷା ରିପୋର୍ଟକୁ ପରେ ସଂଗ୍ରହ କରି ସଂପୃକ୍ତ ଡାକ୍ତରଙ୍କ ୱାର୍ଡ-ଚାମ୍ବରକୁ ଯାଇ ରିପୋର୍ଟ ଦେଖାଇ ପରାମର୍ଶ ନେଇପାରିବେ ବୋଲି ଏସ୍‌ସିବି ପକ୍ଷରୁ ସୂଚନା ଦିଆଯାଇଛି।

# ପଞ୍ଚାୟତିରାଜ ବିଭାଗର ସମୀକ୍ଷା ବୈଠକ, ବ୍ଲକ ସ୍ତରରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କର : ପଞ୍ଚାୟତିରାଜ ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବ୍ଲକ ସ୍ତରରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କର। ଏପରିକି ସମସ୍ୟା ଜଣାଅ ଆବଶ୍ୟକ ପଡିଲେ ନିଜେ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ସମାଧାନ କରିବି। ପଞ୍ଚାୟତିରାଜ ବିଭାଗର ଏକ ସମୀକ୍ଷା ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଏହା କହିଛନ୍ତି। ରାଜ୍ୟର ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟାକୁ ତ୍ୱରିତ ବେଗରେ ଆଗେଇନେବା ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ଜିଲ୍ଲାରୁ ଆସିଥିବା ମୁଖ୍ୟ ଉନ୍ନୟନ ଅଧିକାରୀ (ସି.ଡି.ଓ) ଏବଂ ବ୍ଲକ ଉନ୍ନୟନ ଅଧିକାରୀ (ବି.ଡି.ଓ) ମାନଙ୍କ ସହ ବିଭାଗୀୟ ଯୋଜନାର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ଆଲୋଚନା କରିଥିଲେ। ବୈଠକରେ ବିଭାଗୀୟ କମିଶନର-ତଥା-ଶାସନ ସଚିବ ଗିରିଶ ଏସ୍.ଏନ୍ ଉପସ୍ଥିତ ଥିଲେ। ଏହି ସମୀକ୍ଷାରେ ମୁଖ୍ୟତଃ 'ବିକଶିତ ଗାଁ ବିକଶିତ ଓଡ଼ିଶା', ଅନ୍ତ୍ୟୋଦୟ ଗୃହ ଯୋଜନା, ମନରେଗା ଏବଂ ଗ୍ରାମୀଣ ସଂଯୋଗୀକରଣ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅଧିକାରୀମାନେ ପ୍ରକଳ୍ପଗୁଡ଼ିକର ବ୍ଲକସ୍ତରୀୟ ଅଗ୍ରଗତି, ସ୍ଥିତି ଓ ବ୍ୟୟ ସମ୍ପର୍କିତ ସମସ୍ତ ତଥ୍ୟ ମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଯେଉଁ ବ୍ଲକଗୁଡ଼ିକରେ ପ୍ରକଳ୍ପ କାର୍ଯ୍ୟର ଗତି ଧିମା ରହିଛି, ସେଠାରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମନ୍ତ୍ରୀ କହିଥିଲେ ଯେ ସରକାରଙ୍କ ପାଖରେ ପାଣ୍ଠିର ଅଭାବ ନାହିଁ; ଆମର କାର୍ଯ୍ୟ ହିଁ ଆମର ଦକ୍ଷତା ଓ ପ୍ରତିବଦ୍ଧତାର ପ୍ରମାଣ। କ୍ଷେତ୍ରସ୍ତରରେ କୌଣସି ସମସ୍ୟା ଥିଲେ ଜଣାନ୍ତୁ, ଦରକାର ପଡିଲେ ମୁଁ ନିଜେ ସେଠାରେ ପହଞ୍ଚି ସମସ୍ୟାର ସମାଧାନ କରିବି। ରାଜ୍ୟର ସମସ୍ତ ଗାଁକୁ ରାସ୍ତା ଦ୍ୱାରା ଯୋଡ଼ିବା ଉପରେ ଗୁରୁତ୍ୱ ଦେଇ ସେ ଏହି କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଗାଁର ଚେହେରା ବଦଳାଇବାର ସାମର୍ଥ୍ୟ ରଖିଛି ବୋଲି ସେ କହିଥିଲେ। ସେହିପରି ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସମ୍ପୂର୍ଣ୍ଣ ହୋଇଥିବା କାମର ବିଲ୍ ଓ କାଗଜପତ୍ର ସଠିକ୍ ସମୟରେ ଦାଖଲ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ପ୍ରକଳ୍ପର ପ୍ରକୃତ ସ୍ଥିତି ସରକାରୀ ରେକର୍ଡରେ ସଠିକ୍ ଭାବେ ପ୍ରତିଫଳିତ ହେବ ଏବଂ ସମୀକ୍ଷା ପ୍ରକ୍ରିୟା ଅଧିକ ଫଳପ୍ରଦ ହୋଇପାରିବ। ଏହି ବୈଠକରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟର ୩୦ ଜଣ ସିଡିଓ ଏବଂ ୩୮ ଜଣ ବିଡିଓ ଯୋଗ ଦେଇଥିଲେ।

# ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ତୋଷାଳି ମେଳାର ଲକ୍ଷ୍ୟ : ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆମ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏହା ଆମ ସମୃଦ୍ଧ ଐତିହ୍ୟର ପରିଚୟ ଏବଂ ଆମ ଅସ୍ମିତାର ନିଦର୍ଶନ। ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ତୋଷାଳି ମେଳାର ପ୍ରମୁଖ ଲକ୍ଷ୍ୟ। ସ୍ଥାନୀୟ ଜନତା ମୈଦାନଠାରେ ତୋଷାଳି ସ୍ୱଦେଶୀ ମେଳାକୁ ଉଦଘାଟନ କରିବା ଅବସରରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ସମ୍ମାନନୀୟ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଯୋଗ ଦେଇ କହିଥିଲେ ବୁଣାକାର ଓ କାରିଗରଙ୍କ ପାଇଁ ଓଡିଆ ଜାତି ଗର୍ବିତ। ଆମ ବୁଣାକାର ବନ୍ଧୁମାନେ ବୟନ ଅସ୍ମିତାର ସମର୍ଥ ସାରଥି ସାଜିଥିବା ବେଳେ ହସ୍ତଶିଳ୍ପୀ କାରିଗରମାନେ ଉତ୍କୃଷ୍ଟ କଳାର ବାର୍ତ୍ତାବହ ସାଜିଛନ୍ତି। ସେମାନଙ୍କ ଜୀବନ-ଜୀବିକାକୁ ଅଧିକ ସଶକ୍ତ କରିବା ପାଇଁ ଆମ ସରକାର ସମର୍ପିତ ଭାବେ କାର୍ଯ୍ୟ କରୁଛନ୍ତି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହସ୍ତଶିଳ୍ପ ନିର୍ଦ୍ଦେଶକ ଡକ୍ଟର ନିବେଦିତା ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୧୨ ଜଣ ହସ୍ତଶିଳ୍ପୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ସହିତ ସିଏସଆଇଆର-ଆଇଏମଏମଟି, ଭୁବନେଶ୍ୱର ଓ ଆଇଆଇପି-ମୁମ୍ବାଇ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସେହିପରି ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଆଇସିଏଆର-ନେସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ଫାଇବର୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଏବଂ ଓୟୁଟିଆ, ଭୁବନେଶ୍ୱର ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାବଲମ୍ବୀ ଅଭିଯାନର କ୍ଷେତ୍ରୀୟ ସଂଯୋଜକ ପ୍ରମୁଖ ସାରଦା ଶତପଥି, ପ୍ରସିଦ୍ଧ ବାଦ୍ଧ ଶିଳ୍ପୀ ପଦ୍ମଶ୍ରୀ ଶରତ କୁମାର ପାତ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳା ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଚଳିତବର୍ଷ ୯୦୫ ଗୋଟି ଷ୍ଟଲ ଖୋଲିଥିବା ବେଳେ ୨୦ ଟି ରାଜ୍ୟର ବୁଣାକାର ଓ କାରିଗର ଅଂଶଗ୍ରହଣ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-381E, ତା.09.02.2026ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ତାଳଚେର-ବିମଳଗଡ଼ ନୂଆ BG ଲାଇନ ସମ୍ବନ୍ଧୀୟ କୁଲେଇପୋଶ-ଗୋପନା-ବିମଳଗଡ଼ର HT / LT ପାୱାର ଲାଇନ କ୍ରସିଙ୍ଗର ରୂପାନ୍ତରଣ / ସ୍ଥାନାନ୍ତରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 436.39 ଲକ୍ଷ, EMD : ₹ 3,68,200/-, କାର୍ଯ୍ୟ ଶେଷ ହେବା ଅବଧି : 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.03.2026ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

**ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଚାପ୍ଟର-2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।**

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର

PR-264/CI/25-26


# ଲାଇନଚ୍ୟୁତ ହେଲା ମାଲବାହୀ ଟ୍ରେନ୍, ଟ୍ରାକ୍‌ରୁ ଖସିଲା ଗୋଟିଏ ବଗି

**କୋରାପୁଟ, ନ୍ୟୁଜ ବ୍ୟୁରୋ**

କୋରାପୁଟ-କିରୁଣ୍ଡଲ ରେଳପଥରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ମାନବର-ଜରଟି ମଧ୍ୟରେ ଥିବା ତେଲେଙ୍ଗିରି ନାଳ ନିକଟରେ ଲାଇନଚ୍ୟୁତ ହୋଇଛି ମାଲବାହୀ ଟ୍ରେନ୍। ସୂଚନାଯୋଗ୍ୟ ଯେ, କିରୁଣ୍ଡଲ ଠାରୁ ମାଲ୍ ବୋଝେଇ କରି ଆସୁଥିଲା ମାଲବାହୀ ଟ୍ରେନ୍। ଏହି ସମୟରେ ତେଲେଙ୍ଗିରି ନାଳ ନିକଟରେ ଗୋଟିଏ ବଗି ଲାଇନଚ୍ୟୁତ ହୋଇଯାଇଥିଲା। ଘଟଣାସ୍ଥଳରେ କୋରାପୁଟ ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଖୁବ୍‌ଶୀଘ୍ର ମାଲବାହୀ ଟ୍ରେନ୍‌ଟିକୁ ଟ୍ରାକ୍‌ରୁ ହଟାଯିବା ସହ ଟ୍ରେନ୍ ଟ୍ରାକ୍‌ରେ ରେଳ ଚଳାଚଳ ସ୍ୱାଭାବିକ ହେବ ବୋଲି ସୂଚନା ମିଳିଛି।



ଭୁବନେଶ୍ୱର, ୧୫ ଫେବୃୟାରୀ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ଶ୍ରୀଲୋକନାଥ ମନ୍ଦିରରେ ମହାଶିବରାତ୍ରୀ ପାଇଁ ୩୨ ସେକ୍ସନ ଫୋର୍ସ

**ପୁରୀ, ୧୪/୦୨ ନ୍ୟୁଜ ବ୍ୟୁରୋ**

ରାଜ୍ୟର ପ୍ରମୁଖ ଶୈବପୀଠ ଶ୍ରୀକ୍ଷେତ୍ରର ଶ୍ରୀଲୋକନାଥ ମନ୍ଦିରରେ ମହାଶିବରାତ୍ରୀ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ପୁରୀ ଜିଲ୍ଲା ଓ ପୋଲିସ ପ୍ରଶାସନ ସହ ଶ୍ରୀଲୋକନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତ ନିଯୋଗ ପକ୍ଷରୁ ଶ୍ରୀଲୋକନାଥ ଦେବଙ୍କ ରୀତି, ନୀତି, ହରିହର ଭେଟ, ମହାଦୀପ ତଥା ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଶ୍ରୀକ୍ଷେତ୍ରରେ ପଞ୍ଚପାଣ୍ଡବ ମଧ୍ୟରେ ଶ୍ରୀଲୋକନାଥ ଦେବ ରୂପରେ କଳ୍ପିତ । ସେହିପରି ଲକ୍ଷେ ଲିଙ୍ଗର ରାଜା ଶ୍ରୀଲୋକନାଥଙ୍କୁ କୁହାଯାଏ । ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ସାଢ଼େ ୧୨ଟାରୁ ଦ୍ୱାର ଫିଟା ଯିବା ପରେ ମଙ୍ଗଳ ଆଳତୀ, ମଇଲମ ଓ ଦୈନନ୍ଦିନ ନୀତି ସରିବା ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ରବିବାର ଭକ୍ତମାନେ ବଡ଼ି ଭୋରୁ ଲାଇନ୍ ବାନ୍ଧି ଶ୍ରୀଲୋକନାଥ ଦେବଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିପାରିବେ।

ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିଜ ପ୍ରତିକ୍ରିୟାରେ କହିଛନ୍ତି,'ମହାଶିବରାତ୍ରୀ ଅବସରରେ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଲମ୍ବା ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି । ଏଥିସହ ସ୍ୱତନ୍ତ୍ର ଟ୍ରାଫିକ, ଆଇନଶୃଙ୍ଖଳା, ପାନୀୟ ଜଳ ଯୋଗାଣ, ଆଲୋକ ବ୍ୟବସ୍ଥା ଓ ପରିମଳ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ପୁରୀ ଏସ୍‌ପି ପ୍ରତୀକ ସିଂ ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ଜାଗର ଯାତ୍ରା ପାଇଁ ପ୍ରବଳ ଭକ୍ତଙ୍କ ସମାଗମ ହେବାକୁ ଥିବାବେଳେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୩୨ ସେକ୍ସନ ଫୋର୍ସ, ୧୬ ଇନ୍ସପେକ୍ଟର, ୬ ଡିଏସପି, ଜଣେ ଅତିରିକ୍ତ ଏସ୍‌ପି ମୁତୟନ ହୋଇଛନ୍ତି। ଟ୍ରାଫିକ ସୁପରିଚାଳନା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ତେବେ ଲାଇଟ ହାଉସ, ମଙ୍ଗଳାଘାଟ, ଗାଣ୍ଡୁଆ ଚଉରା ଛକ ଠାରୁ ନୋ ଭେହିକିଲ୍ ଜୋନ୍ କରାଯାଇଛି । ଭକ୍ତମାନେ ପ୍ରଶାସନର ସମସ୍ତ ନିୟମ ଅନୁପାଳନ କରି ଶାନ୍ତି ଶୃଙ୍ଖଳାର ସହ ଜାଗର ଯାତ୍ରା ପାଳନ କରିବାକୁ ସେ ନିବେଦନ କରିଛନ୍ତି।

# ଆଜି ମହାଶିବରାତ୍ରୀ : ରାତି ୧୦ଟାରେ ଉଠିବ ମହାଦୀପ

**ଭୁବନେଶ୍ୱର, ୧୪/୦୨ ନ୍ୟୁଜ ବ୍ୟୁରୋ**

ରବିବାର ଜାଗର । ଭକ୍ତ ମନ ବ୍ୟାକୁଳ ହେଲାଣି। ନେତ୍ର ଦେଖିବ ସେହି ପବିତ୍ର ଫାଲଗୁନ କୃଷ୍ଣ ଚର୍ତୁଦ୍ଦଶୀର ଶ୍ରେଷ୍ଠ ରାତ୍ରୀ ବା ମହାଶିବରାତ୍ରୀ । ମହାଶିବରାତ୍ରୀରେ ମହାଦୀପ ଦର୍ଶନ କରିବା ପାଇଁ ସମସ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଉଦ୍ଦେଶ୍ୟରେ କରିବେ ଉପବାସ ଓ ଉପାସନା। ଏହି ମହାନ ପର୍ବ ପାଇଁ ଏକାମ୍ରରେ ସରିଛି ସମସ୍ତ ପ୍ରସ୍ତୁତି । ଭକ୍ତଙ୍କ ପହଞ୍ଚିବା ଲାଗି ସ୍ୱତନ୍ତ୍ର ବସସେବା, ଶୃଙ୍ଖଳିତ ଧାଡ଼ି ଦର୍ଶନ ପାଇଁ ବ୍ୟାରିକେଡ, ବିଶୁଦ୍ଧ ପିଇବା ପାଣି, ଜରୁରୀ କାଳିନ ମେଡିକାଲ ଓ ଅଗ୍ନିଶମ ସେବା, ସ୍ନାନ ଶୌଚ ପାଇଁ ଶୌଚାଳୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଭଜନ ଜଣାଣ, ପ୍ରବଚନ ସାଙ୍ଗକୁ ସମସ୍ତ ଜରୁରି ସୂଚନା ପ୍ରଦାନ, ସୁରକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ ପୁଲିସ ମୁତୟନ ସହ ସିସି କ୍ୟାମେରା ବ୍ୟବସ୍ଥା କରାଯାଇଛି । ତେଣୁ ଏଥର ସୁରକ୍ଷିତ, ଶୃଙ୍ଖଳିତ ଓ ନୀତି ନିର୍ଘଣ୍ଟରେ ସମସ୍ତ କାର୍ଯ୍ୟ ହେବ ବୋଲି ପ୍ରଶାସନଠାରୁ ଶ୍ରଦ୍ଧାଳୁଙ୍କ ପର୍ଯ୍ୟନ୍ତ ସମସ୍ତେ ଆଶାବାଦୀ ଅଛନ୍ତି । ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ନୀତି ନିର୍ଘଣ୍ଟରେ ସାମନ୍ୟ ପରିବର୍ତ୍ତନ ହୋଇଛି । ପରିବର୍ତ୍ତିତ ନୀତି ନିର୍ଘଣ୍ଟ ମୁତାବକ ଦିନ ୧୧ରୁ ୧୨ଟା, ମହାସ୍ନାନ ବେଶ ଦିନ ୧୨ଟାରୁ ୧୨ଟା ୪୫, ସୂର୍ଯ୍ୟପୂଜାରୁ ସକାଳ ଧୂପ ଦ୍ୱିପହର ସାଢେ ୨ଟା ମଧ୍ୟରେ, ଭୁବନେଶ୍ୱରୀଙ୍କ ସକାଳଧୂପ ୨ଟା ୪୫, ଭୋଗମଣ୍ଡପ ୩ଟା ୪୫ ସୁଦ୍ଧା ସମାପନ, ଦ୍ୱିତୀୟ ସାହାଣମେଲା ୪ଟା ୪୫ରେ ସମ୍ପନ୍ନ ହେବ । ଛାମୁ ପରିଷ୍କାର ସନ୍ଧ୍ୟା ୫ଟା୪୫ ପୂର୍ବରୁ, ବୀରକେଶରୀ ବଲ୍ଲଭରୁ ଭୁବନେଶ୍ୱରୀଙ୍କ ଦତଦୀପ୍ରହର ଧୂପ ସନ୍ଧ୍ୟା ୭ ଘଟିକା, ୧୦ ମିନିଟ ପାଇଁ ପହୁଡ, ଆଳତୀ ଓ ଟେରାଫିଟା ସନ୍ଧ୍ୟା ସାଢେ ୭ଟାରେ ସମ୍ପନ୍ନ ହେବ । ମାଜଣା ଓ ବେଶ ସାଢେ ୭ରୁ ରାତି ୮ଟା ୧୦, ଶ୍ରୀଜୀଉଙ୍କ ଯାତ୍ରା ପୂଜା ଓ ବେଢା ୮ଟା୧୦ରୁ ୮ଟା୫୫, ସନ୍ଧ୍ୟାଧୂପ ଓ ତୀର୍ଥ ଜଳ ଆନୟନ କରି ମହାଦୀପ ଦର୍ଶନ ନୀତି ରାତି ୧୦ଟାରେ ବଢିବ । ପରେ ତୃତୀୟ ପର୍ଯ୍ୟାୟ ସାହାଣମେଲା ଦର୍ଶନ, ଭୁବନେଶ୍ୱରୀଙ୍କ ସନ୍ଧ୍ୟାଧୂପ ଓ ପୂଜା, ଛାମୁ ପରିଷ୍କାର, ଚାରି ପ୍ରହର ପୂଜା, ହରିହର ଭେଟ, ବଡସିଂହାର ଓ ପହୁଡାଦି ନୀତି ସୋମବାର ଭୋର ସାଢେ ୫ଟାରେ ସମ୍ପନ୍ନ ହେବ । ସୂଚନାଯୋଗ୍ୟ, ଗତ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ପ୍ରସ୍ତୁତି ପାଇଁ ସେବାୟତ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ପୂଜାପଣ୍ଡା ନିଯୋଗ ସଭାପତି ପ୍ରସନ୍ନ ପୂଜାପଣ୍ଡା ସୋମବାର ସକାଳ ୭ଟା୫୫ରେ ସରୁଥିବା ଜାଗର ନୀତି ରବିବାର ହିସାବରେ ରହିବ ନାହିଁ ବୋଲି କହିଥିଲେ । ତେଣୁ କୌଣସି ମତେ ସମସ୍ତ ନୀତି ସକାଳ ୬ଟା ୧୫ ସୁଦ୍ଧା ସାରିବାକୁ ସେ ପ୍ରସ୍ତାବ ରଖିଥିଲେ । ଉକ୍ତ ପ୍ରସ୍ତାବରେ ମୁଖ୍ୟମନ୍ତ୍ରୀ ସହମତି ହୋଇ ଟ୍ରଷ୍ଟବୋର୍ଡ ସଭାପତି ତଥା ଜିଲ୍ଲାପାଳଙ୍କୁ ନୀତି ନିର୍ଘଣ୍ଟ ସଂଶୋଧନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଲକ୍ଷାଧିକ ଲୋକଙ୍କ ସମାଗମକୁ ନଜର ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଶୃଙ୍ଖଳିତ ଦର୍ଶନ ପାଇଁ ଉଭୟ ମନ୍ଦିର ବାହାରେ ଓ ଭିତରେ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଛି । ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଆଖି ଆଗରେ ରଖି ୪୧ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶୃଙ୍ଖଳିତ ଟ୍ରାଫିକ୍ ପରିଚାଳନା ଲାଗି କଟକଣା ଜାରି କରାଯାଇଥିବାବେଳେ ଗାଡ଼ି ରଖିବା ଲାଗି ମୋଟ ୧୨ଟି ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। ସେପଟେ ମହାଶିବରାତ୍ରୀରେ ଜାଲ୍ ପାସ୍ ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ମହାଶିବରାତ୍ରୀରେ ମହାଦୀପ ରାତି ୧୦ଟାରେ ଉଠିବା ପରେ ଚାରି ପ୍ରହର ପୂଜା, ହରିହର ଭେଟ, ବଡ଼ସିଂହାର ଓ ପହୁଡ ସୋମବାର ଭୋର ସାଢେ ୫ଟାରେ ସମ୍ପନ୍ନ ହେବ । ଏ ନେଇ ସ୍ୱତନ୍ତ୍ର ବିଜ୍ଞପ୍ତି ମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଛି। ନୂଆ ନୀତି ଅନୁଯାୟୀ, ମଙ୍ଗଳ ଆଳତୀ ଓ ଅବକାଶ ଭୋର ୩ଟାରୁ ସାଢେ୩ଟା, ସାହଣମେଲା ଦର୍ଶନ ଭୋର ସାଢେ ୩ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ, ରୋଷ ହୋମ ସାଢେ ୬ଟା, ଛାମୁ ପରିଷ୍କାର

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୪/୦୨/୨୦୨୬
୧୦,୩୮,୮୩୧ ଟଙ୍କା
ସୁନା:-୦୩ ଗ୍ରାମ୍ ୮୦୦ ମିଲିଗ୍ରାମ୍
ରୂପା:-୭୨ ଗ୍ରାମ୍ ୮୦୦ ମିଲିଗ୍ରାମ୍

## ସୋମବାରଠୁ ଆଧାର ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୧୪/୦୨ ନ୍ୟୁଜ ବ୍ୟୁରୋ**

ଫେବୃୟାରୀ ୧୬ ତାରିଖରୁ ଆରମ୍ଭ ହେବ ଆଧାର ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି। ଆଧାର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆସନ୍ତା ସୋମବାର ଠାରୁ ଅଭିଯୋଗ ଶୁଣାଣି ଆରମ୍ଭ ହେବ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ତରଫରୁ ଓକାକ ଟାୱାର, ପଠାଣି ସାମନ୍ତ ପ୍ଲାନେଟୋରିଅମ ପାର୍ଶ୍ୱ ଗେଟ୍ ଠାରେ ଶୁଣାଣି କରାଯିବ। ଏଥିପାଇଁ ପ୍ରଥମେ ଓକାକ ପୋର୍ଟାଲ https://www.ocac.inରେ ଦିଆଯାଇଥିବା ଲିଙ୍କ ମାଧ୍ୟମରେ ପଞ୍ଜିକରଣ କରିବାକୁ ପଡ଼ିବ।

### ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ

# ସାହିତ୍ୟ ଓ ସଂସ୍କୃତି ବିକଶିତ ସଭ୍ୟତାର ଲକ୍ଷଣ

**ଭୁବନେଶ୍ୱର ୧୪/୦୨ ନ୍ୟୁଜ ବ୍ୟୁରୋ**

ଯେକୌଣସି ବିକଶିତ ସଭ୍ୟତା ସାହିତ୍ୟ ଓ ସଂସ୍କୃତିକୁ ନେଇ ଗର୍ବ କରିଥାଏ । ସେହିପରି ସତ୍ ସାହିତ୍ୟ ସବୁବେଳେ ମଣିଷର ଆତ୍ମାର ସ୍ୱରକୁ ଉପସ୍ଥାପନ କରିଥାଏ । ଏହା ମଣିଷପଣିଆର ଜୟଗାନ କରେ । ପ୍ରକୃତ ସାହିତ୍ୟ ଯେତେ ପରୀକ୍ଷାନିରୀକ୍ଷା ହେଉ ମଧ୍ୟ ଚେତନା ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ପ୍ରସିଦ୍ଧ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ ଉଲ୍ଲେଖ କରିଛନ୍ତି । ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଜୟଦେବ ଭବନରେ ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡ. ରାୟ କହିଲେ ଯେ ଆମ ସଂସ୍କୃତିରେ ବାର ମାସରେ ତେର ପର୍ବ ପରି ସାହିତ୍ୟ ପର୍ବ ଆଉ ଏକ ସଂଯୋଜନା । ସୁତରାଂ, ସାହିତ୍ୟ ପର୍ବରେ ଆମର ସାଂସ୍କୃତିକ ପରିଚୟକୁ ପ୍ରକାଶ କରିବା ନିମନ୍ତେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ। ସେ ଆୟୋଜକ ଅନୁଷ୍ଠାନ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରସିଦ୍ଧ ଲେଖକ ଓ ସ୍ତମ୍ଭକାର ଦାଶ୍ ବେନହୁର ସାହିତ୍ୟର ଭୂମିକା ଓ ଲେଖକର ସାମାଜିକ ଦାୟବଦ୍ଧତା ଉପରେ ଆଲୋକପାତ କରିଥିବାବେଳେ ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ବସନ୍ତ କୁମାର ପଣ୍ଡା ଓଡ଼ିଆ ସାହିତ୍ୟର ବିଶାଳ ପରମ୍ପରା ଓ ବିଶେଷତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଉଭୟ ଅତିଥି ଶ୍ରୀ ଦାଶ୍ ବେନହୁର ଓ ପ୍ରଫେସର ପଣ୍ଡା ସମକାଳୀନ ସାହିତ୍ୟିକମାନଙ୍କୁ ଅଧିକତର ଅଧ୍ୟୟନ ଓ ସମାଜନିଷ୍ଠ ହେବାକୁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ସଭାପତି ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ କବି ମନୋରଞ୍ଜନ ପାଣିଗ୍ରାହୀଙ୍କୁ 'କୈଳାସ ଲେଙ୍କା ସୃଜନ ସମ୍ମାନ' ଓ ପ୍ରଫେସର ଚକ୍ରଧର ବେହେରାଙ୍କୁ 'ଦିନନାଥ ପାଠୀ ଶିକ୍ଷୀ ସମ୍ମାନ' ପ୍ରଦାନ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ମୁଖପତ୍ର 'କବିତା-୨୦୨୫', ସାହିତ୍ୟ ପର୍ବ ସ୍ମରଣିକା 'ଆସର' ଓ କୁମୁଦିନୀ ଜୀଙ୍କ ଲିଖିତ କବିତା ପୁସ୍ତକ 'ଘୁଙ୍ଗୁର କାହିଁକି ବାନ୍ଧିନି ମୁଁ' ଲୋକାର୍ପିତ ହୋଇଥିଲା । ଉତ୍ସବରେ ନିର୍ଦ୍ଦେଶକ ଡ. ଅଶୋକ ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ଯୁବଲେଖକ ଅଂଶୁମାନ ସାହୁ ସଂଯୋଜନା କରିଥିଲେ । ସମ୍ପାଦିକା ସୋନାଲି ମହାପାତ୍ର ଅନୁଷ୍ଠାନର ବିବରଣୀ ପାଠ କରିଥିଲେ । ମୌସୁମୀ ଦାସ ଓ ଶୈଳେନ୍ଦ୍ର କୁମାର ଜେନା ମାନପତ୍ର ପାଠ କରିଥିବାବେଳେ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଘାଟନ ଉତ୍ସବ ପରେ ପରେ 'ଭାରତୀୟତା: ନୂଆ ସମୟ, ନୂଆ ଭୂମିକା' ପ୍ରସଙ୍ଗ ଉପରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ପ୍ରାକ୍ତନ ପ୍ରଶାସକ କଲ୍ୟାଣ ରାୟ, ସ୍ତମ୍ଭକାର ସୌମେନ୍ଦ୍ର ଜେନା ଓ ଲେଖିକା ନବଜ୍ୟୋତି ରାୟ ବକ୍ତବ୍ୟ ରଖିଥିବାବେଳେ ଅଧ୍ୟାପକ ନେତାଜୀ ଅଭିନନ୍ଦନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ନୃତ୍ୟଗୁରୁ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କ ସହିତ ଏକ ଅନ୍ତରଙ୍ଗ ଆଳାପ କରିଥିଲେ ବିଶିଷ୍ଟ ଲେଖିକା ଅଧ୍ୟାପିକା ହିରଣ୍ମୟୀ ମିଶ୍ର । ପରେ ପରେ ଭଏସ୍ ଆର୍ଟିଷ୍ଟମାନଙ୍କୁ ନେଇ 'ନେପଥ୍ୟରୁ ସ୍ୱର: କଣ୍ଠ କାରିଗର' ବିଷୟ ଉପରେ ବୃତ୍ତିଗତ ଜୀବନର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ସଂଗୀତକାର ଶରତ ନାୟକ, ଭଏସ୍ ଆର୍ଟିଷ୍ଟ ରାକ୍ଷୀ ଦାଶ ଓ ସୁଧାକର ଦାସ । ଅପରାହ୍ନରେ 'ଓଡ଼ିଆ ସଂଗୀତ ଓ ଲୋକସଂସ୍କୃତି' ପ୍ରସଙ୍ଗ ନେଇ ଅନୁଷ୍ଠିତ ଆଲୋଚନା ସଭାରେ ସୁଗାୟିକା ଡ. ଆଦ୍ୟାଶା ଦାସ, ସୁସ୍ମିତା ଦାସ, ମହାପ୍ରସାଦ କର ଓ ଅନିନ୍ଦିତା ଦାସ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବିଶିଷ୍ଟ ସିନେ ସମୀକ୍ଷକ ଓ ଗବେଷକ ଡ.ସୂର୍ଯ୍ୟ ଦେଓ ସଞ୍ଚାଳନ କରିଥିଲେ। ପ୍ରସିଦ୍ଧ କବି ପ୍ରଫେସର ଡ. ସୌଭାଗ୍ୟ କୁମାର ମିଶ୍ରଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା ସମକାଳର ଯୁବକବିଙ୍କ ସ୍ୱର 'ଓଡ଼ିଆ କବିତାରେ ନବତରଙ୍ଗ'। ଏଥିରେ ନବପ୍ରଜନ୍ମର କବି ଜିତୁ ପ୍ରଧାନ, ସୁମିତ୍ ପଣ୍ଡା, ତୃପ୍ତି ରଞ୍ଜନ ଦାସ, ଜ୍ୟୋତି ରଞ୍ଜନ ବାରିକ, ସଂଗ୍ରାମ ମହାରଣା, ଅଂଶୁମାନ ସାହୁ (ଖ), ଐଶ୍ୱର୍ଯ୍ୟା ରାଉତ, ଶୀତଲ ମିଶ୍ର, ସଂଘମିତ୍ରା ଭୂତିଆ, ଅଂଶୁମାନ ଜେନା, ନିହାର ରଞ୍ଜନ ପରିଡ଼ା, ଶିବ ଚରଣ ମହାପାତ୍ର, ସ୍ଥିତିପ୍ରଜ୍ଞା ସାହୁ, ସ୍ରୋତସ୍ୱିନୀ ପରିଡ଼ା, ରଶ୍ମିତା ବେହେରା, ବେଦପ୍ରକାଶ ନାୟକ, ଡ. ସୁବ୍ରତ ସେନାପତି, ଗୌରୀ ସାହୁ, ମନିଷା ବିଶ୍ୱାଳ ଓ ନାରାୟଣ ସହୁ ପ୍ରମୁଖ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଂଶୁମାନ ସାହୁ । ସନ୍ଧ୍ୟାରେ କଳାତ୍ମକ ଓଡ଼ିଆ ସିନେମା 'ଧାରେ ଆଲୁଅ'ର ପର୍ଦ୍ଦାୟନ ହୋଇଥିଲା। ସୂର୍ଯ୍ୟମଣି ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟ ପର୍ବର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ, ଡ. ନନ୍ଦକିଶୋର ବିଶ୍ୱାଳ, ଡ. ପ୍ରଦୀପ୍ତ ବାରିକ, ଉପସଭାପତି ମିନତି ଦାସ, ସଂଜୟ ମହାନ୍ତି, ବିଧୁଭୂଷଣ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ । ରବିବାର ସାହିତ୍ୟ ପର୍ବ ଉଦ୍‌ଯାପିତ ହେବ ।



# ଲିଙ୍ଗରାଜ ମନ୍ଦିରରେ ପ୍ଲାଷ୍ଟିକ୍ ମନା




**ଭୁବନେଶ୍ୱର, ୧୪/୦୨ ନ୍ୟୁଜ ବ୍ୟୁରୋ**

ରବିବାର ଜାଗର। ଲିଙ୍ଗରାଜ ମନ୍ଦିରରେ ଜମିବ ଶ୍ରଦ୍ଧାଳୁଙ୍କ ଭିଡ଼। ତେବେ ଜାଗର ପୂର୍ବରୁ ଲିଙ୍ଗରାଜ ମନ୍ଦିରରେ ଜାରି ହୋଇଛି ନୂଆ କଟକଣା । ମନ୍ଦିରକୁ ପ୍ଲାଷ୍ଟିକ୍ ମନା । କେବଳ ପତ୍ର, କାଠ, କାଗଜ ସାମଗ୍ରୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ନୈବେଦ୍ୟ ବିସର୍ଜନ ପାଇଁ ପୋଖରୀରେ ରହିବ ଆବଦ୍ଧ ଅଞ୍ଚଳ। ପ୍ରଦୂଷଣ ନିୟନ୍ତ୍ରଣ ଲାଗି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶାବଳୀ ଜାରି କରିଛି। ନିର୍ଦ୍ଦେଶାବଳୀ ଅନୁଯାୟୀ, ଏଣିକି ଲିଙ୍ଗରାଜ ମନ୍ଦିରକୁ ଶ୍ରଦ୍ଧାଳୁ ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍‌ରେ ଭୋଗ ନେଇପାରିବେ ନାହିଁ। ପୂଜା ସାମଗ୍ରୀ, ପ୍ରସାଦସେବନ ତଥା ଖାଦ୍ୟ ସାମଗ୍ରୀ ନେବାକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ଲାଗି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପରିବେଶ ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଏବଂ ପରବର୍ତ୍ତୀ ସଂଶୋଧିତ ନିୟମ ଆଧାରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ ହୋଇଛି। ପ୍ଲାଷ୍ଟିକ୍, ପଲିଥିନ୍ ପରି ଅଳିଆ ଆବର୍ଜନା ଯୋଗୁଁ ହେଉଥିବା ପ୍ରଦୂଷଣ ହ୍ରାସ ଏବଂ ଜନସାଧାରଣଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ଏସ୍‌ପିସିବି କହିଛି। ଏଥିସହ ଭକ୍ତ, ପୂଜା ସାମଗ୍ରୀ ବ୍ୟବସାୟୀ, ମନ୍ଦିର ପରିଚାଳନା କମିଟି ପାଇଁ ମଧ୍ୟ ନିର୍ଦ୍ଦେଶାବଳୀ ଜାରି ହୋଇଛି।

### କଟକ ପୁଲିସକୁ ଅଡୁଆରେ ପକାଇଛି ସାଇବର ଅପରାଧ ମାମଲା

# ପୁରୁଣା କେସ୍ ବନ୍ଦ ପାଇଁ ଥାନା ଅଧିକାରୀଙ୍କ ପ୍ରସ୍ତାବ

**କଟକ,୧୪/୦୨ ନ୍ୟୁଜ ବ୍ୟୁରୋ**

କଟକ ପୁଲିସକୁ ଏବେ ସାଇବର କେସ୍ ଅଡୁଆରେ ପକାଇଛି । ପୁରୁଣା ମାମଲାଗୁଡ଼ିକର ତଥ୍ୟ ମିଳୁନଥିବାରୁ ସେସବୁର ତଦନ୍ତ କେମିତି ସରିବ ତାହାକୁ ନେଇ ପୁଲିସ ଚିନ୍ତାରେ ପଡ଼ିଛି । ଗୋଟିଏ ପଟେ ଅଭିଯୋଗକାରୀ କେସ୍‌କୁ ନେଇ ତନାଘନା କରୁଥିବା ବେଳେ ଅନ୍ୟପଟେ ଗଡୁଥିବା ମାମଲା ବୋଝ ବଢ଼ାଇ ଚାଲିଛି । ତେଣୁ ଦୀର୍ଘ ଦିନ ହେବ ପଡ଼ିଥିବା ପୁରୁଣା କେସ୍‌କୁ ବନ୍ଦ କରି ଦେବା ପାଇଁ ବିଭିନ୍ନ ଥାନା ଅଧିକାରୀ ପ୍ରସ୍ତାବ ଦେଇଛନ୍ତି । ମିଳିଥିବା ତଥ୍ୟ ଅନୁସାରେ, ଗତ ୫ବର୍ଷ ଅର୍ଥାତ୍ ୨୦୨୧ରୁ ୨୦୨୫ ମଧ୍ୟରେ କଟକର ବିଭିନ୍ନ ଥାନା ଓ ସାଇବର ଥାନାରେ ରୁଜୁ ହୋଇଥିବା ୪୦୭ଟି ସାଇବର ମାମଲାର ଆବଶ୍ୟକୀୟ ତଥ୍ୟ ପୁଲିସ ଏଯାବତ ପାଇପାରିନି । ଯେଉଁ ତଥ୍ୟ ବି ଆସିଛି ତାହା ଅସଂପୂର୍ଣ୍ଣ । ଅର୍ଥାତ୍ ଏହି ତଥ୍ୟ ଦ୍ୱାରା ସାଇବର ଠକ ବା ଅଭିଯୁକ୍ତ ପାଖରେ ପହଞ୍ଚି ହେବନି। ସେହି ହିସାବରେ ୨୦୨୧ ମସିହାର ୬୧, ୨୦୨୨ ମସିହାର ୭୨, ୨୦୨୩ ମସିହାର ୯୩, ୨୦୨୪ ମସିହାର ୮୩ ଓ ୨୦୨୫ ମସିହାର ୯୮ ମାମଲାର ତଥ୍ୟ ପୁଲିସ ପାଖରେ ନାହିଁ। ସେଥିରୁ ମୋଟ୍ ୩୬୨ ଠକେଇ ମାମଲା ଥିବାବେଳେ ୪୯ଟି ମାମଲାରେ ମହିଳା ବିରୋଧୀ ଅପରାଧ ଅଟେ । ବହୁ ମାମଲାରେ ସଂପୃକ୍ତ ଏଜେନ୍ସି ତଥ୍ୟ ପ୍ରଦାନ କରିନି। ମେଟା, ଗୁଗଲ ଓ ମାଇକ୍ରୋସଫ୍ଟରୁ ଆବଶ୍ୟକୀୟ ତଥ୍ୟ ଆସିନି । ବାରମ୍ଭାର ରିମାଇଣ୍ଡର ପଠାଇବା ପରେ ମଧ୍ୟ ସଂପୃକ୍ତ ସଂସ୍ଥା ତଥ୍ୟ ଦେଉନାହିଁ । ସେହିପରି କିଛି ବ୍ୟାଙ୍କ୍ ମଧ୍ୟ ତଥ୍ୟ ପ୍ରଦାନ କରିନାହାନ୍ତି । ଫଳରେ ଏସବୁ ମାମଲାର ତଦନ୍ତ ଆଗେଇ ପାରୁନି । ସେହିପରି ଯେଉଁ କିଛି କେସ୍‌ରେ ଅଳ୍ପ ମାତ୍ରାରେ ତଥ୍ୟ ମିଳିଛି ତାହା ତଦନ୍ତରେ ସହାୟତା କରୁନାହିଁ । କେବଳ ସେତିକି ନୁହେଁ, ବହୁ ମାମଲାରେ ଠକେଇ ପରିମାଣ ୧୦ରୁ ୪୦ ହଜାର ଟଙ୍କା ଭିତରେ ରହିଥିବାରୁ ସଂପୃକ୍ତ ଏଜେନ୍ସି ମଧ୍ୟ ଗୁରୁତ୍ୱ ନଦେଇ ତଥ୍ୟ ପଠାଉ ନାହାନ୍ତି। ତେଣୁ ଏସବୁ ମାମଲା ବର୍ଷକୁ ବର୍ଷ ବୋଝ ହୋଇ ଚାଲିଛି । ପ୍ରତିବର୍ଷ ଅନସଲଭ କେସ୍‌ର ସଂଖ୍ୟା ବଢୁଥିବାରୁ ତାହା ସିସିଟିଏନ୍‌ଏସ୍‌ରେ ମଧ୍ୟ ପ୍ରତିକୂଳ ମନ୍ତବ୍ୟ ଦେଉଛି । ତେଣୁ ଏଭଳି କେସ୍‌ଗୁଡ଼ିକୁ ବନ୍ଦ କରିବାକୁ ଥାନା ଅଧିକାରୀମାନେ ପ୍ରସ୍ତାବ ଦେଇଛନ୍ତି। ବିଶେଷ କରି ଯେଉଁ କେସ୍‌ଗୁଡ଼ିକରେ ତଥ୍ୟ ଆଉ ଆଦୌ ମିଳିବାର ନାହିଁ ସେଗୁଡ଼ିକୁ ଧିରେଧିରେ ବନ୍ଦ ବା କ୍ଲୋଜର କରିବାକୁ ଥାନା ଅଧିକାରୀମାନେ ପ୍ରସ୍ତାବ ଦେଇଛନ୍ତି । ଏନେଇ କଟକ ପୁଲିସ ପକ୍ଷରୁ ବିଚାର କରାଯାଉଛି । ଉକ୍ତ ମାମଲା ଗୁଡ଼ିକୁ ବିଭିନ୍ନ ବର୍ଗରେ ବିଭକ୍ତ କରି ବନ୍ଦ କରିବା ପାଇଁ ଏହା ମଧ୍ୟରେ ପ୍ରକ୍ରିୟା ଆରମ୍ଭ ହୋଇଛି । ଶେଷଥର ଏକ ରିମାଣ୍ଡର ପଠାଇ ତଥ୍ୟ ପାଇଁ କିଛି ଦିନ ଅପେକ୍ଷା କରିବାକୁ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ପରେ ଯଦି ତଥ୍ୟ ନଆସେ ତା'ହେଲେ ଆସନ୍ତା ମାସରୁ କେସ୍ ବନ୍ଦ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କଟକ ପୁଲିସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।



# ଶକ୍ତି ସହଯୋଗ ପାଇଁ ନାଲ୍‌କୋର ଏନ୍‌ଏଲ୍‌ସିଆଇଏଲ୍ ସହିତ ବୁଝାମଣାପତ୍ର ସ୍ୱାକ୍ଷର

**ଭୁବନେଶ୍ୱର, ୧୪/୦୨ ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ ସିପିଏସ୍‌ଇ, ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଶନିବାର ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ (ଏନ୍‌ଏଲ୍‌ସିଆଇଏଲ୍) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି, ଯାହା ଦ୍ୱାରା ୧୦୮୦ ମେଗାୱାଟ୍ ତାପଜ କ୍ୟାପ୍ଟିଭ୍ ପାୱାର ପ୍ରକଳ୍ପ ଏବଂ ନବୀକରଣୀୟ ଶକ୍ତି ବିକାଶରେ ସହଯୋଗକୁ ସୁଦୃଢ଼ କରାଯାଇପାରିବ। ମହାବଳୀପୁରମ (ତାମିଲନାଡୁ) ଠାରେ ନାଲ୍‌କୋ ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା ଏବଂ ଏନ୍‌ଏଲ୍‌ସିଆଇଏଲ୍‌ର ସିଏମ୍‌ଡି ପ୍ରସନ୍ନ କୁମାର ମୋଟୁପାଲି ଏବଂ ଏନ୍‌ଏଲ୍‌ସିଆଇଏଲର ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା।

ସ୍ଥାୟୀ ଶକ୍ତି ସମାଧାନ ଉପରେ ଧ୍ୟାନ ଦେଇ ନାଲ୍‌କୋର କ୍ୟାପ୍ଟିଭ୍ ଏବଂ ଦୀର୍ଘକାଳୀନ ବିଦ୍ୟୁତ୍ ଆବଶ୍ୟକତାକୁ ସମର୍ଥନ କରିବା ପାଇଁ ଏହି ଏମଓୟୁର ଲକ୍ଷ୍ୟ ରହିଛି। ଏହା ଦୀର୍ଘକାଳୀନ ବିଦ୍ୟୁତ୍ ସଂଯୋଗ ଏବଂ କୋଇଲା ଯୋଗାଣ ବ୍ୟବସ୍ଥା ଅନୁସନ୍ଧାନ କରିବା ପାଇଁ ଏକ ସଂରଚିତ ଢାଞ୍ଚା ପ୍ରଦାନ କରେ। ଏହି ସହଭାଗୀତା ଭବିଷ୍ୟତରେ ମିଳିତ ପ୍ରକଳ୍ପ ବିକାଶକୁ କଳ୍ପନା କରିବ।



## ଶୀଘ୍ର ହେବ ଯୁକ୍ତ ତିନି ଓ ପିଜି ନାମଲେଖା : ଜୁଲାଇ ୧୦ରୁ ପାଠପଢ଼ା

**ଭୁବନେଶ୍ୱର, ୧୪/୦୨ ନ୍ୟୁଜ ବ୍ୟୁରୋ**

ଆସନ୍ତା ଶିକ୍ଷା ବର୍ଷ (୨୦୨୬-୨୭) ନାମଲେଖା ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଛି ଉଚ୍ଚଶିକ୍ଷା ବିଭାଗ । ଉଭୟ ସ୍ନାତକ (ଯୁକ୍ତ ତିନି) ଓ ସ୍ନାତକୋତ୍ତର (ପିଜି) ନାମଲେଖା ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି । ସେଥିଲାଗି ଏପ୍ରିଲ ୨୦ ସୁଦ୍ଧା ପରୀକ୍ଷା ଓ ଜୁନ୍ ୧ ତାରିଖ ସୁଦ୍ଧା ଫଳ ପ୍ରକାଶ କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳସଚିବ ଓ କଲେଜ ଅଧକ୍ଷଙ୍କୁ ଚିଠି କରିଛି ଉଚ୍ଚଶିକ୍ଷା ବିଭାଗ ।

ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଯୁକ୍ତ ତିନି ଓ ପିଜି ନାମଲେଖା ପ୍ରକ୍ରିୟା ଆଗୁଆ ଆରମ୍ଭ ହେବ । ନୂଆ ଶିକ୍ଷାବର୍ଷରେ ନାମଲେଖା ଓ ପାଠପଢ଼ାରେ ଯେପରି ବିଳମ୍ବ ନହୁଏ ସେଥିଲାଗି ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି । ପିଜି ନାମଲେଖା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା-୨୦୨୬ ଆଗୁଆ କରାଯିବ । ସେଥିଲାଗି ସମସ୍ତ ସ୍ନାତକ ଶେଷ ବର୍ଷ ସେମିଷ୍ଟର ଅର୍ଥାତ୍ ଚୂଡ଼ାନ୍ତ ପରୀକ୍ଷା ଏପ୍ରିଲ୍ ୩୦ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ଜୁନ୍ ୧ ତାରିଖ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମସ୍ତ ବ୍ୟାକ୍ ପେପରର ଫଳ ପ୍ରକାଶ କରିବାକୁ କୁହାଯାଇଛି । ପିଜି ନାମଲେଖା ପାଇଁ ଗତ ବର୍ଷ ୪୯ଟି ବିଷୟ ଥିଲା । ଏବର୍ଷ ମଧ୍ୟ ପ୍ରାୟ ସମାନ ବିଷୟରେ ନାମଲେଖା ପାଇଁ ତାଲିକା ପ୍ରସ୍ତୁତ ହେବ । ସିପିଇଟିକୁ ରାଜ୍ୟ ପ୍ରବରଣ ମଣ୍ଡଳ (ଏସ୍‌ଏସ୍‌ବି) ପରିଚାଳନା କରିବ ଏବଂ ଫଳ ପ୍ରକାଶ କରିବ ।

### ଜିଲ୍ଲାପାଳଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ୍ ଘଟଣା

# ଆମେ ପ୍ରୋଟୋକଲ ବାସ୍ତବିକ କ'ଣ ରହିଛି ସେ ସମ୍ପର୍କରେ ଅବଗତ ହେବା ଆବଶ୍ୟକ : ଭର୍ତ୍ତୃହରି ମହତାବ

**କଟକ,୧୪/୨ ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲାପାଳଙ୍କ ବିରୋଧରେ ଆସିଛି ସ୍ୱାଧୀକାର ଭଙ୍ଗ ନୋଟିସ । ଉପ ରାଷ୍ଟ୍ରପତିଙ୍କ କଟକ ଗସ୍ତ ସମୟରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ଅଣଦେଖା କରାଯାଇଥିବାର ଯେଉଁ ଅଭିଯୋଗ ହୋଇଥିଲା, ତା ଉପରେ ହୁଏତ ଜିଲ୍ଲାପାଳଙ୍କୁ କୈଫତ ତଲବ ହୋଇପାରେ। କାରଣ ସଂସଦରେ ସାଂସଦ ଦେବାଶିଷ ଓ ଅନ୍ୟ ୬ଜଣ ସାଂସଦ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛନ୍ତି। ଯଦିଓ ଏବାବଦରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ଶିନ୍ଦେ ପୂର୍ବରୁ ସ୍ପଷ୍ଟୀକରଣ ଦେଇସାରିଛନ୍ତି। ସେପଟେ ସ୍ୱାଧିକାର ଭଙ୍ଗ ନୋଟିସ୍ ସମ୍ପର୍କରେ ପ୍ରତିକ୍ରିୟା ରଖିଛନ୍ତି ସାଂସଦ ଭର୍ତ୍ତୃହରି ମହତାବ। ଭର୍ତ୍ତୃହରି କହିଛନ୍ତି, ଆମେ ପ୍ରୋଟୋକଲ ବାସ୍ତବିକ କ'ଣ ରହିଛି ସେ ସମ୍ପର୍କରେ ଅବଗତ ହେବା ଆବଶ୍ୟକ। ଦେବାଶିଷ ବାବୁ ଯେହେତୁ ରାଜ୍ୟସଭାର ସାଂସଦ ଅଛନ୍ତି, ତେଣୁ କଟକ ତାଙ୍କ ସଂସଦୀୟ କ୍ଷେତ୍ର ନୁହେଁ ବୋଲି କହିଛନ୍ତି ଭର୍ତ୍ତୃହରି । ଦେବାଶିଷ ରାଜ୍ୟର ସାଂସଦ । ତେଣୁ ସେ କ୍ଷେତ୍ରରେ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ନିମନ୍ତ୍ରଣର ପ୍ରୋଟୋକଲ କ'ଣ କରିବା କଥା ସେ ନେଇ ଜିଲ୍ଲାପାଳ ତାଙ୍କ ପକ୍ଷ ରଖିବେ ବୋଲି କହିଛନ୍ତି ଭର୍ତ୍ତୃହରି। କିନ୍ତୁ ଏଭଳି କ୍ଷେତ୍ରରେ ପ୍ରୋଟୋକଲର ତର୍ଜମା ହେବା ଆବଶ୍ୟକ ବୋଲି ଭର୍ତ୍ତୃହରି ମତ ଦେଇଛନ୍ତି ।



### ନରସିଂହପୁର ଜଙ୍ଗଲରେ ଦନ୍ତା ହାତୀ ମୃତ

# ଗତ ୧୪ ମାସରେ ଗଲାଣି ୧୧ ହାତୀଙ୍କ ଜୀବନ

**ନରସିଂହପୁର, ୧୪।୨ ନ୍ୟୁଜ ବ୍ୟୁରୋ**

ନରସିଂହପୁର ପଶ୍ଚିମ ବନ ବିଭାଗ ଅଧୀନ ବାଲିକିଆରୀ ଜଙ୍ଗଲ କମ୍ପାଟମେଣ୍ଟ୍-୨ରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି । ମୃତ ହାତୀଟି ୫ରୁ ୬ବର୍ଷର ହେବ ବୋଲି ଅନୁମାନ କରାଯାଉଛି । ଦନ୍ତା ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ଗଣମାଧ୍ୟମକୁ ସୂଚନା ନ ଦେଇ ଘଟଣାକୁ ବନ ବିଭାଗ ଚପାଇ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି । ଏହି ହାତୀକୁ ମିଶାଇ ଚଳିତ ବର୍ଷ ଗୋଟିଏ ମାସରେ ଦୁଇଟି ହାତୀର ମୃତ୍ୟୁ ଘଟିଛି । ଗତ ୧୪ ମାସରେ ଉଭୟ ପୂର୍ବ ଏବଂ ପଶ୍ଚିମ ବନ ବିଭାଗ ଅଧୀନରେ ମୋଟ ୧୧ଟି ହାତୀଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଉଥିବା ବେଳେ ହାତୀ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହେବ ବୋଲି କୁହାଯାଉଛି । ଏବେ ବି ପଶ୍ଚିମ ବନ ବିଭାଗ ଅଧୀନ ବାଲିକିଆରୀ ଜଙ୍ଗଲରେ ଗୋଟିଏ ୫୦ରୁ ଅଧିକ ବର୍ଷର ମାଈ ହାତୀର ଚିକିତ୍ସା ଗତ ୨ ତାରିଖରୁ ଚାଲିଥିବା ବେଳେ ପୂର୍ବ ବନ ବିଭାଗ ଅଧୀନ ସେରମୁଣ୍ଡା ଜଙ୍ଗଲରେ ଅନ୍ୟ ଏକ ୫୦ ବର୍ଷର ଦନ୍ତା ଅସୁସ୍ଥ ଅବସ୍ଥାରେ ବୁଲୁଥିବା ଜଣାପଡ଼ିଛି ।

ସୂଚନା ମୁତାବକ, ବାଲିକିଆରୀ ଜଙ୍ଗଲରେ ଗତ ୧୨ତାରିଖରୁ ଦନ୍ତାହାତୀର ମୃତ୍ୟୁ ଘଟିଲାଣି। ଏ ସମ୍ପର୍କରେ ଜାଣିବା ପାଇଁ ଦୁଇଦିନ ହେଲା ବନ ବିଭାଗ ଅଧିକାରୀଙ୍କୁ ଏକାଧିକ ବାର ଯୋଗାଯୋଗ କରାଯାଇଥିଲା । ହେଲେ ସମ୍ପୃକ୍ତ ବନ ଅଧିକାରୀ ବିଭିନ୍ନ ଆଳ ଦେଖାଇ ଗଣମାଧ୍ୟମଠାରୁ ଦୂରେଇ ରହିବା ପାଇଁ ଉଦ୍ୟମ କରୁଥିବା ଜଣାପଡ଼ିଛି । ହାତୀ ମୃତ୍ୟୁ ଖବର ପାଇ ଅନୁଗୁଳ ଆରସିସିଏଫ୍ ସଞ୍ଜୟ କୁମାର ସ୍ୱାଇଁ, ଆଠଗଡ଼ ଡିଏଫ୍‌ଓ ଡ. ବିଶ୍ୱାଳ ଚିଚିଲିଚି, ନରସିଂହପୁର ଏସିଏଫ୍ ମନୋଜ ପାତ୍ର, ରେଞ୍ଜର ପ୍ରଦୀପ କୁମାର ନାୟକ, ଭୁବନେଶ୍ୱର ଜଏଣ୍ଟ ଟାସ୍କଫୋର୍ସ ଓ ନରସିଂହପୁର ପ୍ରାଣୀ ଚିକିତ୍ସା ଅଧିକାରୀ, ବନ ବିଭାଗ କର୍ମଚାରୀ ଶୁକ୍ରବାର ଘଟଣା ସ୍ଥଳରେ ପହଞ୍ଚି ହାତୀର ମୃତଦେହ ବ୍ୟବଚ୍ଛେଦ କରାଇଥିଲେ । ଏନେଇ ରେଞ୍ଜର ପ୍ରଦୀପ ନାୟକଙ୍କୁ ପଚାରିବାରୁ ଗୁରୁବାର ବିଳମ୍ବିତ ରାତି ହୋଇଯିବାରୁ ଖବର ଦେଇ ହେଲାନି ବୋଲି ସଫେଇ ଦେଇଛନ୍ତି ।

ସେହିପରି ବାଲିକିଆରୀ କମ୍ପାଟମେଣ୍ଟ-୯ରେ ଆଉ ଏକ ମାଈ ହାତୀର ଚିକିତ୍ସା ଗତ ୧୧ ଦିନ ହେଲା ବନ ବିଭାଗ ପକ୍ଷରୁ କରାଯାଉଛି । ପୂର୍ବ ବନ ବିଭାଗ ଅନ୍ତର୍ଗତ ସେରମୁଣ୍ଡା ଜଙ୍ଗଲରେ କିଛି ଦିନ ହେଲା ଗଣିଆ ନାମକ ୫୦ରୁ ଅଧିକ ବୟସର ଦନ୍ତା ହାତୀ ଅସୁସ୍ଥ ଅବସ୍ଥାରେ ବୁଲୁଥିବା ଜଣାପଡ଼ିଛି । ଏନେଇ ରେଞ୍ଜର କୁଳେସ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ହାତୀଟି ହିନ୍ଦୋଳ ଅଞ୍ଚଳରୁ କିଛି ଦିନ ପାଇଁ ଆମ ଏରିଆକୁ ପଳାଇ ଆସିଥିଲା। ଏବେ ପୁଣି ହିନ୍ଦୋଳ ଜଙ୍ଗଲକୁ ହାତୀଟି ପଳାଇଥିବା କହିଛନ୍ତି ରେଞ୍ଜର ଶ୍ରୀ ସାହୁ। ଗତ ଜାନୁଆରୀ ୧୪ ତାରିଖରେ ପଶ୍ଚିମ ବନ ବିଭାଗ ଅନ୍ତର୍ଗତ ବୀରସିଂହପୁର ନିକଟରେ ଗୋଟିଏ ମାଈ ହାତୀର ମୃତ୍ୟୁ ଘଟିଥିଲା । ଏହାର ବୟସ ୫୦ରୁ ଅଧିକ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ବର୍ଷ ଆରମ୍ଭରୁ ଏହି ଜଙ୍ଗଲରେ ଦୁଇଟି ହାତୀର ମୃତ୍ୟୁ ଘଟିଥିବା ବେଳେ ଏହାକୁ ମିଶାଇ ନରସିଂହପୁର ଉଭୟ ପୂର୍ବ ଓ ପଶ୍ଚିମ ବନ ବିଭାଗ ଅଧୀନରେ ଗତ ୧୪ ମାସରେ ୧୧ଟି ହାତୀଙ୍କର ମୃତ୍ୟୁ ଘଟିଛି । ସେଥିରୁ ୬ଟି ଦନ୍ତା ଓ ୫ଟି ମାଈ ହାତୀ ଥିବା ଜଣାପଡ଼ିଛି । ଏପରି ସ୍ଥିତି ଲାଗି ରହିଲେ କିଛି ବର୍ଷ ମଧ୍ୟରେ ଏହି ଜଙ୍ଗଲ ହାତୀ ଶୂନ୍ୟ ହୋଇଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି ।